ISSN-0971-8397

# ଯୋଜନା

ମାର୍ଚ୍ଚ ୨୦୧୯ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

## ବିକାଶ


ଭାରତରେ ସମାବେଶୀ ଆର୍ଥିକ ବିକାଶ
କେ ଡି ଅଗ୍ରୱାଲ

ସ୍ୱାସ୍ଥ୍ୟ ଓ ଭାରତର ବିକାଶ
ଚନ୍ଦ୍ରକାନ୍ତ ଲହରିଆ

ଯୁବ ସମାଜର ନିରନ୍ତର ଓ ସମଭାଗୀ ବିକାଶ
ଯତୀନ୍ଦ୍ର ସିଂହ

ବିଶେଷ ପ୍ରସଙ୍ଗ
ସାର୍ବଜନୀନ ବିକାଶଧାରାରେ ସାମାଜିକ ସମ୍ପୃକ୍ତି
ମୁନିରାଜୁ ଏସ୍.ବି


ଫୋକସ୍
ମଧ୍ୟବର୍ତ୍ତୀ ବଜେଟ: ବୃହତ୍ତର ଲକ୍ଷ୍ୟ ହାସଲ ପାଇଁ ଉଦ୍ୟମ
ଶିଶିର ସିହ୍ନା



**ମଧ୍ୟବର୍ତ୍ତୀକାଳୀନ ବଜେଟ୍ ୨୦୧୯-୨୦**

# ଟଙ୍କାଟିଏ ଆସେ କେମିତି


## ବଜେଟ୍ ୨୦୧୯-୨୦




*ଦ୍ରଷ୍ଟବ୍ୟ: ସମଗ୍ର ଆୟରେ ରାଜ୍ୟଗୁଡ଼ିକର ଟିକସ ଅଂଶ ସମାହିତ ହୋଇଛି*

# ଟଙ୍କାଟିଏ ଯାଏ କୁଆଡ଼େ

## ବଜେଟ୍ ୨୦୧୯-୨୦




*ଦ୍ରଷ୍ଟବ୍ୟ: ସମଗ୍ର ବ୍ୟୟରେ ଟିକସ ଓ କର ଆଦିର ରାଜ୍ୟାଂଶ ସମାହିତ*

ମାର୍ଚ୍ଚ ୨୦୧୯

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ): ଭି. କେ. ମିନା
ପ୍ରଚ୍ଛଦପଟ୍ଟ: ଗଜାନନ ପ୍ର. ଥୋପେ

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଶମୀମା ସିଦ୍ଦିକୀ
ବରିଷ୍ଠ ସଂପାଦକ ଓ ଉପନିର୍ଦ୍ଦେଶକ: ଡକ୍ଟର ଗିରିଶ ଚନ୍ଦ୍ର ଦାଶ
ସମ୍ପାଦକ: ମନୋଜ କୁମାର ଜାଲି

ଷଡ଼ବିଂଶ ବର୍ଷ / ଷଷ୍ଠ ସଂଖ୍ୟା

## ଏ ସଂଖ୍ୟାରେ...

| ବିଷୟ/ଲେଖକ | ପୃଷ୍ଠା |
|---|---|
| ● ସମ୍ପାଦକୀୟ | ୪ |
| ● ଭାରତରେ ସମାବେଶୀ ଆର୍ଥିକ ବିକାଶ<br>*କେ.ଡି. ଅଗ୍ରୱାଲ* | ୫ |
| ● ସ୍ୱାସ୍ଥ୍ୟ ଓ ଭାରତର ବିକାଶ<br>*ଚନ୍ଦ୍ରକାନ୍ତ ଲହରିୟା* | ୯ |
| ● ଯୁବ ସମାଜର ନିରନ୍ତର ଓ ସମଭାଗୀ ବିକାଶ<br>*ଯତୀନ୍ଦ୍ର ସିଂହ* | ୧୪ |
| ● ବିଶେଷ ପ୍ରସଙ୍ଗ:<br>ସାର୍ବଜନୀନ ବିକାଶଧାରାରେ ସାମାଜିକ ସମ୍ପୃକ୍ତି<br>*ମୁନିରାଜୁ ଏସ୍.ବି* | ୧୮ |
| ● ଫୋକସ୍: ମଧ୍ୟବର୍ତ୍ତୀ ବଜେଟ:<br>ବୃହତ୍ତର ଲକ୍ଷ୍ୟ ହାସଲ ପାଇଁ ଉଦ୍ୟମ<br>*ଶିଶିର ସିହ୍ନା* | ୨୬ |

| ବିଷୟ/ଲେଖକ | ପୃଷ୍ଠା |
|---|---|
| ● ଭାରତରେ ମହିଳାଙ୍କ ବିକାଶ<br>*ଶାହିନ୍ ରାଜି* | ୩୧ |
| ● ଶିକ୍ଷା କ୍ଷେତ୍ରରୁ ଅସମତା ଦୂର ପାଇଁ ପ୍ରୟାସ<br>*ଶୈଳେନ୍ଦ୍ର ଶର୍ମା, ଡଃ ଶଶୀରଞ୍ଜନ ଝା* | ୩୭ |
| ● ସୁଶାସନ ମାଧ୍ୟମରେ ସମସ୍ତଙ୍କର ବିକାଶ<br>*ଡଃ ଯୋଗେଶ ସୁରି, ଦେଶଗୌରବ ଶେଖରି* | ୪୨ |
| ● ଟିକସଦାତାଙ୍କୁ ବଜେଟରେ ଉଲ୍ଲେଖନୀୟ ରିଆତି<br>*ଟି.ଏନ୍. ଅଶୋକ* | ୪୭ |
| ● ଆପଣ ଜାଣନ୍ତି କି ? | ୪୯ |

*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।



ସମ୍ପାଦକୀୟ...

# ବିକାଶର ଚିତ୍ରପଟ

ଭିନ୍ନଭିନ୍ନ ପରିବେଶ ଓ ପରିସ୍ଥିତିରେ ବିକାଶ ଶବ୍ଦର ପରିଭାଷା ଅଲଗା ଅଲଗା। ଏକ ମଣିଷର ବିକାଶ କହିଲେ ଏହା ତାହାର ଶାରୀରିକ ଓ ମାନସିକ ଉନ୍ନତିକୁ ବୁଝାଏ। ଜଣେ ଗବେଷକ ପାଇଁ ଏକ ବିଚାର ବା ତତ୍ତ୍ୱର ବିକାଶ ଭିନ୍ନ ଅର୍ଥ ବୁଝାଇଥିବାବେଳେ ଜଣେ କୋରିଓଗ୍ରାଫର ବା ନୃତ୍ୟ ପ୍ରଶିକ୍ଷକ ପାଇଁ ମୌଳିକ ବିଷୟ (ଥିମ୍)ର ବିକାଶ ସମ୍ପୂର୍ଣ୍ଣ ଭିନ୍ନ।

ଗୋଟିଏ ରାଷ୍ଟ୍ର ପାଇଁ ବିକାଶର ଅର୍ଥ ବ୍ୟାପକ ଏବଂ ଏହା ବିଭିନ୍ନ କ୍ଷେତ୍ର ସହ ସମ୍ପୃକ୍ତ। ଏହାର ଅର୍ଥ ଦେଶର ଅର୍ଥନୀତି ଓ ଏଥିସହିତ ସମ୍ପୃକ୍ତ ବିଭିନ୍ନ କ୍ଷେତ୍ର, ସାଧାରଣ ମଣିଷର ଦୈନନ୍ଦିନ ଜୀବନ ସହ ସଂଯୁକ୍ତ ବିଭିନ୍ନ ପ୍ରସଙ୍ଗ, ଶିଶୁବିକାଶ, ଲିଙ୍ଗଗତ ନ୍ୟାୟ, ସମାବେଶୀ ଅଭିବୃଦ୍ଧି ଓ ବିଭିନ୍ନ ସାମାଜିକ କ୍ଷେତ୍ରର ପ୍ରଗତି ଆଦି ବିକାଶର ପରିସରଭୁକ୍ତ।

ଗୋଟିଏ ଦେଶର ଆର୍ଥିକ ପ୍ରଗତିର ମୂଳାଧାର ହେଲା ଆର୍ଥିକ ସମାବେଶୀକରଣ। ଏହାର ଅର୍ଥ ସବୁବର୍ଗର ଲୋକଙ୍କୁ ଆର୍ଥିକ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରି ସେମାନଙ୍କ ସ୍ଥିତିରେ ଉନ୍ନତି ଆଣିବା। ଗ୍ରାମାଞ୍ଚଳର ଜଣେ ନିରକ୍ଷର ବ୍ୟକ୍ତି ଆର୍ଥିକ ବ୍ୟାପାର ପ୍ରସଙ୍ଗରେ ଜାତୀୟ ମୁଖ୍ୟ ଧାରାରେ ସାମିଲ ନ ହେବା ଯାଏ ଆର୍ଥିକ ପ୍ରଗତି ହାସଲ କରିହେବ ନାହିଁ ଓ ଏହା କେବଳ ଅର୍ଥନୈତିକ ସର୍ଭେ ଓ ବଜେଟ ନଥିରେ ସୀମିତ ହୋଇ ରହିବ। ସାଧାରଣ ଜନତାଙ୍କୁ ଆର୍ଥିକ ବ୍ୟବସ୍ଥାର ପରିସରଭୁକ୍ତ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏହାର ଲକ୍ଷ୍ୟ ହେଲା ସବୁ ଲୋକଙ୍କୁ ଆର୍ଥିକ ବିକାଶ ପ୍ରକ୍ରିୟାରେ ସାମିଲ କରି ଦେଶକୁ ପ୍ରଗତି ପଥରେ ଆଗେଇ ନେବା।

ସୁଶାସନ ଜାତୀୟ ବିକାଶର ଆଉ ଏକ ପ୍ରମୁଖ କ୍ଷେତ୍ର। ଶାସନ ଠିକ୍ ନ ରହିଲେ ଯେଉଁସବୁ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ ହେଉଛି ତାହା ଉଦ୍ଦିଷ୍ଟବର୍ଗ ବା ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁବିକାଶ, ଆଞ୍ଚଳିକ ଉନ୍ନୟନ, ବିଚାର ବ୍ୟବସ୍ଥା, ଆଇନ, ପୁଲିସ ଓ ପ୍ରଶାସନରେ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ସଂସ୍କାରର ଆବଶ୍ୟକତା ରହିଛି।

ସ୍ୱାସ୍ଥ୍ୟସେବା ଏକ ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖେ। ସ୍ୱାସ୍ଥ୍ୟ ସେବାର ସର୍ବାଙ୍ଗୀଣ ଉନ୍ନତି ସହ ଏହା ଯେପରି ଦରିଦ୍ରରୁ ଦରିଦ୍ରତମ ଲୋକଙ୍କ ପାଖରେ ଦେଶର ପ୍ରତ୍ୟେକ ଅପହଞ୍ଚ, ଅଗମ୍ୟ ଅଞ୍ଚଳରେ ପହଞ୍ଚେ ତାହା ଗୁରୁତ୍ୱପୂର୍ଣ୍ଣ। ଏହାକୁ ନିଶ୍ଚିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

ରାଷ୍ଟ୍ରୀୟ ପ୍ରଗତିର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ହେଲା ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କୁ ବିକାଶର ଲାଭରେ ଭାଗୀଦାର କରିବା। ତଫସିଲଭୁକ୍ତ ଜାତି, ଉପଜାତି, ଅନଗ୍ରସରବର୍ଗ, ବିଜ୍ଞପିତ ଓ ବିଜ୍ଞପ୍ତିମୁକ୍ତ ଉପଜାତି, ଯାଯାବର, ସଫାଇ କର୍ମଚାରୀ ଓ ଧାର୍ମିକ ସଂଖ୍ୟାଲଘୁ ଆଦିଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ କରି ଏହାର ଲାଭରେ ଭୁକ୍ତଭୋଗୀ କରିବାକୁ ପଡ଼ିବ। ସେଥିପାଇଁ ଦେଶର ସମ୍ବିଧାନରେ ନାନାବିଧ ବ୍ୟବସ୍ଥା କରାଯାଇଛି ଏବଂ ଏହିସବୁ ବର୍ଗ ଏହାଦ୍ୱାରା ସୁରକ୍ଷିତ। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି, ଆର୍ଥିକ ବିକାଶ ଓ ସର୍ବାଙ୍ଗୀଣ ଉନ୍ନତି ପାଇଁ ରାଷ୍ଟ୍ର ପକ୍ଷରୁ ବିବିଧ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ଏହି ବର୍ଗଙ୍କ ବିକାଶ ପାଇଁ ରାଷ୍ଟ୍ର ନାନାଭାବେ ସକାରାତ୍ମକ ହସ୍ତକ୍ଷେପ କରୁଛି।

ଯୁବସମାଜ ଗୋଟିଏ ରାଷ୍ଟ୍ରର ଭବିଷ୍ୟତ ଏବଂ ଦେଶର ପ୍ରଗତି ପାଇଁ ସେମାନଙ୍କୁ ସଶକ୍ତ ଓ ସୁଦକ୍ଷ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତରେ ପ୍ରଚୁର ଲୋକଶକ୍ତି ରହିଛି ଓ ବିପୁଳ ଜନସଂଖ୍ୟାର ଲାଭ ଭାରତ ଏବେ ବିଭିନ୍ନ କ୍ଷେତ୍ରରେ ଉଠାଉଛି। ଯୁବବର୍ଗର ଦକ୍ଷତା ବିକାଶ କରି ସେମାନଙ୍କୁ ନିଯୁକ୍ତି ଓ ରୋଜଗାରର ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଯୋଗାଇଦେଲେ ସେମାନଙ୍କର ଉନ୍ନତି ସହ ରାଷ୍ଟ୍ରର ଉନ୍ନତି ଘଟିବ। ଏହାକୁ ନଜରରେ ରଖି ସରକାର ଶିକ୍ଷା, ତାଲିମ, ଦକ୍ଷତା ବିକାଶ, ନିଯୁକ୍ତି ଓ ସ୍ୱରୋଜଗାର ସୃଷ୍ଟି ଭଳି ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ଯୁବଶକ୍ତିର ବିକାଶ ଏବେ ସମୟର ଆବଶ୍ୟକତା ପାଲଟିଛି।

ରାଷ୍ଟ୍ରୀୟ ବିକାଶରେ ଲିଙ୍ଗଗତ ନ୍ୟାୟ ଓ ମହିଳା ସଶକ୍ତୀକରଣର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ। ଏହାକୁ ନିଶ୍ଚିତ କରିବାକୁ ସରକାର ପ୍ରୟାସୀ। ଏବେ ମହିଳା ବିକାଶ ଆଉ ସ୍ଲୋଗାନ ହୋଇ ରହିନାହିଁ; ଏହା ମହିଳାଙ୍କ ନେତୃତ୍ୱରେ ପରିଚାଳିତ ବିକାଶ ସ୍ଲୋଗାନରେ ରୂପାନ୍ତରିତ ହୋଇଛି। ଜନ୍ମପୂର୍ବ ଓ ପରବର୍ତ୍ତୀ ଯତ୍ନ, ଗର୍ଭାବସ୍ଥା ସମୟରେ ସ୍ୱାସ୍ଥ୍ୟ ସେବା ଯୋଗାଣ, ମହିଳା, ଶିଶୁ ଓ କନ୍ୟାସନ୍ତାନମାନଙ୍କ ପାଇଁ ସ୍ୱତନ୍ତ୍ର ପୁଷ୍ଟିସାଧନ ବ୍ୟବସ୍ଥା, ପ୍ରସୂତି ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସେବା ଯତ୍ନ ଯୋଗାଣ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଭାରତରେ କାର୍ଯ୍ୟକାରୀ ହେଉଛି। ଦେଶରେ ମହିଳାମାନେ ପ୍ରତିରକ୍ଷା ବାହିନୀ, ଚିକିତ୍ସା, ଅର୍ଥବ୍ୟାପାର, ବିଜ୍ଞାନ ଓ ପ୍ରଯୁକ୍ତି ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରୁଛନ୍ତି। ଏପରିକି ଅଟୋରିକ୍ସା, ଭାରି ଗାଡ଼ି ଓ ବିମାନ ଚାଳନା ଭଳି ଯେଉଁ ସବୁ ପୁରୁଷ ପ୍ରଧାନ କ୍ଷେତ୍ର ଥିଲା ମହିଳାମାନେ ମଧ୍ୟ ସେଠାରେ ନିଜର ଉପସ୍ଥିତି ଜାହିର କଲେଣି।

ଶିକ୍ଷା ଓ ଶିଶୁ ବିକାଶ, ବୟସ୍କ ବର୍ଗର ଲୋକଙ୍କୁ ସୁଖଶାନ୍ତିରେ ରଖିବା ରାଷ୍ଟ୍ରୀୟ ପ୍ରଗତିର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏ କ୍ଷେତ୍ରରେ ମଧ୍ୟ ଭାରତ ପଛରେ ପଡ଼ିନାହିଁ।

ଜାତିର ପିତା ମହାତ୍ମା ଗାନ୍ଧୀ କହିଥିଲେ, "ତୁମେ ଦେଖିଥିବା ସେଇ ଦରିଦ୍ରତତମ ଓ ସବୁଠୁ ଦୁର୍ବଳ ଲୋକଟିର ମୁହଁକୁ ମନେ ପକାଅ ଏବଂ ନିଜକୁ ଥରେ ପ୍ରଶ୍ନ କର ଯେ ମୁଁ ଯେଉଁ କାମ କରୁଛି ତାହା ସେଇ ଲୋକଟିର କିଛି ଉପକାରରେ ଆସିବ ତ ?" ଏହି କଥାଟି ସମୁଦାୟ ବିକାଶର ବାର୍ତ୍ତାକୁ ବୁଝାଉଛି। ଏହା ଆମ ବିକାଶ ନୀତିର ଆଧାରଶୀଳା ହେବା ଆବଶ୍ୟକ।

# ଭାରତରେ ସମାବେଶୀ ଆର୍ଥିକ ବିକାଶ

ଜେ.ଡି. ଅଗ୍ରୱାଲ

ଆର୍ଥିକ ବିକାଶ ଆର୍ଥିକ ସ୍ଥିତି, ଉପଲବ୍ଧତା, ଦକ୍ଷତା ଓ ସ୍ଥିରତା ସହ ସଂପୃକ୍ତ। ଏଥିରେ ବିତ୍ତୀୟ ଅନୁଷ୍ଠାନ, ଆର୍ଥିକ ସାମଗ୍ରୀ ଓ ଉପଯୁକ୍ତ ଆର୍ଥିକ ବଜାରର ସୁବିଧା ମଧ୍ୟ ସଂଯୁକ୍ତ। ଭାରତରେ ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଦେଶର ସବୁ ନାଗରିକଙ୍କୁ ଆର୍ଥିକ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ସହ ସେମାନଙ୍କ ଜୀବନରେ ଉନ୍ନତି ଆଣି ଦାରିଦ୍ର୍ୟ ଦୂରୀକରଣ, ଅଭିବୃଦ୍ଧିର ବେଗ ବୃଦ୍ଧି ଓ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବାକୁ ଉଦ୍ୟମ ଅବ୍ୟାହତ ରହିଛି। ବଞ୍ଚିତ, ଉପେକ୍ଷିତ ଓ ଦରିଦ୍ର ଲୋକମାନେ ଯଦି ଆର୍ଥିକ ବ୍ୟବସ୍ଥାର ବାହାରେ ରହିଯିବେ ଏବଂ ଅଭିବୃଦ୍ଧିର ସୁଫଳରୁ ବଞ୍ଚିତ ହେବେ ତେବେ ଦେଶର ପ୍ରକୃତ ଉନ୍ନତି ହୋଇପାରିବ ନାହିଁ। ତାହାକୁ ଦୃଷ୍ଟିରେ ରଖି ଆର୍ଥିକ ବିକାଶରେ ସମସ୍ତଙ୍କୁ ସାମିଲ କରି ଏହାକୁ ସମାବେଶୀ କରିବାକୁ ଉଦ୍ୟମ ଚାଲିଛି।

ସାଧାରଣ ଭାବେ ଆମେ ଜାଣୁ ଯେ ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ସମାଜର ଦୁର୍ବଳ, ଦରିଦ୍ର ଓ ବଞ୍ଚିତ ବର୍ଗଙ୍କୁ ଆର୍ଥିକ ସେବା ଓ ଆବଶ୍ୟକତା ଅନୁସାରେ କୋହଳ ସୁଧ ହାରରେ ଋଣଯୋଗାଇ ଦିଆଯାଇଥାଏ। ଏହାର ଅର୍ଥ ଏହି ବର୍ଗର ଲୋକଙ୍କୁ ଆର୍ଥିକ କାରବାର, ଦେୟ ପ୍ରଦାନ, ଜମା, ଋଣ, ପେନ୍‌ସନ୍ ଓ ବୀମା ଆଦି କ୍ଷେତ୍ରରେ ଦାୟିତ୍ୱପୂର୍ଣ୍ଣ ଏବଂ ନିରନ୍ତର ଭାବେ ଆର୍ଥିକ ସେବା ଯୋଗାଣର ଆବଶ୍ୟକତା ରହିଛି। ସେମାନେ ଏସବୁ ସୁବିଧା ଯେପରି ଆନୁଷ୍ଠାନିକ ବ୍ୟାଙ୍କ ବ୍ୟବସ୍ଥାରେ ପାଇବେ ତାହାକୁ ନିଶ୍ଚିତ କରିବାକୁ ହେବ। ବ୍ୟାଙ୍କରେ ସେମାନଙ୍କର ଜମା ଖାତା ଖୋଲିବାକୁ ପଡ଼ିବ ଏବଂ ଏଥିପାଇଁ ଦୂରଦୂରାନ୍ତ ଓ ଅଗମ୍ୟ ଅଞ୍ଚଳରେ ମଧ୍ୟ ବ୍ୟାଙ୍କ ସେବା ପହଞ୍ଚାଇବାକୁ ହେବ। ସବୁ ବର୍ଗଙ୍କ ଆବଶ୍ୟକତା






ପୂରଣ ପାଇଁ ପ୍ରତି ଏକହଜାର ଜନସଂଖ୍ୟା ଅନୁସାରେ ବ୍ୟାଙ୍କ ଶାଖା ଖୋଲିବା, ବ୍ୟାଙ୍କରେ ଖୋଲୁଥିବା ଜମାଖାତାର ପରିମାଣ, ଋଣ ପ୍ରଦାନ, ଜମା ସଂଗ୍ରହ ଓ ଅନ୍ୟାନ୍ୟ ବିଷୟକୁ ମଧ୍ୟ ବିଚାରକୁ ନେବାକୁ ପଡ଼ିବ।

ଆର୍ଥିକ ସମାବେଶୀ ପ୍ରକ୍ରିୟା ଆର୍ଥିକ ବ୍ୟବସ୍ଥାରେ ସଂପୃକ୍ତ ହେବାକୁ ବାଟ ଫିଟାଏ। ଏହାଦ୍ୱାରା ଲୋକେ ଆର୍ଥିକ ଓ ଭୌତିକ ସମ୍ପତ୍ତି ବଢ଼ାଇବାର ସୁଯୋଗ ପାଆନ୍ତି। ଲୋକେ ଅସୁବିଧା ସମୟ ଓ ବାର୍ଦ୍ଧକ୍ୟ ଅବସ୍ଥା ପାଇଁ ମଧ୍ୟ ଅର୍ଥ ସଂଚୟ କରନ୍ତି। ଏହାଦ୍ୱାରା ଦାରିଦ୍ର୍ୟ ହ୍ରାସ ପାଏ ଓ ଆର୍ଥିକ ଅସମତା ଦୂର ହୁଏ। ଆର୍ଥିକ ସମାବେଶୀ ପ୍ରକ୍ରିୟା ମଧ୍ୟ ବୀମା ବ୍ୟବସ୍ଥା ଭଳି ଆର୍ଥିକ ସେବା ଯୋଗାଣ ନିମନ୍ତେ ବାଟ ଫିଟାଏ। ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥା ସହ ଅଧିକରୁ ଅଧିକ ଲୋକ ସାମିଲ ହେଲେ ବ୍ୟାଙ୍କ କାରବାର ବଢ଼େ। ଲୋକେ ନିରାପଦରେ ବ୍ୟାଙ୍କରେ ଟଙ୍କା ଜମାରଖି ସୁଧ ପାଆନ୍ତି, ନଗଦ କାରବାର ହ୍ରାସ ପାଏ ଓ କଳାଧନକୁ ରୋକିବା ସହଜ ହୁଏ। ଏହି ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଥାଏ ଓ ଦୁର୍ନୀତି କମ୍‌ହୁଏ। ଆବଶ୍ୟକ ସ୍ଥଳେ ବୀମା ସୁବିଧା ମଧ୍ୟ ମିଳେ। ସର୍ବୋପରି ସାଧାରଣ ଲୋକ ଏହା ମାଧ୍ୟମରେ ଦେଶର ସର୍ବସାଧାରଣ ସମ୍ବଳ ଉପରେ ନିଜର ଅଧିକାର ବିଧିବଦ୍ଧ ଜାହିର କରିପାରନ୍ତି।

ଏକ ହିସାବ ଅନୁସାରେ ବିଶ୍ୱବ୍ୟାପୀ ୧୭୦କୋଟି ପ୍ରାପ୍ତ ବୟସ୍କ ଲୋକ ଅଛନ୍ତି ଯେଉଁମାନଙ୍କର ମୌଳିକ ବ୍ୟାଙ୍କ ଖାତା ନାହିଁ। ଅର୍ଥାତ୍ ବିଶ୍ୱର ପ୍ରାପ୍ତ ବୟସ ୩୧% ଲୋକ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ବାହାରେ ରହିଛନ୍ତି। ତେଣୁ ସେମାନେ ଆର୍ଥିକ ସେବାର ଲାଭ ପାଆନ୍ତି ନାହିଁ। ଭାରତରେ ମୋଟ ୨୧ଶତାଂଶ ଲୋକଙ୍କର ବ୍ୟାଙ୍କ ଆକାଉଣ୍ଟ ନାହିଁ। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ଓ ରିଜର୍ଭ ବ୍ୟାଙ୍କ ବିନା ଜମାରେ ବା ନାମକୁମାତ୍ର ଜମାରେ ସହଜରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ବ୍ୟବସ୍ଥା କରିଛନ୍ତି। ନୋ ଫ୍ରିଲ ଆକାଉଣ୍ଟ, ଜମାଖାତା ଉପରେ ଓଭରଡ୍ରାଫ୍ଟ ପ୍ରଦାନ ଭିତ୍ତିକ ଆକାଉଣ୍ଟ, ବିସିବିଏଫ୍ ମଡେଲ, ଏକସିସି/ଜିସିସି ଗାଇଡ୍‌ଲାଇନ୍ସ, ନୂଆ ବ୍ୟାଙ୍କ ଶାଖା ଖୋଲିବାକୁ କୋହଳ ନୀତି, ପ୍ରିପେଡ୍ କାର୍ଡ, ମୋବାଇଲ ବ୍ୟାଙ୍କିଙ୍ଗ୍ ଆଦି ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କ ସମୂହଙ୍କୁ ବୀମାଭଳି ଆର୍ଥିକ ସେବା ଓ ସାମଗ୍ରୀ ଯୋଗାଇଦେବାର ଅନୁମତି ଦିଆଯାଇଛି। ବ୍ୟାଙ୍କ ସେବାରେ ନୂଆ ଜ୍ଞାନକୌଶଳ ଉପଯୋଗ କରାଯିବା ସହିତ ଲୋକଙ୍କୁ ଆର୍ଥିକ ସାକ୍ଷର କରିବାକୁ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କୋର୍ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା, ଏନ୍‌ଇଏଫ୍‌ଟି, ଏନ୍‌ଇସିଏସ୍, ଆଇଏମ୍‌ପିଏସ୍ ଓ ଆଧାରଭିତ୍ତିକ ପେମେଣ୍ଟ ବ୍ୟବସ୍ଥା ସେଥିମଧ୍ୟରୁ ଅନ୍ୟତମ।

ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଲୋକଙ୍କୁ ଆର୍ଥିକ ବ୍ୟବସ୍ଥାରେ ଆନୁଷ୍ଠାନିକ ଭାବେ ସାମିଲ କରିବାର ଏକ ବଡ଼ କାର୍ଯ୍ୟକ୍ରମ। ଏଥିରେ କୌଣସି ଜମା ନ ରଖି ବ୍ୟାଙ୍କରେ ଖାତା ଖୋଲିବାର ବ୍ୟବସ୍ଥା ରହିଛି। ୨୦୧୯ ଜାନୁଆରୀ ୨୩ ତାରିଖ ସୁଦ୍ଧା ଏହି ଯୋଜନାରେ ଦେଶରେ ୩୪.୦୩କୋଟି ବ୍ୟାଙ୍କ ଆକାଉଣ୍ଟ ଖୋଲିଛି। ଏହା ଫଳରେ ସଂପୃକ୍ତ ଲୋକ ବିଭିନ୍ନ ସରକାରୀ ଯୋଜନାର ଆର୍ଥିକ ଲାଭ ସିଧାସଳଖ ପାଉଛନ୍ତି ଏବଂ ସେମାନଙ୍କର ପ୍ରାପ୍ୟ ସେମାନଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଛି। ଏହି ଖାତାଧାରୀଙ୍କ ମଧ୍ୟରୁ ୨୦.୧୪ କୋଟି ଲୋକ ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳର ବାସିନ୍ଦା। ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଆକାଉଣ୍ଟଧାରୀ ମୌଳିକ ଜମାଖାତା ସୁବିଧା ସହ ଆବଶ୍ୟକତା ଭିତ୍ତିକ ଋଣ, ଟଙ୍କା ଦେଣନେଣ, ବୀମା ଓ ପେନ୍‌ସନ୍ ସୁବିଧା ମଧ୍ୟ ପାଉଛନ୍ତି। ଏହା ଆର୍ଥିକ ଦୁର୍ବଳ ଶ୍ରେଣୀ ଓ ସ୍ୱଳ୍ପ ରୋଜଗାର କରୁଥିବା ଲୋକଙ୍କ ପାଇଁ ବିଶେଷ






ସହାୟକ ହୋଇଛି । ଯେଉଁମାନେ ଜମାଖାତାରେ ଟଙ୍କା ସଞ୍ଚୟ କରୁଛନ୍ତି ସେମାନଙ୍କୁ ତା'ଉପରେ ସୁଧ ଓ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା ସୁବିଧା ମିଳୁଛି । ଏହି ଆକାଉଣ୍ଟରେ ସର୍ବନିମ୍ନ ଅର୍ଥ ଜମା ରଖିବାର ବ୍ୟବସ୍ଥା ନାହିଁ । ତା'ଛଡ଼ା ଖାତାଧାରୀଙ୍କୁ ୩୦ହଜାର ଟଙ୍କାର ଜୀବନ ବୀମା ସୁବିଧା, ଛ'ମାସ ପାଇଁ ଓଭରଡ୍ରାଫ୍ଟ, ପେନ୍‌ସନ୍ ଓ ରୁପେ କାର୍ଡ ଆଦିର ସୁବିଧା ଯୋଗାଇ ଦିଆଯାଉଛି ।

ଆର୍ଥିକ ସମାବେଶୀ ପ୍ରକ୍ରିୟାର ଅଂଶ ସ୍ୱରୂପ ମୁଦ୍ରା ଯୋଜନାରେ ନିଯୁକ୍ତି ସୃଷ୍ଟିର ବ୍ୟବସ୍ଥା କରାଯାଇଛି । କ୍ଷୁଦ୍ର ଓ ଦରିଦ୍ର ଉଦ୍ୟୋଗୀଙ୍କୁ ନିଜର ଧନ୍ଦା ଆରମ୍ଭ କରିବା ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଏହାଛଡ଼ା ଅଟଳ ପେନ୍‌ସନ୍ ଯୋଜନାରେ ଲୋକଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ସହ ସେମାନଙ୍କୁ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାରେ ସାମିଲ କରାଯାଇଛି । ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ମଧ୍ୟ ଏ ଦିଗରେ ଆଉ ଦୁଇଟି ଆର୍ଥିକ ସମାବେଶୀ ପଦକ୍ଷେପ ।

ବିମୁଦ୍ରାୟନ ଓ ଜିଏସ୍‌ଟି ପ୍ରବର୍ତ୍ତନ ପରେ ଡିଜିଟାଇଜେସନର ପ୍ରସାର ଘଟିଛି ଏବଂ ନଗଦ ଅପେକ୍ଷା ଲୋକେ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଓ ମୋବାଇଲ ବ୍ୟାଙ୍କିଙ୍ଗ୍ ଉପରେ ଅଧିକ ନିର୍ଭର କରିଛନ୍ତି । ଏହି ଅବସରରେ ଦେଶର ୧.୫ଲକ୍ଷ ଡାକଘରକୁ ପେମେଣ୍ଟ ବ୍ୟାଙ୍କରେ ପରିଣତ କରାଯାଇ ଦୂର ଦୂରାନ୍ତ ଅଞ୍ଚଳରେ ବ୍ୟାଙ୍କ ସେବା ଯୋଗାଇ ଦିଆଯାଉଛି ।

୨୦୧୯ର ଅନ୍ତରୀଣ ବଜେଟରେ ଦେଶର ୧୨କୋଟିରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଆର୍ଥିକ ସହାୟତା ଆକାରରେ ପ୍ରତ୍ୟେକଙ୍କୁ ବାର୍ଷିକ ୬୦୦୦ ଟଙ୍କା ଲେଖାଏଁ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଏହି ଅର୍ଥ ସଂପୃକ୍ତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଯିବ । ଏହାଛଡ଼ା ଶ୍ରମିକଙ୍କ ପାଇଁ ଘୋଷିତ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନାରେ

ଆର୍ଥିକ ସମାବେଶୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଓ ସଫଳ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ବିଶେଷ ସାହାଯ୍ୟ ସହଯୋଗ ଯୋଗାଇଦେଉଛି । ଅଗ୍ରାଧିକାର କ୍ଷେତ୍ର ଋଣ ଯୋଗାଣ ଉପରେ କେନ୍ଦ୍ରୀୟ ବ୍ୟାଙ୍କ ଗୁରୁତ୍ୱ ପ୍ରଦାନ କରୁଛି ଏବଂ ଦରିଦ୍ର ଓ ଅବହେଳିତ ଲୋକେ ଯେପରି ବିଭିନ୍ନ ଯୋଜନାରେ ସାମିଲ ହୋଇ ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥାର ପରିସରଭୁକ୍ତ ହେବେ ସେଥିପାଇଁ ଉଦ୍ୟମ ଜାରି ରଖିଛି । ଛୋଟ ଉଦ୍ୟୋଗୀ, ଗ୍ରାମ୍ୟ କାରିଗର, ଶିଳ୍ପୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବିକାଶ ଏବଂ ଆର୍ଥିକ ଦୃଷ୍ଟିରୁ ସେମାନଙ୍କୁ ଆତ୍ମନିର୍ଭର କରିବାକୁ ରିଜର୍ଭ ବ୍ୟାଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏମାନଙ୍କୁ ଋଣ ପ୍ରଦାନ ଏବେ ଅଗ୍ରାଧିକାର କ୍ଷେତ୍ରର ଅନ୍ତର୍ଭୁକ୍ତ ହୋଇଛି । ଭିତ୍ତିଭୂମି ବିକାଶ ଓ ଅକ୍ଷୟ ଶକ୍ତି ଏବେ ଅଗ୍ରାଧିକାର କ୍ଷେତ୍ରର ଅନ୍ତର୍ଭୁକ୍ତ ହୋଇଛି ଏବଂ ଏହି ଦୁଇ କ୍ଷେତ୍ରକୁ ଅଗ୍ରାଧିକାର ଭିତ୍ତିରେ ଋଣ ଦେବାର ବ୍ୟବସ୍ଥା କରାଯାଇଛି ।

୧୦କୋଟି ଶ୍ରମିକ ଉପକୃତ ହେବେ। ଏହା ସହିତ କିଷାନ କ୍ରେଡିଟ୍ କାର୍ଡ ଯୋଜନାକୁ ପଶୁସମ୍ପଦ ବିଭାଗକୁ ସଂପ୍ରସାରିତ କରାଯାଇଛି। ଏଥିରେ ସଂପୃକ୍ତ ଚାଷୀଙ୍କୁ ଋଣ ରିଆତି ପ୍ରଦାନର ବ୍ୟବସ୍ଥା ହୋଇଛି। ଏସବୁ ଯୋଜନାରେ ହିତାଧିକାରୀମାନଙ୍କୁ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାରେ ସାମିଲ କରାଯିବାର ବ୍ୟବସ୍ଥା ରହିଛି।

ଆର୍ଥିକ ସମାବେଶୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଓ ସଫଳ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ବିଶେଷ ସାହାଯ୍ୟ ସହଯୋଗ ଯୋଗାଇଦେଉଛି। ଅଗ୍ରାଧିକାର କ୍ଷେତ୍ର ଋଣ ଯୋଗାଣ ଉପରେ କେନ୍ଦ୍ରୀୟ ବ୍ୟାଙ୍କ ଗୁରୁତ୍ୱ ପ୍ରଦାନ କରୁଛି ଏବଂ ଦରିଦ୍ର ଓ ଅବହେଳିତ ଲୋକେ ଯେପରି ବିଭିନ୍ନ ଯୋଜନାରେ ସାମିଲ ହୋଇ ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥାର ପରିସରଭୁକ୍ତ ହେବେ ସେଥିପାଇଁ ଉଦ୍ୟମ ଜାରି ରଖିଛି। ଛୋଟ ଉଦ୍ୟୋଗୀ, ଗ୍ରାମ୍ୟ କାରିଗର, ଶିଳ୍ପୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବିକାଶ ଏବଂ ଆର୍ଥିକ ଦୃଷ୍ଟିରୁ ସେମାନଙ୍କୁ ଆତ୍ମନିର୍ଭର କରିବାକୁ ରିଜର୍ଭ ବ୍ୟାଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏମାନଙ୍କୁ ଋଣ ପ୍ରଦାନ ଏବେ ଅଗ୍ରାଧିକାର କ୍ଷେତ୍ରର ଅନ୍ତର୍ଭୁକ୍ତ ହୋଇଛି। ଭିତ୍ତିଭୂମି ବିକାଶ ଓ ଅକ୍ଷୟ ଶକ୍ତି ଏବେ ଅଗ୍ରାଧିକାର କ୍ଷେତ୍ରର ଅନ୍ତର୍ଭୁକ୍ତ ହୋଇଛି ଏବଂ ଏହି ଦୁଇ କ୍ଷେତ୍ରକୁ ଅଗ୍ରାଧିକାର ଭିତ୍ତିରେ ଋଣ ଦେବାର ବ୍ୟବସ୍ଥା କରାଯାଇଛି।

୨୦୧୭-୧୮ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହ ସେମାନଙ୍କ ମୋଟ ଋଣର ୩୯.୯ ଶତାଂଶ ବା ୨୦,୭୨୩ ବିଲିୟନ କୋଟି ଟଙ୍କା ଅଗ୍ରାଧିକାର କ୍ଷେତ୍ରକୁ ଦେଇଛନ୍ତି। ସେହିଭଳି ଘରୋଇ ବ୍ୟାଙ୍କଗୁଡ଼ିକ ସେମାନଙ୍କ ମୋଟ୍ ଋଣର ୪୦.୮% ବା ୮୦୪୬ ବିଲିୟନ କୋଟି ଟଙ୍କା ଅଗ୍ରାଧିକାର କ୍ଷେତ୍ରରେ ଲଗାଇଛନ୍ତି। ଦେଶରେ ଥିବା ବିଦେଶୀ ବ୍ୟାଙ୍କଗୁଡ଼ିକ ଏହି କ୍ଷେତ୍ର ପାଇଁ ଦେଇଥିବା ଋଣର ପରିମାଣ ୧୪୦୨ ବିଲିୟନ କୋଟି ବା ସେମାନଙ୍କ ମୋଟ ଋଣର ୩୮.୩%। ବ୍ୟାଙ୍କ ସମୂହଙ୍କୁ ନିଜନିଜର

ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଲୋକଙ୍କୁ ଆର୍ଥିକ ବ୍ୟବସ୍ଥାରେ ଆନୁଷ୍ଠାନିକ ଭାବେ ସାମିଲ କରିବାର ଏକ ବଡ଼ କାର୍ଯ୍ୟକ୍ରମ। ଏଥିରେ କୌଣସି ଜମା ନ ରଖି ବ୍ୟାଙ୍କରେ ଖାତା ଖୋଲିବାର ବ୍ୟବସ୍ଥା ରହିଛି। ୨୦୧୯ ଜାନୁଆରୀ ୨୩ ତାରିଖ ସୁଦ୍ଧା ଏହି ଯୋଜନାରେ ଦେଶରେ ୩୪.୦୩କୋଟି ବ୍ୟାଙ୍କ ଆକାଉଣ୍ଟ ଖୋଲିଛି। ଏହା ଫଳରେ ସଂପୃକ୍ତ ଲୋକ ବିଭିନ୍ନ ସରକାରୀ ଯୋଜନାର ଆର୍ଥିକ ଲାଭ ସିଧାସଳଖ ପାଉଛନ୍ତି ଏବଂ ସେମାନଙ୍କର ପ୍ରାପ୍ୟ ସେମାନଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଛି। ଏହି ଖାତାଧାରୀଙ୍କ ମଧ୍ୟରୁ ୨୦.୧୪ କୋଟି ଲୋକ ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳର ବାସିନ୍ଦା। ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଆକାଉଣ୍ଟଧାରୀ ମୌଳିକ ଜମାଖାତା ସୁବିଧା ସହ ଆବଶ୍ୟକତା ଭିତ୍ତିକ ଋଣ, ଟଙ୍କା ଦେଣନେଣ, ବୀମା ଓ ପେନ୍‌ସନ୍ ସୁବିଧା ମଧ୍ୟ ପାଉଛନ୍ତି। ଏହା ଆର୍ଥିକ ଦୁର୍ବଳ ଶ୍ରେଣୀ ଓ ସ୍ୱଳ୍ପ ରୋଜଗାର କରୁଥିବା ଲୋକଙ୍କ ପାଇଁ ବିଶେଷ ସହାୟକ ହୋଇଛି। ଯେଉଁମାନେ ଜମାଖାତାରେ ଟଙ୍କା ସଞ୍ଚୟ କରୁଛନ୍ତି ସେମାନଙ୍କୁ ତା'ଉପରେ ସୁଧ ଓ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା ସୁବିଧା ମିଳୁଛି। ଏହି ଆକାଉଣ୍ଟରେ ସର୍ବନିମ୍ନ ଅର୍ଥ ଜମା ରଖିବାର ବ୍ୟବସ୍ଥା ନାହିଁ। ତା'ଛଡ଼ା ଖାତାଧାରୀଙ୍କୁ ୩୦ହଜାର ଟଙ୍କାର ଜୀବନ ବୀମା ସୁବିଧା, ଛ'ମାସ ପାଇଁ ଓଭରଡ୍ରାଫ୍ଟ, ପେନ୍‌ସନ୍ ଓ ରୁପେ କାର୍ଡ ଆଦିର ସୁବିଧା ଯୋଗାଇ ଦିଆଯାଉଛି।

ଆର୍ଥିକ ସମାବେଶୀ ଯୋଜନା ପ୍ରସ୍ତୁତ କରି ଜଣାଇବାକୁ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଛି। କେଉଁ ବ୍ୟାଙ୍କ କେତେ ଶାଖା ଖୋଲିଛନ୍ତି, କେତେ ବ୍ୟାଙ୍କ ମିତ୍ର ଓ ବ୍ୟବସାୟ ପ୍ରତିନିଧି ରଖି କେତେ ଲୋକଙ୍କୁ ଆର୍ଥିକ ସେବା ଯୋଗାଇଛନ୍ତି ତାହାର ରିପୋର୍ଟ ପ୍ରଦାନ କରିବାକୁ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଛି।

ଗୋଟିଏ ଦେଶର ସାମାଜିକ କଲ୍ୟାଣ ଓ ବିକାଶର ପରିମାପକ ଭାବେ ବିଶ୍ୱବ୍ୟାପୀ ଆର୍ଥିକ ସମାବେଶୀକରଣକୁ ଦେଖାଯାଉଛି। ସମାବେଶୀ ଆର୍ଥିକ ବିକାଶ ଏବେ ସମୟର ଆହ୍ୱାନ। ଏହାକୁ ଅଧିକ ପ୍ରଭାବଶାଳୀ କରିବାକୁ ହେଲେ ଭିତ୍ତିଭୂମିର ଡିଜିଟାଇଜେସନ ଓ ଡିଜିଟାଲ୍ ସାକ୍ଷରତା ଅପରିହାର୍ଯ୍ୟ। ଗ୍ରାମାଞ୍ଚଳରେ ଏହି ସୁବିଧା ଯେତେ ସଂପ୍ରସାରିତ ହେବ ଲୋକେ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାରେ ସେତେ ଅଧିକ ସଂଖ୍ୟାରେ ସାମିଲ ହେବେ। ଭାରତରେ ଏକ ଋଣ ସମାବେଶୀ ସମାଜ ସୃଷ୍ଟିର ଆବଶ୍ୟକତା ରହିଛି ଏବଂ ତାହାକୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ। ଆହୁରି ମଧ୍ୟ ଏ କ୍ଷେତ୍ରରେ ସ୍ମାର୍ଟ ଫୋନ୍, ମୋବାଇଲ ବ୍ୟାଙ୍କିଙ୍ଗ୍, ଇନ୍‌ଭେଷ୍ଟିଙ୍ଗ ସର୍ଭିସ ଓ କ୍ରିପ୍ଟୋ କରେନ୍ସି ଆଦିର ପ୍ରସାର ପାଇଁ ଆଧୁନିକ ସଫ୍ଟୱେୟାର ତଥା ଜ୍ଞାନକୌଶଳର ଉପଯୋଗ ଜରୁରୀ। ଏଥିପାଇଁ ଫିନ୍‌ଟେକ୍ (ଫାଇନାନସିଆଲ୍ ଟେକ୍‌ନୋଲୋଜି)କୁ ପ୍ରୋତ୍ସାହିତ କରିବାକୁ ପଡ଼ିବ। ସ୍କୁଲସ୍ତରରୁ ଆର୍ଥିକ ସାକ୍ଷରତାକୁ ଗୁରୁତ୍ୱ ଦେବାକୁ ହେବ। ଏସବୁ ସତ୍ତ୍ୱେ ଲୋକଙ୍କ ବ୍ୟବହାର ଓ ମନୋଭାବରେ ପରିବର୍ତ୍ତନ ନ ଘଟିଲେ ନୂଆ ଟେକ୍‌ନୋଲୋଜି ଓ ଆର୍ଥିକ ସମାବେଶୀ ପ୍ରକ୍ରିୟା ସଫଳ ହେବ ନାହିଁ। ଯେତେ ଅଧିକ ଲୋକ ଆର୍ଥିକ ସମାବେଶୀ ପ୍ରକ୍ରିୟାକୁ ବୁଝି ଏଥିରେ ସାମିଲ ହେବେ ଏହା ସେତେ ବଢ଼ିବ।

**ଲେଖକ ଗ୍ରେଟର ନୋଇଡ଼ାସ୍ଥିତ ଭାରତୀୟ ବିତ୍ତୀୟ ପ୍ରତିଷ୍ଠାନର ଅଧକ୍ଷ ଓ ଜଣେ ଖ୍ୟାତନାମା ଅର୍ଥଶାସ୍ତ୍ରୀ।**
**Email ID: jda@iif.edu**

# ସ୍ୱାସ୍ଥ୍ୟ ଓ ଭାରତର ବିକାଶ

ଚନ୍ଦ୍ରକାନ୍ତ ଲହରିୟା

ଏବେ ବିଭିନ୍ନ ବିକାଶଶୀଳ ରାଷ୍ଟ୍ର ନିଜ ଦେଶର ସ୍ୱାସ୍ଥ୍ୟ ସେବା ଓ ନାଗରିକଙ୍କୁ ସୁସ୍ଥସବଳ ରଖିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଦେଶର ଲୋକେ ସୁସ୍ଥ ନ'ରହିଲେ ଦେଶର ଉନ୍ନତି ସମ୍ଭବ ନୁହେଁ ବୋଲି ଅନୁଭବ କରିବା ପରେ ରାଷ୍ଟ୍ରୀୟ ବିକାଶ ପ୍ରକ୍ରିୟାରେ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ପ୍ରଦାନ କରାଯାଉଛି। ଭାରତ ସମେତ ବିଶ୍ୱର ଅନେକ ଦେଶ ଜାତିସଙ୍ଘର ପ୍ରସ୍ତାବ ଅନୁସାରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଦେଶର ସବୁ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଭାରତ ୨୦୧୭ ଜାତୀୟ ସ୍ୱାସ୍ଥ୍ୟ ନୀତି ପ୍ରସ୍ତୁତ କରିଛି। ଏଥିରେ ସ୍ୱାସ୍ଥ୍ୟସେବା ପ୍ରଦାନ ବ୍ୟବସ୍ଥାରେ ଉନ୍ନତି, ଏହାର ସଫଳ କାର୍ଯ୍ୟକାରିତା ଏବଂ ଆର୍ଥିକ ସୁରକ୍ଷା ଆଦି ପ୍ରସଙ୍ଗ ଗୁରୁତ୍ୱ ଲାଭ କରିଛି।

ବିଗତ ୧୫ବର୍ଷ ମଧ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଉନ୍ନତି କଳ୍ପେ ନାନାବିଧ ଉଦ୍ୟମ କରିଆସୁଛନ୍ତି। ଏହି କ୍ରମରେ ପ୍ରଥମେ ଜାତୀୟ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ମିଶନ (ଏନ୍‌ଆରଏଚ୍‌ଏମ୍) ମାଧ୍ୟମରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ଆବଶ୍ୟକ ମୌଳିକ ଭିତ୍ତିଭୂମି ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। ୨୦୧୮ ଫେବ୍ରୁଆରୀରେ ଆୟୁଷ୍ମାନ ଭାରତ ଯୋଜନା ଆରମ୍ଭ କରାଗଲା, ଯେଉଁଥିରେ ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ସହ ୪୦ଶତାଂଶ ଦରିଦ୍ରତମ ପରିବାରର ସଦସ୍ୟମାନଙ୍କୁ ସ୍ୱାସ୍ଥ୍ୟ ବୀମା ସୁବିଧା ଯୋଗାଇଦିଆଯାଇଛି। ୨୦୧୯ ଜାନୁଆରୀ ୩୧ସୁଦ୍ଧା ଦେଶରେ ୬୬୦୦ ହେଲ୍‌ଥ ଆଣ୍ଡ୍ ୱେଲନେସ୍ ସେଣ୍ଟର (ଏଚ୍‌ଡବ୍ଲ୍ୟୁସି) କାର୍ଯ୍ୟକ୍ଷମ ହୋଇପାରିଛି। ଏସବୁ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ୍‌ଜେଏୱାଇ)ରେ ସେବା ଯୋଗାଇ ଦିଆଯାଉଛି। ଏହା ମାଧ୍ୟମରେ ୧୦ଲକ୍ଷ ହିତାଧିକାରୀ ଉପକୃତ ହେବା ସହ ସ୍ୱାସ୍ଥ୍ୟ ବୀମା ଯୋଜନାରେ ମୋଟ୍ ଏକହଜାର କୋଟି ଟଙ୍କା ପାଇଛନ୍ତି।



ଭାରତୀୟ ରାଜ୍ୟ ସମୂହ ମଧ୍ୟ ନିଜ ନିଜର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ୨୦୧୭ ଫେବ୍ରୁଆରୀରେ ତାମିଲନାଡୁ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା (ୟୁଏଚ୍‌ସି) କାର୍ଯ୍ୟକାରୀ କରି ତିନିଟି ଜିଲ୍ଲାର ତିନିଟି ବ୍ଲକ୍‌ରେ ୬୭ଟି ଉପକେନ୍ଦ୍ର ଖୋଲିଛି। ସେଠାରେ ରୋଗ ନିଦାନ, ପରୀକ୍ଷା, ରୋଗୀଙ୍କୁ ମାଗଣାରେ ଚିକିତ୍ସା ଓ ଔଷଧ ଯୋଗାଣ ତଥା ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉଛି। ବର୍ଷକ ପରେ ୨୦୧୮ ଫେବ୍ରୁଆରୀରେ ଏହି କାର୍ଯ୍ୟକ୍ରମର ସ୍ୱାଧୀନ ସମୀକ୍ଷା ହୋଇଥିଲା। ଏହାର ତଥ୍ୟ ଅନୁସାରେ ଏସବୁ କେନ୍ଦ୍ରରେ ରୋଗୀଙ୍କ ସଂଖ୍ୟା ବଢ଼ିଛି ଓ ସେମାନଙ୍କର ଚିକିତ୍ସାବାବଦ ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇଛି। ଏହି ସଫଳତାକୁ ଦୃଷ୍ଟିରେ ରଖି ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ତାମିଲନାଡୁ ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିଭଳି କେରଳ ସରକାର ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ

ସଂସ୍କାର ଆଣି ପରିବାର ସ୍ୱାସ୍ଥ୍ୟ କେନ୍ଦ୍ରମାନ ବିଭିନ୍ନ ଜିଲ୍ଲାରେ ଖୋଲି ରୋଗୀଙ୍କୁ ସେବା ଯୋଗାଉଛନ୍ତି। ରାଜସ୍ଥାନ ସରକାର ମଧ୍ୟ ପ୍ରାଥମିକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସଂସ୍କାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଦିଲ୍ଲୀ ସହରାଞ୍ଚଳରେ ମହଲା ବା ଗୋଷ୍ଠୀ କ୍ଲିନିକ ମାଧ୍ୟମରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ତେଲଙ୍ଗାନାର ସହରାଞ୍ଚଳରେ ମଧ୍ୟ ବସ୍ତି ଦୱାଖାନା ମାଧ୍ୟମରେ ଲୋକଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଣ କାର୍ଯ୍ୟ ଚାଲିଛି।

ଚିକିତ୍ସା ସଂକ୍ରାନ୍ତ ଆର୍ଥିକ ସୁରକ୍ଷା ଲୋକଙ୍କୁ ଯୋଗାଇଦେବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏକ ମଞ୍ଚ ଭାବେ କାର୍ଯ୍ୟ କରୁଛି। ଅଧିକାଂଶ ରାଜ୍ୟ ଏହାର ସୁଯୋଗ ନେଇ ଲୋକଙ୍କୁ ସଂପ୍ରସାରିତ ସ୍ୱାସ୍ଥ୍ୟସେବା ଯୋଗାଇଦେଉଛନ୍ତି। ଉତ୍ତରାଖଣ୍ଡ ସରକାର ଅଟଳ ଆୟୁଷ୍ମାନ ଉତ୍ତରାଖଣ୍ଡ ଯୋଜନା ନାମରେ ନିଜର ଏଭଳି ଏକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ଏହା ରାଜ୍ୟର ସବୁ ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ହିମାଚଳପ୍ରଦେଶ ସରକାର 'ହିମକେୟାର' ନାମରେ ଏକ ନିଜସ୍ୱ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ଯାହା ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଢାଞ୍ଚାରେ କାର୍ଯ୍ୟକାରୀ ହେଉଛି। ଯେଉଁମାନେ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର ପରିସର ବାହାରେ ରହୁଛନ୍ତି ସେମାନେ ମୁଖ୍ୟତଃ ହିମକେୟାର ଯୋଜନାର ଲାଭ ପାଉଛନ୍ତି। ମେଘାଳୟ, କର୍ଣ୍ଣାଟକ, ଛତିଶଗଡ଼ ଓ ପଞ୍ଜାବ ଭଳି ରାଜ୍ୟରେ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ବାହାରେ ଥିବା ଅତିରିକ୍ତ ଜନସମୁଦାୟଙ୍କ ପାଇଁ ସ୍ୱତନ୍ତ୍ର ଆରୋଗ୍ୟ ଯୋଜନା ଓ ବୀମା ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି।

> ଗୋଟିଏ ଦେଶର ଲୋକଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା ଉପରେ ସେ ଦେଶର ଆର୍ଥିକ ଅଭିବୃଦ୍ଧି ମୁଖ୍ୟତଃ ନିର୍ଭରଶୀଳ। ଏକ ରୁଗ୍ଣ, ବ୍ୟାଧିଗ୍ରସ୍ତ ଦେଶ ପ୍ରଗତି ପଥରେ ଆଗେଇ ପାରେନାହିଁ। ବିଶ୍ୱ ସ୍ତରରେ ଏବେ ରାଷ୍ଟ୍ରସମୂହଙ୍କ ଉତ୍ତମ ସ୍ୱାସ୍ଥ୍ୟ ସେବା ଓ ସେବାବାବଦରେ ସରକାରୀ ବ୍ୟୟ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ଉତ୍ତମ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ନିର୍ମାଣ, ଆବଶ୍ୟକ ଚିକିତ୍ସକ ଓ ଚିକିତ୍ସାରେ ସହାୟତା କରୁଥିବା ଲୋକଶକ୍ତି, ରୋଗୀଙ୍କୁ ଚିକିତ୍ସାବାବଦରେ ଆର୍ଥିକ ସୁରକ୍ଷା ଓ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଣ ଏଥିରେ ଗୁରୁତ୍ୱ ପାଇଛି। ଭାରତ ଭଳି ଏକ ସଂଘୀୟ ରାଷ୍ଟ୍ରରେ ରାଜ୍ୟସମୂହ ମଧ୍ୟ ଏ କ୍ଷେତ୍ରରେ ଆବଶ୍ୟକ ପ୍ରୟାସ ଓ ଗଠନମୂଳକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏବେ କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ ଅର୍ଥ ବରାଦ ସହ ଲୋକଙ୍କୁ ବୀମା ବ୍ୟବସ୍ଥା ଦ୍ୱାରା ଆର୍ଥିକ ସୁରକ୍ଷା ଯୋଗାଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହା ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଏକ ବଡ଼ ସୁଯୋଗ ସୃଷ୍ଟି କରିଛି। ଏହାର ସୁଯୋଗ ନେଇ ଏକ ସୁସ୍ଥ ଓ ସ୍ୱଚ୍ଛ ଭାରତ ଗଠନ କଲେ ଦେଶର ଆର୍ଥିକ ବିକାଶ ପ୍ରକ୍ରିୟା ଅବଶ୍ୟ ତ୍ୱରାନ୍ୱିତ ହେବ।

**ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସୁଦୃଢ଼ୀକରଣ:**

ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଏକାଧିକ ବିଷୟ ରହିଛି। ସେଗୁଡ଼ିକ ହେଲା ସ୍ୱାସ୍ଥ୍ୟ ପ୍ରୋତ୍ସାହନ, ପ୍ରତିଷେଧକ, ନିରାକରଣ, ନିଦାନ, ଚିକିତ୍ସା ଓ ପରବର୍ତ୍ତୀକାଳୀନ ଥଇଥାନ। ଏସମସ୍ତ କ୍ଷେତ୍ରରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ସୁବିଧା ଉତ୍ତମ ହେଲେ ଦେଶର ସବୁ ନାଗରିକ ଉପକୃତ ହେବେ। ସରକାରୀ ଅପେକ୍ଷା ବେସରକାରୀ ସ୍ତରରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଓ ବ୍ୟବସ୍ଥା ଯୋଗାଣ ସୁବିଧା ଯଥେଷ୍ଟ ଅଧିକ। ବେସରକାରୀ କ୍ଷେତ୍ରରେ ୭୫% ବାହାର ରୋଗୀ ଓ ୬୫% ଘରୋଇ ହସ୍‌ପିଟାଲର ଚିକିତ୍ସିତ ରୋଗୀଙ୍କୁ ଏହି ସୁବିଧା ଯେଗାଇ ଦିଆଯାଉଛି। ଘରୋଇ କ୍ଷେତ୍ରର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ପ୍ରମୁଖ ସମସ୍ୟା ହେଲା ଏହା ସବୁବର୍ଗର ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରେନାହିଁ। ଏହା କେବଳ ଯେଉଁମାନେ ନିଜ ପକେଟରୁ ଅର୍ଥ ଖର୍ଚ୍ଚ କରନ୍ତି ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ଏହାଛଡ଼ା ଏହି ସେବା କେବଳ ଚିକିତ୍ସା ଭିତରେ ସୀମିତ ଏବଂ ଏହା ବ୍ୟାଧି ନିରାକରଣ ଓ ପ୍ରତିଷେଧକ ବ୍ୟବସ୍ଥା ଯୋଗାଏ ନାହିଁ। ତେଣୁ ଦେଶର ବୃହତ୍ତର ବର୍ଗର ସ୍ୱାସ୍ଥ୍ୟସେବା ବାବଦ ବ୍ୟୟବଢ଼ାଇବାକୁ ହେବ। ଏଥିପାଇଁ ସବୁ ରାଜ୍ୟରେ ସରକାରୀ ସ୍ୱାସ୍ଥ୍ୟ ପରିଚାଳନା କ୍ୟାଡର ସୃଷ୍ଟିର ଆବଶ୍ୟକତା ରହିଛି।

**ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରୀ ବ୍ୟୟବୃଦ୍ଧି:**

ବିଶ୍ୱସ୍ତରର ମାନକ ଅନୁସାରେ ପ୍ରତ୍ୟେକ ଦେଶ ତାହାର ସକଳ ଜାତୀୟ ଆୟ (ଜିଡିପି)ର ୫ ଶତାଂଶ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରିବା ଉଚିତ। ଅନ୍ୟ ଅର୍ଥରେ ସବୁ ଦେଶ ନିଜ ନିଜର ସରକାରୀ ବଜେଟରେ ମୋଟ୍ ୧୦ ଶତାଂଶ ଅର୍ଥ ସ୍ୱାସ୍ଥ୍ୟସେବା ପାଇଁ ବରାଦ କରିବା ଆବଶ୍ୟକ। ଭାରତ ସରକାର ନିଜ ଜିଡିପିର ପ୍ରାୟ ୧.୧୫ଭାଗ ବା ବଜେଟର ପ୍ରାୟ ଚାରି ଶତାଂଶ ଅର୍ଥ ବରାଦ କରୁଛନ୍ତି। ମୁଣ୍ଡପିଛା ହିସାବରେ ଦେଖିଲେ ଏହି ବ୍ୟୟ ନାମକୁମାତ୍ର। ୨୦୧୪-୧୫ ବଜେଟରେ ମୁଣ୍ଡପିଛା ସ୍ୱାସ୍ଥ୍ୟବାବଦ ବ୍ୟୟ ବରାଦ ଥିଲା ମାତ୍ର ୧୧୦୮ ଟଙ୍କା। ୨୦୧୬ ବଜେଟରେ ଏହା ୩୮ ୨୬ ଟଙ୍କାକୁ ବୃଦ୍ଧି ପାଇଥିଲା।

୨୦୧୭ ଜାତୀୟ ସ୍ୱାସ୍ଥ୍ୟ ନୀତିରେ ଥିବା ଦୁଇଟି ପ୍ରସ୍ତାବ ଏହି ପରିପ୍ରେକ୍ଷୀରେ ବିଚାରଯୋଗ୍ୟ। ସେଗୁଡ଼ିକ ହେଲା ୧) ସ୍ୱାସ୍ଥ୍ୟସେବା ପାଇଁ ବ୍ୟୟ ବରାଦ ଜିଡିପିର ୨.୫ ଶତାଂଶ ଅର୍ଥ ବ୍ୟୟ କରିବା। ୨) ୨୦୨୦ସୁଦ୍ଧା ରାଜ୍ୟସମୂହ ନିଜ ନିଜର ବଜେଟର ୮% ଅର୍ଥ ୨୦୨୦ସୁଦ୍ଧା ଖର୍ଚ୍ଚ କରିବା

## ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟ ନେତୃତ୍ୱ ପାଇଁ ଆବଶ୍ୟକ ହେଉଥିବା ପ୍ରୟାସର ସୂଚନା

(କ)ଉପଜିଲ୍ଲା ସ୍ତରୀୟ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ନିର୍ମାଣ, ଯେଉଁଠି ଯୋଜନା ବ୍ଲକ୍ ଓ ତହସିଲ ସ୍ତରରେ ହେବା ଉଚିତ। ଏଥିରେ ଏକ ଲକ୍ଷରୁ ଦୁଇଲକ୍ଷ ଲୋକଙ୍କ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପର୍କରେ ଉପଯୁକ୍ତ ଯୋଜନା କରିହେବ। ଏହି ଯୋଜନାକୁ ଆର୍ଥିକ ଓ ଅନ୍ୟାନ୍ୟ ଦୃଷ୍ଟିରୁ ସ୍ୱୟଂସମ୍ପନ୍ନ କରିବାକୁ ପଡ଼ିବ। ସରକାରମାନେ ଏହା ଆରମ୍ଭ କରିବା ଉଚିତ।

(ଖ) ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସ୍ୱତନ୍ତ୍ର ସରକାରୀ ସ୍ୱାସ୍ଥ୍ୟ କ୍ୟାଡର ତିଆରି କରିବାର ଆବଶ୍ୟକତା ରହିଛି। ଲୋକଙ୍କୁ ବିନାମୂଲ୍ୟରେ ଔଷଧ ଯୋଗାଣ ସହ ନିଃଶୁଳ୍କ ନିଦାନ ବ୍ୟବସ୍ଥା ଯୋଗାଇଦେବା ଆବଶ୍ୟକ। ଘରୋଇ ଚିକିତ୍ସା ସୁବିଧା ନେଉଥିବା ଲୋକଙ୍କୁ ମଧ୍ୟ ଏହି ନିଃଶୁଳ୍କ ସେବାର ଅନ୍ତର୍ଭୁକ୍ତ କରାଯାଉ। ଡାକ୍ତର, ନର୍ସ ଓ କର୍ମଚାରୀଙ୍କ ଅନୁପାତ ୧:୩:୬ କରାଯାଉ ଏବଂ ଏଥିପାଇଁ ଆବଶ୍ୟକ ଲୋକଶକ୍ତି ଯୋଗାଣ ନିଶ୍ଚିତ ହେଉ।

(ଗ) ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ। ଦେଶର ସହରାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଦୁର୍ବଳ। ଦେଶର ସହରାଞ୍ଚଳର ଜନସଂଖ୍ୟା ଦ୍ରୁତଗତିରେ ବଢୁଥିବାରୁ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ପୌରସଂସ୍ଥା ଓ ନଗରନିଗମ ଆଦିର ସହାୟତା ନିଆଯାଉ।

(ଘ) ପ୍ରବର୍ତ୍ତମାନ ଦ୍ୱିତୀୟକ ଓ ତୃତୀୟକ ସ୍ତରର ସାମାଜିକ ସ୍ୱାସ୍ଥ୍ୟବୀମା ଯୋଜନାକୁ ଆଉଟ ପେସେଣ୍ଟ ଓ ପ୍ରାଥମିକ ସ୍ୱାସ୍ଥ୍ୟସେବା ସହ ସମ୍ପୃକ୍ତ କରାଯାଉ। ଏଥିପାଇଁ ଅଧିକ ବ୍ୟୟବରାଦ ଓ ବ୍ୟବସ୍ଥା ହେଉ।

(ଙ) ଗ୍ରାମାଞ୍ଚଳ ଓ ଜିଲ୍ଲାସ୍ତରୀୟ ହସପିଟାଲରେ ଚିକିତ୍ସାଧୀନ ରୋଗୀଙ୍କ ପାଇଁ ସମ୍ଭାବ୍ୟ ନୂଆ ସ୍ୱାସ୍ଥ୍ୟବୀମା ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଆବଶ୍ୟକ। ଏହା ଫଳରେ ୮୦% ଲୋକ ଉପକୃତ ହୋଇପାରିବେ ଏବଂ ସେମାନଙ୍କୁ ବଡ଼ ସହରକୁ ଧାଇଁବାକୁ ପଡ଼ିବ ନାହିଁ। ବୀମା ବ୍ୟବସ୍ଥା ନାମକୁ ମାତ୍ର ହେବା ଅନୁଚିତ ଏବଂ ଅଣଗରିବମାନଙ୍କୁ ଆବଶ୍ୟକସ୍ଥଳେ ଏହି ସୁବିଧା ପାଇବାକୁ ନିର୍ଦ୍ଦିଷ୍ଟଭାବେ ଆର୍ଥିକ ସହଯୋଗ ଯୋଗାଇଦେବାକୁ ବାଧ୍ୟତାମୂଳକ କରାଯାଉ।

ଆବଶ୍ୟକ। ବିଭିନ୍ନ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ବାବଦରେ ନିଜ ବଜେଟରେ ଯେଉଁ ବ୍ୟୟ ବରାଦ କରନ୍ତି ସେଥିରେ ସମାନତା ନାହିଁ। ଅଧିକାଂଶ ରାଜ୍ୟ ଏବାବଦରେ ବଜେଟର ୫ଶତାଂଶ ଅର୍ଥ ଖର୍ଚ୍ଚ କରୁଥିବାବେଳେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ସ୍ୱାସ୍ଥ୍ୟବାବଦ ବ୍ୟୟର ଅଂଶ ଭାବେ ୧:୨ ଅନୁପାତରେ ଅର୍ଥ ଯୋଗାଇଥାନ୍ତି। ତେଣୁ ଜାତୀୟ ସ୍ୱାସ୍ଥ୍ୟନୀତିର ଲକ୍ଷ୍ୟ ହାସଲ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବା ବାବଦ ବ୍ୟୟ ବଢ଼ାଇବାର ଆବଶ୍ୟକତା ରହିଛି।

ଏଥର କେନ୍ଦ୍ରୀୟ ଅନ୍ତରୀଣ ବଜେଟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପାଇଁ ୬୩,୩୭୧ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ସେଥିରୁ ଆୟୁଷ୍ମାନ ଭାରତ ଯୋଜନା ପାଇଁ ୮୦୦୦କୋଟି, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିମନ୍ତେ ୩୧,୭୪୫କୋଟି ଟଙ୍କା (ଟେବୁଲ-୧ ଦ୍ରଷ୍ଟବ୍ୟ) ବ୍ୟୟ ବରାଦ ହୋଇଛି। ଏହା ସହିତ ହରିୟାଣାରେ ଏକ 'ଏମ୍ସ' ପ୍ରତିଷ୍ଠାର ପ୍ରସ୍ତାବ ରହିଛି। ଏହା ଫଳରେ ଦେଶରେ ଏମ୍ସ ସଂଖ୍ୟା ୨୨ରେ ପହଞ୍ଚିବ। ୨୦୩୦ ସୁଦ୍ଧା ଏକ ସୁସ୍ଥ ଭାରତ ଗଠନର ଯେଉଁ ଲକ୍ଷ୍ୟ ରଖାଯାଇଛି ତାହାକୁ ପୂରଣ କରିବାକୁ ହେଲେ ସ୍ୱାସ୍ଥ୍ୟସେବା ବାବଦ ବ୍ୟୟ ବରାଦ ଆନୁପାତିକ ଭାବେ ବଢ଼ାଇବାକୁ ପଡ଼ିବ।

୨୦୧୮-୧୯ ବଜେଟରେ ସ୍ୱାସ୍ଥ୍ୟ ବାବଦ ବ୍ୟୟ ବରାଦ ଗତବର୍ଷର ସଂଶୋଧିତ ବ୍ୟୟ ବରାଦ ତୁଳନାରେ ୧୩ଶତାଂଶ ଅଧିକ ହୋଇଛି। ବାର୍ଷିକ ଆର୍ଥିକ ଅଭିବୃଦ୍ଧି, ଜନସଂଖ୍ୟା ବୃଦ୍ଧି ଓ ମୁଦ୍ରାସ୍ଫୀତି ହାରକୁ ବିଚାରକୁ ନେଇ ସ୍ୱାସ୍ଥ୍ୟ ବାବଦ ବ୍ୟୟବରାଦରେ ସମତା ରକ୍ଷା କରାଯାଏ। ତେଣୁ ୨୦୧୭ର ଜାତୀୟ ସ୍ୱାସ୍ଥ୍ୟନୀତିର ସଫଳ କାର୍ଯ୍ୟକାରିତା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିବର୍ଷ କ୍ରମାଗତ ୫/୬ବର୍ଷ ପାଇଁ ସେମାନଙ୍କ ବଜେଟ ବ୍ୟୟବରାଦ ୨୦ରୁ ୨୫ ଶତାଂଶ ବୃଦ୍ଧି କରିବା ଆବଶ୍ୟକ। ଭାରତ ବିଶ୍ୱର ସବୁଠୁ ଅଧିକ ଅଭିବୃଦ୍ଧିଶୀଳ ଓ ବୃହତ୍ତମ ଅର୍ଥନୀତି ମଧ୍ୟରେ ଅନ୍ୟତମ ହୋଇଥିବାରୁ ସ୍ୱାସ୍ଥ୍ୟବାବଦ ବ୍ୟୟ ବରାଦ ବୃଦ୍ଧି ଅବାସ୍ତବ ମନେହୁଏନା।

**ଭବିଷ୍ୟତ ବାଟ:**

୧) ପ୍ରାଥମିକ ସ୍ୱାସ୍ଥ୍ୟସେବା ସର୍ବାଗ୍ରେ : ଦେଶର ବିକାଶ ପାଇଁ ସର୍ବପ୍ରଥମେ ପ୍ରାଥମିକ ସ୍ୱାସ୍ଥ୍ୟସେବାର ବିକାଶ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଯେତେ ଦକ୍ଷ ହେବ ତାହା ସ୍ୱାସ୍ଥ୍ୟସେବା ବାବଦ ବ୍ୟୟକୁ ସେତେ ହ୍ରାସ କରିବ ଏବଂ ଉଭୟ ପ୍ରତିଷେଧକ ଓ ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ଆସିବ। ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସ୍ୱାସ୍ଥ୍ୟ ଆବଶ୍ୟକତାର ପ୍ରାୟ ୮୦ ଭାଗ ପୂରଣ କରିପାରିବ। ଏହା ମଧ୍ୟ ସ୍ୱତନ୍ତ୍ର ବା ବିଶେଷଜ୍ଞ ଚିକିତ୍ସାର ଆବଶ୍ୟକତା ଅନେକାଂଶରେ କମାଇପାରେ। ଥାଇଲାଣ୍ଡ ତାହାର ପ୍ରସିଦ୍ଧ ସାର୍ବଜନୀନ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ୨୦୦୧ରେ ଆରମ୍ଭ କରିବାର ପ୍ରାୟ ତିନି ଦଶନ୍ଧି ପୂର୍ବରୁ ୧୯୭୧ରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା କାର୍ଯ୍ୟ ଆରମ୍ଭ କରିଥିଲା। ଭାରତର ବିଭିନ୍ନ ରାଜ୍ୟରେ ସୁବିସ୍ତୃତ ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା ବ୍ୟବସ୍ଥା ରହିଛି। ଏଥିରେ ଏବେ ସାରା ଦେଶରେ ୧୯୨,୦୦୦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରୁଛି। ତେବେ ଦୈନିକ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କ ମଧ୍ୟରୁ ମାତ୍ର ୧୦ ଶତାଂଶଙ୍କୁ ଏହା ସ୍ୱାସ୍ଥ୍ୟସେବା ଯୋଗାଉଛି। ଅବଶ୍ୟ ଏଥିରେ ମା ଓ ଶିଶୁ ସ୍ୱାସ୍ଥ୍ୟ ସେବା ଅନ୍ତର୍ଭୁକ୍ତ ନୁହେଁ। ବାସ୍ତବରେ ଭାରତରେ ଯେଉଁ ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଓ ଭିତ୍ତିଭୂମି ରହିଛି ସେଥିରେ ବହୁ ଅଧିକ ରୋଗୀଙ୍କୁ

## ଟେବୁଲ-୧ : ୨୦୧୯-୨୦ ଅନ୍ତରୀଣ ବଜେଟରେ ବ୍ୟୟବରାଦ

| ମନ୍ତ୍ରଣାଳୟ/ବିଭାଗ/କାର୍ଯ୍ୟକ୍ରମ | ୨୦୧୭-୧୮ ବାସ୍ତବ | ୨୦୧୮-୧୯ | ୨୦୧୮-୧୯ | ୨୦୧୯-୨୦ | ପରିବର୍ତ୍ତନ % |
|---|---|---|---|---|---|
| **ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ** | **୫୩,୧୧୪** | **୫୪,୬୦୦** | **୫୫,୯୯୫** | **୬୩,୩୭୧** | **୧୬.୦** |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | ୫୧,୩୮୨ | ୫୨,୮୦୦ | ୫୪,୩୦୨ | ୬୧,୩୯୮ | ୧୬.୩ |
| ଜାତୀୟ ସ୍ୱାସ୍ଥ୍ୟ ମିଶନ (ମୋଟ୍) | ୩୧,୫୨୧ | ୩୦,୧୨୯ | ୩୦,୬୮୩ | ୩୧,୭୪୫ | ୦୫.୪ |
| ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ | ୬୬୪ | ୮୭୫ | ୬୭୫ | ୭୦୦ | -୨୦.୧ |
| ଆୟୁଷ୍ମାନ ଭାରତ | - | - | ୩,୬୦୦ | ୮,୦୦୦ | ୧୫୦.୦ |
| ହେଲ୍‌ଥ ଆଣ୍ଡ୍ ୱେଲନେସ୍ ସେଣ୍ଟର (ଗ୍ରାମାଞ୍ଚଳ) | - | - | ୧,୦୦୦ | ୧,୩୫୦ | ୩୫.୦ |
| ହେଲ୍‌ଥ ଆଣ୍ଡ୍ ୱେଲନେସ୍ ସେଣ୍ଟର (ସହରାଞ୍ଚଳ) | - | - | ୨୦୦ | ୨୫୦ | ୨୫.୦ |
| ମୋଟ୍ | - | - | ୧,୨୦୦ | ୧,୬୦୦ | |
| ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା | - | - | ୨,୪୦୦ | ୬,୪୦୦ | |
| ସ୍ୱାସ୍ଥ୍ୟ ଗବେଷଣା ବିଭାଗ | ୧,୭୩୨ | ୧,୮୦୦ | ୧,୭୪୩ | ୧,୯୭୩ | ୦୯.୬ |
| | | | | | |
| **ଆୟୁଷ ମନ୍ତ୍ରଣାଳୟ** | **୧,୫୩୧** | **୧,୬୨୬** | **୧,୬୯୩** | **୧,୭୩୯** | **୦୬.୯** |
| ଜାତୀୟ ଆୟୁଷ ମିଶନ | ୪୭୯ | ୫୦୫ | ୫୦୫ | ୫୦୬ | ୦୦.୦ |
| | | | | | |
| **ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ** | **୨୦,୩୯୬** | **୨୪,୭୦୦** | **୨୪,୭୫୯** | **୨୯,୧୬୫** | **୧୮.୦** |
| ମୋଟ୍ ଆଇସିଡିଏସ୍ | ୧୯,୨୩୪ | ୨୩୦୮୮ | ୨୩୩୫୭ | ୨୭୫୮୪ | ୧୯.୫ |
| ଅଙ୍ଗନବାଡ଼ି ସେବା | ୧୫,୧୫୫ | ୧୬,୩୩୫ | ୧୭,୮୯୦ | ୧୯,୮୩୪ | ୨୧.୪ |
| ଜାତୀୟ ପୁଷ୍ଟିସାଧନ ମିଶନ | ୮୯୩ | ୩,୦୦୦ | ୩,୦୬୧ | ୩,୪୦୦ | ୧୩.୩ |
| ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା | ୨,୦୪୮ | ୨,୪୦୦ | ୧,୨୦୦ | ୨,୫୦୦ | ୦୪.୪ |
| | | | | | |
| ରସାୟନ ମନ୍ତ୍ରଣାଳୟର ଫାର୍ମାସୀ ବିଭାଗ | ୨୫୨ | ୨୬୧ | ୨୧୩ | ୨୩୬ | -୦୯.୬ |
| ଜନ ଔଷଧୀ ଯୋଜନା | ୪୮ | ୮୪ | ୪୨ | ୪୭ | -୪୪.୦ |
| | | | | | |
| **ପରିବେଶ ମନ୍ତ୍ରଣାଳୟ** | **୨,୬୨୬** | **୨,୬୭୫** | **୨,୬୭୫** | **୩,୧୭୫** | **୧୮.୭** |

| | | | | | |
|---|---|---|---|---|---|
| ଜଳବାୟୁ ପରିବର୍ତ୍ତନର ମୁକାବିଲା | ୨୭ | ୪୦ | ୪୦ | ୪୦ | ୦୦.୦ |
| ପ୍ରଦୂଷଣ ନିୟନ୍ତ୍ରଣ | - | - | ୦୫ | ୪୬୦ | |
| | | | | | |
| **ପେଟ୍ରୋଲିୟମ ଓ ଗ୍ୟାସ୍ ମନ୍ତ୍ରଣାଳୟ** | **୩୩,୧୯୨** | **୩୧,୧୦୦** | **୩୨,୪୬୫** | **୪୨,୯୦୧** | **-୩୮.୦** |
| ଗରିବଙ୍କୁ ଗ୍ୟାସ୍ ଯୋଗାଣ | ୨,୨୫୨ | ୩,୨୦୦ | ୩,୨୦୦ | ୨,୭୨୪ | -୧୪.୯ |
| | | | | | |
| **ପାନୀୟଜଳ ମନ୍ତ୍ରଣାଳୟ** | **୨୩,୯୩୯** | **୨୨,୩୫୬** | **୧୯,୯୯୩** | **୧୮,୨୧୬** | **-୧୮.୫** |
| ସ୍ୱଚ୍ଛଭାରତ ମିଶନ (ଗ୍ରାମାଞ୍ଚଳ) | ୧୬,୮୮୮ | ୧୫,୩୪୩ | ୧୪,୪୭୮ | ୧୦,୦୦୦ | -୩୪.୮ |
| **ସହରାଞ୍ଚଳ ବିକାଶ ଓ ଆବାସ ମନ୍ତ୍ରଣାଳୟ** | **୪୦,୦୬୧** | **୪୧,୭୬୫** | **୪୨,୯୬୫** | **୪୮,୦୩୧** | **୧୫.୦** |
| ସ୍ୱଚ୍ଛଭାରତ ମିଶନ (ସହର) | ୨,୫୩୯ | ୨,୫୦୦ | ୨,୫୦୦ | ୨,୭୫୦ | ୧୦.୦ |
| **ମୋଟ୍ (ଗ୍ରାମାଞ୍ଚଳ+ସହରାଞ୍ଚଳ)** | **୧୯,୪୨୭** | **୧୭,୮୪୩** | **୧୬,୯୭୮** | **୧୨,୭୫୦** | **-୨୮.୫** |

ଦୈନିକ ଚିକିତ୍ସା ସେବା ଯୋଗାଇ ଦିଆଯାଇପାରନ୍ତା।

୨) ଆର୍ଥିକ ସୁରକ୍ଷା ଉପରେ ଗୁରୁତ୍ୱ : ୨୦୧୫-୨୦୧୬ବର୍ଷରେ ଦେଶର ୨୨-୨୫ ଶତାଂଶ ଲୋକ ସ୍ୱାସ୍ଥ୍ୟବୀମା ଯୋଜନାର ପରିସରଭୁକ୍ତ ହୋଇଥିଲେ। ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ସହିତ ପ୍ରାଦେଶିକ ସରକାରମାନେ ନିଜନିଜ ରାଜ୍ୟରେ କେତେକ ନିର୍ଦ୍ଦିଷ୍ଟ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିଥିଲେ। ଏହା ଫଳରେ ସ୍ୱାସ୍ଥ୍ୟବୀମାଭୁକ୍ତ ଭାରତୀୟଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୫୫ଶତାଂଶ ହୋଇପାରେ। ନ୍ୟୁଇଣ୍ଡିଆ ପାଇଁ ନୀତି ଆୟୋଗ ଯେଉଁ ପାଞ୍ଚବର୍ଷିଆ ସ୍ୱାସ୍ଥ୍ୟସେବା ପ୍ରସ୍ତାବ ପ୍ରସ୍ତୁତ କରିଛି ସେଥିରେ ୨୦୨୨ସୁଦ୍ଧା ୭୫% ଲୋକଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାର ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟ ରଖାଯାଇଛି। ବିଶ୍ୱର ଯେଉଁସବୁ ଦେଶରେ ଉନ୍ନତ ସ୍ୱାସ୍ଥ୍ୟ ସେବା ଓ ବୀମା ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି ଭାରତ ସେସବୁ ଯୋଜନାକୁ ଅନୁଧ୍ୟାନ କରିବା ଆବଶ୍ୟକ। ଏହାଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟସେବା ଜନିତ ବ୍ୟକ୍ତିଗତ ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇବ ଏବଂ ବିପୁଳ ସରକାରୀ ଅର୍ଥର ଅପଚୟକୁ ମଧ୍ୟ ରୋକିହେବ।

୩) ଅଭିନବତା ଲୋଡ଼ା : ଭାରତରେ ସ୍ୱାସ୍ଥ୍ୟସେବା ରାଜ୍ୟ ତାଲିକାଭୁକ୍ତ ବିଷୟ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଅନୁଭୂତ କହେ ଯେ ଏ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଉଦ୍ୟମ ଓ ଦିଗ୍‌ଦର୍ଶନ ସ୍ଥିତି ପରିବର୍ତ୍ତନରେ ସହାୟକ ହେବ। କେନ୍ଦ୍ରୀୟ ଯୋଜନାକୁ ସହଯୋଗ କରିବା ଭଳି ବିଭିନ୍ନ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ରାଜ୍ୟ ସରକାରମାନେ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ କେନ୍ଦ୍ରର ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ହେଁ ପ୍ରାଦେଶିକ ନେତୃମଣ୍ଡଳୀ, ବିଶେଷ କରି ରାଜ୍ୟ ସରକାରମାନେ ଯଥାର୍ଥ ସହଯୋଗ ଯୋଗାଇବା ଜରୁରୀ। ଏହା ହେଲେ ସମଗ୍ର ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆସିବ। (ବକ୍ସ-୧ ଦ୍ରଷ୍ଟବ୍ୟ)

**ଉପସଂହାର:**

ଗୋଟିଏ ଦେଶର ଲୋକଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା ଉପରେ ସେ ଦେଶର ଆର୍ଥିକ ଅଭିବୃଦ୍ଧି ମୁଖ୍ୟତଃ ନିର୍ଭରଶୀଳ। ଏକ ରୁଗ୍ଣ, ବ୍ୟାଧିଗ୍ରସ୍ତ ଦେଶ ପ୍ରଗତି ପଥରେ ଆଗେଇ ପାରେନାହିଁ। ବିଶ୍ୱ ସ୍ତରରେ ଏବେ ରାଷ୍ଟ୍ରସମୂହଙ୍କ ଉତ୍ତମ ସ୍ୱାସ୍ଥ୍ୟ ସେବା ଓ ସେବାବଦରେ ସରକାରୀ ବ୍ୟୟ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ଉତ୍ତମ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ନିର୍ମାଣ, ଆବଶ୍ୟକ ଚିକିତ୍ସକ ଓ ଚିକିତ୍ସାରେ ସହାୟତା କରୁଥିବା ଲୋକଶକ୍ତି, ରୋଗୀଙ୍କୁ ଚିକିତ୍ସାବାବଦରେ ଆର୍ଥିକ ସୁରକ୍ଷା ଓ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଣ ଏଥିରେ ଗୁରୁତ୍ୱ ପାଇଛି। ଭାରତ ଭଳି ଏକ ସଂଘୀୟ ରାଷ୍ଟ୍ରରେ ରାଜ୍ୟସମୂହ ମଧ୍ୟ ଏ କ୍ଷେତ୍ରରେ ଆବଶ୍ୟକ ପ୍ରୟାସ ଓ ଗଠନମୂଳକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏବେ କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ ଅର୍ଥ ବରାଦ ସହ ଲୋକଙ୍କୁ ବୀମା ବ୍ୟବସ୍ଥା ଦ୍ୱାରା ଆର୍ଥିକ ସୁରକ୍ଷା ଯୋଗାଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହା ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଏକ ବଡ଼ ସୁଯୋଗ ସୃଷ୍ଟି କରିଛି। ଏହାର ସୁଯୋଗ ନେଇ ଏକ ସୁସ୍ଥ ଓ ସ୍ୱଚ୍ଛ ଭାରତ ଗଠନ କଲେ ଦେଶର ଆର୍ଥିକ ବିକାଶ ପ୍ରକ୍ରିୟା ଅବଶ୍ୟ ତ୍ୱରାନ୍ୱିତ ହେବ।

**ଲେଖକ ହେଉଛନ୍ତି ନୂଆଦିଲ୍ଲୀସ୍ଥିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନ୍ୟାସ୍‌ନାଲ୍ ପ୍ରଫେସନାଲ୍ ଅଫିସର।**

**Email ID: lahariyac@who.int**

# ଯୁବ ସମାଜର ନିରନ୍ତର ଓ ସମଭାଗୀ ବିକାଶ

ଯତୀନ୍ଦ୍ର ସିଂହ

ଯୁବବର୍ଗ ପ୍ରତ୍ୟେକ ଦେଶର ସବୁଠୁ ଗତିଶୀଳ ଓ ସକ୍ରିୟ ବର୍ଗ। ଏହି ବର୍ଗର ବିକାଶ ଏବଂ ସଶକ୍ତୀକରଣ ପ୍ରକ୍ରିୟା ଦ୍ୱାରା ପ୍ରତ୍ୟେକ ଦେଶରେ ଅଭିବୃଦ୍ଧିର ସୁଯୋଗ ସୃଷ୍ଟି ହୁଏ। ଉତ୍ତମ ଶିକ୍ଷା, ଦକ୍ଷତା ବିକାଶ ଓ କୁଶଳତା ବୃଦ୍ଧି ଯୋଗୁଁ ସେମାନେ ନିଜର ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥାନ୍ତି। ଏହା ଫଳରେ ଦେଶର ସାମାଜିକ-ଆର୍ଥିକ ଅଭିବୃଦ୍ଧି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ। ନାଗରିକଙ୍କ ହାରାହାରି ବୟସ ଦୃଷ୍ଟିରୁ ଭାରତ ବିଶ୍ୱର ସବୁଠୁ ଯୁବବହୁଳ ରାଷ୍ଟ୍ର। ଅତଏବ ଭାରତର ଏହି ଯୁବବର୍ଗଙ୍କ ଆବଶ୍ୟକ ବିକାଶ ଦେଶକୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଆର୍ଥିକ ଶକ୍ତିରେ ପରିଣତ କରିବାର ପ୍ରୟାସକୁ ତ୍ୱରାନ୍ୱିତ କରିବ। ଭାରତରେ ଭୌଗୋଳିକ, ଜନସଂଖ୍ୟାଭିତ୍ତିକ ଓ ସାମାଜିକ ଦୃଷ୍ଟିରୁ ଯୁବ ସମାଜ ମଧ୍ୟରେ ବିଭେଦତା ରହିଛି। ଏହା ଯୋଗୁ ଭାରତର ସମୁଦାୟ ଯୁବବର୍ଗର ସମବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଯେଉଁ ଯୁବକଯୁବତୀମାନେ ଶିକ୍ଷାଦୀକ୍ଷା ଓ ବୁଦ୍ଧି ବିବେକରେ ଆଗୁଆ ତଥା ଅଧିକ ସଚେତନ ସେମାନେ ଲବ୍ଧ ସୁବିଧା ସୁଯୋଗର ଉପଯୋଗ କରି ଉନ୍ନତି ପଥେ ଅଗ୍ରସର ହେଉଛନ୍ତି। ତେବେ ଆଦିବାସୀ, ତଫସିଲଭୁକ୍ତ ଜାତି, ଅନ୍ୟାନ୍ୟ ଅନଗ୍ରସର ବର୍ଗ, ଶାରୀରିକ ଭିନ୍ନକ୍ଷମ ବର୍ଗର ଯୁବକଯୁବତୀ; ଯେଉଁମାନେ ଅପେକ୍ଷାକୃତ ପଛରେ ପଡ଼ିଛନ୍ତି ଏବଂ ସଚେତନା ଓ ଶିକ୍ଷାଦୀକ୍ଷା ଦୃଷ୍ଟିରୁ ବିଶେଷ ଆଗେଇ ପାରିନାହାନ୍ତି ସେମାନେ ସୁଯୋଗର ଉପଯୁକ୍ତ ବିନିଯୋଗ କରିପାରୁନାହାନ୍ତି। ଗ୍ରାମାଞ୍ଚଳର ଯୁବ ସମାଜ ମଧ୍ୟ ସୁବିଧାସୁଯୋଗର ଅଭାବ ଓ ସଚେତନା ଅଭାବରୁ ନିଜର ଅଭିଳାଷ ପୂରଣରେ ପଛରେ ପଡ଼ିଯାଉଛି।


ଶିକ୍ଷା କ୍ଷେତ୍ରରେ ସଂସ୍କାର, ଦକ୍ଷତା ବିକାଶ ଓ ଉଦ୍ୟମିତା ଆଦି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନଗ୍ରସର ଶ୍ରେଣୀ ଓ ପଛରେ ପଡ଼ିଥିବା ଯୁବବର୍ଗଙ୍କ ବିକାଶ ପାଇଁ ଉଦ୍ୟମ ଜାରିରଖିଛନ୍ତି। ସେମାନଙ୍କର ପାଠପଢ଼ା, ତାଲିମ, ଦକ୍ଷତା ବିକାଶ ଓ ନିଯୁକ୍ତି ପାଇଁ ନାନାବିଧ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ଇଣ୍ଟରନେଟ୍, ଗଣମାଧ୍ୟମ ଓ ସୂଚନା ସଂସ୍ପର୍ଶରେ ସେମାନେ ଆସିବା ଫଳରେ ଏହି



ବର୍ଗର ଯୁବକଯୁବତୀ ଆତ୍ମନିର୍ଭରଶୀଳ ଏବଂ ମର୍ଯ୍ୟାଦାଜନକ ଜୀବନଯାପନ କରିବାର ସୁଯୋଗ ପାଉଛନ୍ତି। ଉଦ୍ୟମିତାର ଯେଉଁ ନୂଆ ହାୱା ଏବେ ଚାଲିଛି ତାହା ଯୁବସମାଜର ଆଶା ଆକାଂକ୍ଷା ପୂରଣରେ ପରିବର୍ତ୍ତନ ବାହକ ସାଜିଛି। ଏଥିପାଇଁ ସ୍କୁଲ ସ୍ତରରୁ ପିଲାମାନଙ୍କୁ ଏ ସମ୍ପର୍କରେ ପାଠ ପଢ଼େଇ ତାଲିମ ଦେଇ ପ୍ରସ୍ତୁତ କରାଯାଉଛି। ଘରୋଇ ଉଦ୍ୟୋଗଗୁଡ଼ିକ ସାମାଜିକ ଦାୟିତ୍ୱନିର୍ବାହ କାର୍ଯ୍ୟକ୍ରମରେ ନାନାବିଧ ପଦକ୍ଷେପ ଗ୍ରହଣ କରି ଅବହେଳିତ ବର୍ଗର ଯୁବକଯୁବତୀମାନଙ୍କୁ ଶିକ୍ଷା ଓ ତାଲିମ ଦେଇ ନିଯୁକ୍ତି ଉପଯୋଗୀ କରୁଛନ୍ତି।

ସାମାଜିକ ଓ ଜୀବିକା ନିର୍ବାହ ପ୍ରକ୍ରିୟାରେ ସମସ୍ତଙ୍କୁ ସମବେତ କରିବାର ପ୍ରମୁଖ ଧାରା ହେଲା ଡିଜିଟାଲ ବ୍ୟବସ୍ଥାରେ ସମସ୍ତଙ୍କୁ ସାମିଲ କରିବା। ଉଦୟମାନ ଆଇଟି ଉଦ୍ୟୋଗ ଓ ତତ୍ ସଂକ୍ରାନ୍ତ ସେବାଗୁଡ଼ିକ ମାଧ୍ୟମରେ ବହୁ ସଂଖ୍ୟକ ଯୁବକଯୁବତୀଙ୍କୁ ଅନ୍ତର୍ଭୁକ୍ତ କରାଯାଇ ନିଯୁକ୍ତି ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ପୂର୍ବରୁ ସୂଚନା ଓ ସଚେତନତାର ଅଭାବ ଯୋଗୁଁ ଅନେକ ଯୁବବର୍ଗ ଏହି ପ୍ରକ୍ରିୟାରୁ ବଞ୍ଚିତ ହେଉଥିଲେ। ଏବେ ସେ ସ୍ଥିତି ଆଉ ପ୍ରାୟ ନାହିଁ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍, ଥ୍ରୀଡି ପ୍ରିଂଟିଙ୍ଗ, ଅଟୋମେସନ, ରୋବୋଟିକ୍ସ ଆଦି ନୂଆ ପିଢ଼ିର ଅତ୍ୟାଧୁନିକ ଜ୍ଞାନକୌଶଳ ଏବେ ସୂଚନା ପ୍ରଯୁକ୍ତି ଓ ନିଯୁକ୍ତିର ରୂପରେଖକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ଏହି ସବୁ ନିର୍ଦ୍ଦିଷ୍ଟ କୌଶଳ ଓ ଆଇଟି ଦକ୍ଷତାର ଏବେ ବେଶ୍ ଚାହିଦା ରହିଛି। ସ୍କିଲ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ ଓ ଷ୍ଟାର୍ଟଅପ୍ ଇଣ୍ଡିଆ ମାଧ୍ୟମରେ ଏସବୁ ବିଷୟରେ ଭାରତୀୟ ଯୁବସମାଜକୁ ଉପଯୁକ୍ତ ଓ ଦକ୍ଷ କରି ଗଢ଼ି ତୋଳିବାକୁ ପ୍ରୟାସ କରାଯାଉଛି। ଭାରତୀୟ ଯୁବ ସମାଜ ଏସବୁ ବୁଦ୍ଧିବିଦ୍ୟା ଓ କରାମତି ହାସଲ କରି ନୂଆ ନୂଆ ଚମତ୍କାରିତା ଦେଖାଉଛନ୍ତି। ନୂଆପିଢ଼ିର ଟେକ୍ନୋଲୋଜି (ଡିସ୍‌ରପ୍‌ଟିଭ ଟେକ୍ନୋଲୋଜି) ବାହାର କରିବା ବା ଏ କ୍ଷେତ୍ରରେ ଅଭିନବ କାର୍ଯ୍ୟ କରି ଦେଖାଇବାରେ ଭାରତୀୟ ଯୁବକଯୁବତୀମାନେ ବେଶ୍ ସଫଳ ହେଉଛନ୍ତି।

୨୦୧୧ ଜନଗଣନା ତଥ୍ୟ ଅନୁସାରେ ଭାରତରେ ଭିନ୍ନକ୍ଷମଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୨.୨୧%। ଅନ୍ୟ ଅର୍ଥରେ ଭାରତର ଦୁଇକୋଟି ୭୦ଲକ୍ଷ ଲୋକ ଭିନ୍ନକ୍ଷମ। ଶାରୀରିକ ଅକ୍ଷମ ଯୁବକ ଯୁବତୀମାନେ ସାମାଜିକ, ଆର୍ଥିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସେମାନଙ୍କ ପ୍ରତି ସାମାଜିକ ସ୍ତରରେ କେତେକ ପାତରଅନ୍ତର ମନୋଭାବ ଥାଏ ଯାହା ଫଳରେ ସେମାନେ ଅଯୌକ୍ତିକ ଏବଂ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି। ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ରେ ଏହି ବର୍ଗର ଯୁବକଯୁବତୀଙ୍କ ବିକାଶ ଓ ଥଇଥାନ ପାଇଁ କେତେକ ବ୍ୟବସ୍ଥା ରହିଛି। ଏସ୍‌ଡିଜି-୪ରେ ଏହି ବର୍ଗ ପାଇଁ ନିଶ୍ଚିତ ଶିକ୍ଷା ପ୍ରଦାନ ଓ ଆବଶ୍ୟକ ପରିବେଶ ନିର୍ମାଣ କରି ସେମାନଙ୍କ ଥଇଥାନ କରିବାର ନିୟମ ରହିଛି। ଏସ୍‌ଡିଜି-୮ରେ ଏମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବାର ବ୍ୟବସ୍ଥା କରାଯାଇଛି। ଫଳରେ ନିଯୁକ୍ତି ବଜାରରେ ସେମାନଙ୍କ ପାଇଁ ସ୍ଥାନ ନିଶ୍ଚିତ ହୋଇଛି। ୨୦୩୦ ପାଇଁ ପ୍ରସ୍ତୁତ



ନିରନ୍ତର ବିକାଶ ଲକ୍ଷ୍ୟ କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ବା ଶାରୀରିକ ଅକ୍ଷମମାନଙ୍କ ପାଇଁ ଆହୁରି ଅନେକ ବ୍ୟବସ୍ଥା କରାଯାଇଛି। ଏହି ଲକ୍ଷ୍ୟ ପୂରଣ କରିବା ପାଇଁ ଭାରତ ଆବଶ୍ୟକ ପ୍ରୟାସ ଜାରି ରଖିଛି।

ଭିନ୍ନକ୍ଷମମାନେ ନିଯୁକ୍ତି ଓ ଆର୍ଥିକ ବିକାଶ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ଭାବେ ସାମିଲ ହୋଇ ଯେପରି ଉପାର୍ଜନ କରିପାରିବେ ଓ ଆତ୍ମନିର୍ଭରଶୀଳ ହେବେ ସେଥିପାଇଁ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ ହେଉଛି। ଏମାନେ ଏ କ୍ଷେତ୍ରରେ ଯେପରି ବାଛବିଚାରର ସମ୍ମୁଖୀନ ନ'ହୁଅନ୍ତି ସେଥିପାଇଁ ବ୍ୟବସ୍ଥା ନିଶ୍ଚିତ କରାଯାଇଛି। ଏହାକୁ ନଜରରେ ରଖି ଏହି ବର୍ଗଙ୍କ ପାଇଁ ସମାବେଶୀ ଶିକ୍ଷା, ସାର୍ବଜନୀନ ଡିଜାଇନ୍, ନୂଆ ଟେକ୍‌ନୋଲୋଜି, ଡିଜିଟାଲ ଅର୍ଥନୀତି ଓ ଡିଜିଟାଲ ଇଣ୍ଟରଫେସ୍ ପ୍ରସ୍ତୁତ ହେଉଛି। ଏହାର ସୁଯୋଗ ନେଇ ଅନେକ ଶାରୀରିକ ଅକ୍ଷମ ସେମାନଙ୍କ ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଆଦର୍ଶ ସହକର୍ମୀ ଓ ଦିଗ୍‌ଦର୍ଶକ ପାଲଟିଛନ୍ତି। ସହାୟତା ଯୋଗାଉଥିବା ଟେକ୍‌ନୋଲୋଜି, ଇଣ୍ଟରନେଟ୍, ସୋସିଆଲ ମିଡିଆ, ଅନ୍ୟାନ୍ୟ ଟେକ୍‌ନୋଲୋଜି ଓ ପରିବର୍ଦ୍ଧନ ସେବା ଏ କ୍ଷେତ୍ରରେ ସେମାନଙ୍କୁ ବିଶେଷ ସହାୟତା ଯୋଗାଉଛି। ଏହା ଫଳରେ ଅଭିବୃଦ୍ଧି ଓ ବିକାଶ କ୍ଷେତ୍ରରେ ଶାରୀରିକ ଅକ୍ଷମତା ଆଉ ବିଶେଷ ପ୍ରତିବନ୍ଧକ ହେଉନାହିଁ।



ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)-୨ ଯାହା ୨୦୧୫ ପରବର୍ତ୍ତୀ ସମୟ ପାଇଁ ପ୍ରସ୍ତୁତ ହୋଇଛି ସେଥିରେ କ୍ଷୁଧାର ଅବସାନ, ଖାଦ୍ୟ ନିରାପତ୍ତା ନିଶ୍ଚିତ କରିବା, ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଉନ୍ନତି ଏବଂ କୃଷିର ନିରନ୍ତର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ଗୋଟିଏ ଯୋଜନା ରହିଛି ଯାହା ଲକ୍ଷ୍ୟ-୨(କ) ବା ଟାର୍ଗେଟ-୨ ନାମରେ ପରିଚିତ। ଏଥିରେ ପୁଞ୍ଜିନିବେଶ ବୃଦ୍ଧି, ବର୍ଦ୍ଧିତ ଆନ୍ତର୍ଜାତିକ ସହଯୋଗ, ଗ୍ରାମ୍ୟ ଭିତ୍ତିଭୂମିର ବିକାଶ, କୃଷି ଗବେଷଣା ଓ ସଂପ୍ରସାରଣ ସେବା, ଟେକ୍‌ନୋଲୋଜି ବିକାଶ, ବିଭିନ୍ନ ପ୍ରକାର ଫସଲ ଓ ପଶୁ ସମ୍ପଦଙ୍କ ଜିନ୍ ବ୍ୟାଙ୍କ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାର ଲକ୍ଷ୍ୟ ହେଲା ଉଭୟ ବିକାଶଶୀଳ ଓ ଅନୁନ୍ନତ ଦେଶଗୁଡ଼ିକରେ କୃଷି ଉତ୍ପାଦନ ବୃଦ୍ଧି କରିବା। ୨୦୦୧ ଜନଗଣନା ଅନୁସାରେ ଭାରତରେ ତଫସିଲଭୁକ୍ତ ଉପଜାତିର ଲୋକଙ୍କ ସଂଖ୍ୟା ୮୪ ନିୟୁତ। ଏହା ଦେଶର ମୋଟ୍ ଜନସଂଖ୍ୟାର ୮.୨ ଭାଗ। ଏବେ କେନ୍ଦ୍ର ସରକାର ଆଦିବାସୀଙ୍କ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ତେଣୁ ଆଦିବାସୀ ଯୁବକଯୁବତୀଙ୍କ ସର୍ବାଙ୍ଗୀଣ ବିକାଶ ପାଇଁ ସରକାର ନାନାବିଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ସେବାବଦରେ ଆବଶ୍ୟକ ଅର୍ଥ ଯୋଗାଇ ଦେଉଛନ୍ତି। ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ସ୍ୱତନ୍ତ୍ର ଆଦିବାସୀ ଉପଯୋଜନା ନିମନ୍ତେ ଶତପ୍ରତିଶତ ଅର୍ଥ ଯୋଗାଇ ଦିଆଯାଉଛି। ଏହି ଅର୍ଥ ଆଇଟିଡିପି, ଆଇଟିଡିଏ ଓ ମାଡ଼ା ଆଦି ସ୍ୱତନ୍ତ୍ର ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ଦ୍ୱାରା ବିନିଯୋଗ ହେଉଛି। ଆଦିମ ତଥା ବିଲୁପ୍ତ ପ୍ରାୟ ଆଦିବାସୀ ସଂପ୍ରଦାୟ ତଥା ବିକ୍ଷିପ୍ତ ଭାବେ ରହୁଥିବା ବିପନ୍ନ ଆଦିବାସୀ ସମୁଦାୟଙ୍କ କଲ୍ୟାଣ ପାଇଁ ମଧ୍ୟ ସରକାର ସ୍ୱତନ୍ତ୍ର ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି।

କେନ୍ଦ୍ରୀୟ ଯୋଜନାରେ ଅତି ଉପେକ୍ଷିତ ଆଦିବାସୀଙ୍କ ଦ୍ୱାରା ସଂଗୃହୀତ ବନଜାତ ସାମଗ୍ରୀ ଓ ଫସଲ ଆଦିର ବିକ୍ରିବଟା ପାଇଁ ବଜାର ନିର୍ମାଣ ତଥା

ଭିତ୍ତିଭୂମି ବିକାଶ ନିମନ୍ତେ ଆନୁଷ୍ଠାନିକ ସହାୟତା ଯୋଗାଇ ଦିଆଯାଉଛି। ଏହା ଫଳରେ ଆଦିବାସୀମାନେ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବା ସହ ନିଜର ପାରମ୍ପରିକ ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ସଫଳ ହେଉଛନ୍ତି। ଆଦିବାସୀଙ୍କୁ ଆତ୍ମନିଯୁକ୍ତିର ସୁଯୋଗ ଦେଇ ସେମାନଙ୍କ ଆର୍ଥିକ ବିକାଶରେ ସହାୟତା ଦେବା ପାଇଁ ଆଦିବାସୀ ଜାତୀୟ ବିତ୍ତ ଓ ବିକାଶ ନିଗମ (ଏନ୍‌ଏସ୍‌ଟିଏଫ୍‌ଡିସି) ଗଠନ କରାଯାଇଛି। ଏହା ଏ କ୍ଷେତ୍ରରେ ଯୋଜନା ପ୍ରସ୍ତୁତ କରିବା ସହ ଏଥିପାଇଁ ଋଣ ଓ ଆର୍ଥିକ ସହାୟତା ଯୋଗାଇଦେଉଛି। ଆଦିବାସୀଙ୍କୁ କୁଶଳି କରିବା ସହ ସେମାନଙ୍କ ଦକ୍ଷତା ନିର୍ମାଣ ପାଇଁ ଏହି ସଂସ୍ଥା ମଧ୍ୟ କାର୍ଯ୍ୟ କରୁଛି। ଆଦିବାସୀ ଛାତ୍ରଛାତ୍ରୀଙ୍କୁ ପ୍ରାକ୍ ମାଟ୍ରିକ ଛାତ୍ର ବୃତ୍ତି (ନବମ ଓ ଦଶମ ଶ୍ରେଣୀ) ମଧ୍ୟ ଏହି ସଂସ୍ଥା ଯୋଗାଇଦେଉଛି। ଯେଉଁ ପିଲାମାନଙ୍କର ପିତାମାତାଙ୍କ ବାର୍ଷିକ ଆୟ ୨ ଲକ୍ଷ ଟଙ୍କାରୁ କମ୍ ସେମାନେ ଏହି ବୃତ୍ତି ପାଉଛନ୍ତି। ସେହିଭଳି ଏକାଦଶ ଶ୍ରେଣୀର ଆଦିବାସୀ ପିଲାଙ୍କ ପାଇଁ ମାଟ୍ରିକ ପରବର୍ତ୍ତୀ ବୃତ୍ତିର ବ୍ୟବସ୍ଥା ଅଛି। ପିତାମାତାଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷରୁ କମ୍ ଥିବା ଆଦିବାସୀ ପିଲା ଏହି ବୃତ୍ତି ପାଉଛନ୍ତି। ବିଦେଶରେ ପାଠ ପଢ଼ିବା ଏବଂ ଉପାଧ୍ୟୋତ୍ତର ଶିକ୍ଷା ଓ ଗବେଷଣା କରିବା ପାଇଁ ଏନ୍‌ଏସ୍‌ଟିଏଫ୍‌ଡିସି ମଧ୍ୟ ବୃତ୍ତି ଯୋଗାଇଦେଉଛି। ଦେଶର ଯେଉଁସବୁ ଜିଲାରେ ଆଦିବାସୀ ଛାତ୍ରୀଙ୍କ ସାକ୍ଷରତା ହାର ସ୍ୱଳ୍ପ ସେଠାରେ ଝିଅପିଲାଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ ହେଉଛି। ଆଦିବାସୀ ଛାତ୍ରଛାତ୍ରୀଙ୍କ ବୃତ୍ତିଗତ ତାଲିମ ସରକାରୀ ଯୋଜନାରେ ଅଗ୍ରାଧିକାର ପାଇଛି। ସେମାନଙ୍କୁ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ଏବଂ ଆତ୍ମନିଯୁକ୍ତି ପାଇଁ ଯୋଗ୍ୟ ତଥା ଦକ୍ଷ କରିବାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍ୟମ ଅବ୍ୟାହତ ରହିଛି। ଏସବୁ ଯୋଜନାର ଉଦ୍ଦେଶ୍ୟ ହେଲା ଆଦିବାସୀମାନଙ୍କୁ ସଶକ୍ତ ଓ ରୋଜଗାରକ୍ଷମ କରି ସେମାନଙ୍କୁ ଦାରିଦ୍ର୍ୟର କଷାଘାତରୁ ମୁକ୍ତ କରିବା।

> ସାମାଜିକ ଓ ଜୀବିକା ନିର୍ବାହ ପ୍ରକ୍ରିୟାରେ ସମସ୍ତଙ୍କୁ ସମବେତ କରିବାର ପ୍ରମୁଖ ଧାରା ହେଲା ଡିଜିଟାଲ ବ୍ୟବସ୍ଥାରେ ସମସ୍ତଙ୍କୁ ସାମିଲ କରିବା। ଉଦୟମାନ ଆଇଟି ଉଦ୍ୟୋଗ ଓ ତତ୍ ସଂକ୍ରାନ୍ତ ସେବାଗୁଡ଼ିକ ମାଧ୍ୟମରେ ବହୁ ସଂଖ୍ୟକ ଯୁବକଯୁବତୀଙ୍କୁ ଅନ୍ତର୍ଭୁକ୍ତ କରାଯାଇ ନିଯୁକ୍ତି ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ପୂର୍ବରୁ ସୂଚନା ଓ ସଚେତନତାର ଅଭାବ ଯୋଗୁଁ ଅନେକ ଯୁବବର୍ଗ ଏହି ପ୍ରକ୍ରିୟାରୁ ବଞ୍ଚିତ ହେଉଥିଲେ। ଏବେ ସେ ସ୍ଥିତି ଆଉ ପ୍ରାୟ ନାହିଁ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍, ଥ୍ରୀଡି ପ୍ରିଂଟିଙ୍ଗ, ଅଟୋମେସନ, ରୋବୋଟିକ୍ସ ଆଦି ନୂଆ ପିଢ଼ିର ଅତ୍ୟାଧୁନିକ ଜ୍ଞାନକୌଶଳ ଏବେ ସୂଚନା ପ୍ରଯୁକ୍ତି ଓ ନିଯୁକ୍ତିର ରୂପରେଖକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ଏହି ସବୁ ନିର୍ଦ୍ଦିଷ୍ଟ କୌଶଳ ଓ ଆଇଟି ଦକ୍ଷତାର ଏବେ ବେଶ୍ ଚାହିଦା ରହିଛି। ସ୍କିଲ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ ଓ ଷ୍ଟାର୍ଟଅପ୍ ଇଣ୍ଡିଆ ମାଧ୍ୟମରେ ଏସବୁ ବିଷୟରେ ଭାରତୀୟ ଯୁବସମାଜକୁ ଉପଯୁକ୍ତ ଓ ଦକ୍ଷ କରି ଗଢ଼ି ତୋଳିବାକୁ ପ୍ରୟାସ କରାଯାଉଛି। ଭାରତୀୟ ଯୁବ ସମାଜ ଏସବୁ ବୁଦ୍ଧିବିଦ୍ୟା ଓ କରାମତି ହାସଲ କରି ନୂଆ ନୂଆ ଚମତ୍କାରିତା ଦେଖାଉଛନ୍ତି। ନୂଆପିଢ଼ିର ଟେକ୍‌ନୋଲୋଜି (ଡିସ୍‌ରପ୍‌ଟିଭ ଟେକ୍‌ନୋଲୋଜି) ବାହାର କରିବା ବା ଏ କ୍ଷେତ୍ରରେ ଅଭିନବ କାର୍ଯ୍ୟ କରି ଦେଖାଇବାରେ ଭାରତୀୟ ଯୁବକଯୁବତୀମାନେ ବେଶ୍ ସଫଳ ହେଉଛନ୍ତି।

ଭାରତୀୟ ଯୁବସମାଜ ସାମାଜିକ-ଆର୍ଥିକ ବିକାଶ ଓ ବୈଷୟିକ ଅଭିନବତାର ଚାବି ସଦୃଶ। ସେମାନଙ୍କର ସମ୍ମିଳିତ ଶକ୍ତି ଓ ଲକ୍ଷ୍ୟ ଆମ ଦେଶର ଅଭିବୃଦ୍ଧିର ଇଂଜିନ୍। ଅତଏବ ସମାଜର ସବୁ ବର୍ଗର ଯୁବକ ଯୁବତୀଙ୍କୁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ସରକାରଙ୍କ ସହିତ ଘରୋଇ ଉଦ୍ୟୋଗ, ବିଭିନ୍ନ ରାଷ୍ଟ୍ରାୟତ୍ତ ସଂସ୍ଥା ଓ ନାଗରିକ ସମାଜ ଆଗେଇ ଆସିବା ଉଚିତ। ସେମାନଙ୍କ ଶିକ୍ଷା, ଦକ୍ଷତା ଓ ଉଦ୍‌ଯୋଗ ବିକାଶ ଏବଂ ସଶକ୍ତୀକରଣ ପାଇଁ ସବୁମନ୍ତେ ସାହାଯ୍ୟ ସହଯୋଗ ଲୋଡ଼ା। ଆଦିବାସୀଙ୍କ ଭଳି ଯେଉଁ ଯୁବବର୍ଗ ଅବହେଳିତ ଅନଗ୍ରସର ଓ ଉପେକ୍ଷିତ ବର୍ଗର ସେମାନଙ୍କ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଅପରିହାର୍ଯ୍ୟ।

ଲୋକଙ୍କ ଜୀବନରେ ଉନ୍ନତି ଆଣିବା ସହ ବିଶ୍ୱକୁ ବଦଳାଇବାରେ ଟେକ୍‌ନୋଲୋଜିର ଭୂମିକା ଅନସ୍ୱୀକାର୍ଯ୍ୟ। ଅତଏବ ଆମର ବିକାଶ ପ୍ରକ୍ରିୟାରେ ଯୁବସମାଜ କେନ୍ଦ୍ରବିନ୍ଦୁ ହେବା ସହ ସେମାନଙ୍କ ନେତୃତ୍ୱରେ ପରିବର୍ତ୍ତନ ଅଣାଯିବା ଆବଶ୍ୟକ। ତେବେ ଯାଇଁ ଭାରତରେ ନିରନ୍ତର ବିକାଶ ପ୍ରକ୍ରିୟା ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବ ଏବଂ ସମାଜର ପ୍ରତ୍ୟେକ ବର୍ଗର ଲୋକେ ଏଥିରେ ସମଭାଗୀ ହୋଇପାରିବେ।

**ଲେଖକ ଭାରତୀୟ ଶିଳ୍ପ ବଣିକ ସଂଘ ଶିକ୍ଷା, ଦକ୍ଷତା ନିର୍ମାଣ ଓ ଇନୋଭେସନ ସଂସ୍ଥାର ନିର୍ଦ୍ଦେଶକ।**

**Email ID: jatinder@phdcci.in**



ବିଶେଷ ପ୍ରସଙ୍ଗ

# ସାର୍ବଜନୀନ ବିକାଶଧାରାରେ ସାମାଜିକ ସମ୍ପୃକ୍ତି

ମୁନିରାଜୁ ଏସ୍.ବି

ଭାରତରେ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ବିଭିନ୍ନ କାରଣରୁ ପଛରେ ପଡ଼ିରହିଥିବା ବର୍ଗଙ୍କୁ ଚିହ୍ନଟ କରି ସେମାନଙ୍କୁ ଜାତୀୟ ମୁଖ୍ୟ ଧାରାରେ ସାମିଲ କରିବାକୁ ଗୋଟିକ ପରେ ଗୋଟିଏ ସରକାର ପ୍ରୟାସ କରିଆସିଛନ୍ତି। ଏହିସବୁ ଜାତି ଓ ବର୍ଗର ଲୋକଙ୍କୁ ସାମାଜିକ ପ୍ରକ୍ରିୟାରେ ସାମିଲ କରିବାକୁ ସରକାର ମଧ୍ୟ ବିଭିନ୍ନ ଯୋଜନା/ କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍ୟମ ଜାରି ରଖିଛନ୍ତି। ଏହାକୁ ସରକାରୀ ଗଠନମୂଳକ ହସ୍ତକ୍ଷେପ ଭାବେ ବିଚାର କରାଯାଉଛି। ଅବହେଳିତ ଏହି ସମାଜ ବା ବର୍ଗଗୁଡ଼ିକ ମଧ୍ୟରେ ଅଛନ୍ତି ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଉପଜାତି, ଅନ୍ୟାନ୍ୟ ଅନଗ୍ରସର ଶ୍ରେଣୀ, ବିଜ୍ଞପ୍ତିରୁ ବାଦ ପଡ଼ିଥିବା ଜାତି, ଯାଯାବର, ଅର୍ଦ୍ଧଯାଯାବର, ସଫାଇ କର୍ମଚାରୀ, ଧାର୍ମିକ ସଂଖ୍ୟାଲଘୁ, ଆର୍ଥିକ ଅନଗ୍ରସର ଶ୍ରେଣୀ, ଶାରୀରିକ ଅକ୍ଷମ, ବରିଷ୍ଠ ନାଗରିକ, ନିରାଶ୍ରୟ, ତୃତୀୟ ଲିଙ୍ଗର ଲୋକ, ମହିଳା ଓ ଶିଶୁ।

ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ଆଞ୍ଚଳିକତା ନିର୍ବିଶେଷରେ ଭାରତୀୟ ସମ୍ବିଧାନ ସବୁ ନାଗରିକଙ୍କୁ ମୌଳିକ ଅଧିକାର ପ୍ରଦାନ କରିଛି। ଏଥିରେ ଅନଗ୍ରସର ବା ପଛୁଆ ବର୍ଗଗୁଡ଼ିକର ଉନ୍ନତି ପାଇଁ କାର୍ଯ୍ୟକ୍ରମ ନିଶ୍ଚିତ କରିବାର ସ୍ପଷ୍ଟ ନିର୍ଦ୍ଦେଶ ମଧ୍ୟ ଅଛି। ରାଷ୍ଟ୍ରର ନୀତି ନିର୍ଦ୍ଦେଶକ ସିଦ୍ଧାନ୍ତ ବା ଡାଇରେକ୍ଟିଭ ପ୍ରିନ୍ସିପଲ୍ ଅଫ୍ ଷ୍ଟେଟ୍ ପଲିସି ଏହି ବର୍ଗର ଲୋକଙ୍କ ସୁରକ୍ଷା ଓ ବିକାଶକୁ ନିଶ୍ଚିତ କରିଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସରକାର ଧାରାବାହିକ ଭାବେ ଏହି ବର୍ଗସମୂହଙ୍କ ବିକାଶ ତଥା କଲ୍ୟାଣ ପାଇଁ ନାନା

ପ୍ରକାର ଯୋଜନା / କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ବିଫଳ ପ୍ରମାଣିତ ହେଉଛି ତାହାକୁ ବଦଳାଯାଇ ନୂଆ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ସବୁ ବର୍ଗର ସମସ୍ତ ଲୋକ ଯେପରି ଉପକୃତ ହେବେ ସେଥିପାଇଁ ଉଭୟ ଯୋଜନା ଓ ରୂପାୟନ ପ୍ରକ୍ରିୟା ପ୍ରସ୍ତୁତ ହେଉଛି।

ଦୀର୍ଘ ୬୦ବର୍ଷର ଯୋଜନା (ପ୍ଲାନିଂ)ର ଅନୁଭୂତିରୁ ଏହା ସ୍ପଷ୍ଟ ହୋଇଛି ଯେ ବିକାଶ ଓ ଆଧୁନିକୀକରଣ ପ୍ରକ୍ରିୟା ଦ୍ୱାରା ସବୁ ବର୍ଗର ଲୋକେ ଉପକୃତ ହୋଇଛନ୍ତି। ତେବେ ଏଥିରେ ସଂଖ୍ୟାଗରିଷ୍ଠ ସଂପ୍ରଦାୟ ବା ବର୍ଗର ଲୋକେ ଯେଉଁ ପରିମାଣରେ ଉପକୃତ ହୋଇଛନ୍ତି ଅନ୍ୟାନ୍ୟ ଅନଗ୍ରସର ବର୍ଗ ସେଭଳି ଲାଭ ପାଇନାହାନ୍ତି। ତଳେ ଦିଆଯାଇଥିବା ଟେବୁଲରେ ଏସ୍‌ସି, ଏସ୍‌ଟି, ଓବିସି, ସଂଖ୍ୟାଲଘୁ ଆଦି ବର୍ଗର ସାମାଜିକ ଆର୍ଥିକ ସୂଚକାଙ୍କର ତଥ୍ୟ ପ୍ରଦାନ କରାଯାଇଛି।

**ଟେବୁଲ-୧ ବିଭିନ୍ନ ବର୍ଗରେ ଥିବା ଦୁର୍ବଳ ଶ୍ରେଣୀଙ୍କ ଅନୁପାତ**

| ସାମାଜିକ ଗୋଷ୍ଠୀ | ୨୦୦୧ ମସିହା | ୨୦୧୧ ମସିହା |
|---|---|---|
| | ମୋଟ୍ | |
| ଏସ୍‌ସି | ୧୬.୨ | ୧୬.୬ |
| ଏସ୍‌ଟି | ୮.୨ | ୮.୬ |
| ଭିନ୍ନକ୍ଷମ | ୨.୧ | ୨.୨୧ |
| ସଂଖ୍ୟାଲଘୁ | ୧୮.୮ | ୧୯.୩୨ |
| ତୃତୀୟ ଲିଙ୍ଗ | --- | ୦.୦୪ |
| ମହିଳା | ୪୮.୨୬ | ୪୮.୪୬ |
| ଶିଶୁ | ୧୫.୯୩ | ୧୩.୧ |
| ଓବିସି | --- | ୪୦.୯୪ |
| ବୟସ୍କ | ୭.୪ | ୮.୬ |

***(ଉତ୍ସ : ଜନଗଣନା ତଥ୍ୟ, ୨୦୦୧ ଓ ୨୦୧୧)***

**ଟେବୁଲ-୨ ବିଭିନ୍ନ ସାମାଜିକ ବର୍ଗଙ୍କ ସାକ୍ଷରତା ହାର**

| ସାମାଜିକ ବର୍ଗ | ୨୦୦୧ | ୨୦୧୧ |
|---|---|---|
| ଏସ୍‌ସି | ୫୪.୬୯ | ୬୬.୦୭ |
| ଏସ୍‌ଟି | ୪୭.୧୦ | ୫୮.୯୬ |
| ଧାର୍ମିକ ସଂଖ୍ୟାଲଘୁ | | |
| ମୁସଲମାନ | ୫୯.୧ | ୬୮.୫ |
| ଖ୍ରୀଷ୍ଟିଆନ | ୮୦.୩ | ୮୪.୫ |
| ଶିଖ୍ | ୬୯.୪ | ୭୫.୪ |
| ବୌଦ୍ଧ | ୭୨.୭ | ୮୧.୩ |
| ଜୈନ | ୯୪.୧ | ୯୪.୯ |
| ଅନ୍ୟ ଧାର୍ମିକ ଗୋଷ୍ଠୀ | ୪୭.୦ | ୫୯.୯ |
| ଅନ୍ୟାନ୍ୟ ବର୍ଗ | ୬୪.୮୪ | ୭୨.୯୯ |

ଭାରତୀୟ ସମାଜରେ ବିଧବାମାନଙ୍କର ସ୍ଥିତି ସେତେ ଭଲ ନୁହେଁ। ଏହାକୁ ଦୃଷ୍ଟିରେ ରଖି ଯେଉଁ ବିଧବାମାନଙ୍କର ସାମାଜିକ ସୁରକ୍ଷା ବ୍ୟବସ୍ଥା ନାହିଁ ସେମାନଙ୍କ ପାଇଁ କେତେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସେମାନଙ୍କ ପାଇଁ ସ୍ୱତନ୍ତ୍ର ନିରାପଦ ଆଶ୍ରୟସ୍ଥଳ ନିର୍ମାଣ କରାଯାଉଛି ଏବଂ କୃଷ୍ଣକୁଟୀର ସେଥିମଧ୍ୟରୁ ଅନ୍ୟତମ। ଉତ୍ତରପ୍ରଦେଶର ମଥୁରା ନିକଟବର୍ତ୍ତୀ ବୃନ୍ଦାବନରେ ୧୦୦୦ ବିଧବା ରହିବାର ସୁବିଧା ଥିବା ଏକ ନିବାସ 'କୃଷ୍ଣକୁଟୀ'ର ନିର୍ମାଣ କରାଯାଇଛି। ସେଠାରେ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟସେବା, ନିରାପଦ ଆଶ୍ରୟ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦିଆଯାଉଛି। ବୃଦ୍ଧ, ଭିନ୍ନକ୍ଷମ, ଶାରୀରିକ ଅକ୍ଷମ ଓ ଶିଶୁଙ୍କ ସୁବିଧା ପାଇଁ ସର୍ବସାଧାରଣ ସ୍ଥାନରେ ସ୍ୱତନ୍ତ୍ର ସୁବିଧା ଓ ନିରାପତ୍ତା ବ୍ୟବସ୍ଥା ଯୋଗାଣ ନିଶ୍ଚିତ କରାଯାଉଛି। ଭିନ୍ନକ୍ଷମମାନେ ବ୍ୟବହାର କରୁଥିବା ବିଭିନ୍ନ ସହାୟକ ଉପକରଣର ମୂଲ୍ୟ ସୁଲଭ କରିବା ସହ ସେମାନଙ୍କୁ ସୁବିଧାରେ ଏହା ଯୋଗାଇଦେବାର ବ୍ୟବସ୍ଥା ହୋଇଛି। ଏଥିପାଇଁ ଦୀନଦୟାଲ ଭିନ୍ନକ୍ଷମ ଥଇଥାନ ଯୋଜନା କାର୍ଯ୍ୟକାରୀ ହେଉଛି। ଭିନ୍ନକ୍ଷମଙ୍କୁ ରୋଜଗାରକ୍ଷମ କରିବା ପାଇଁ ଆବଶ୍ୟକ ତାଲିମ ଓ ନିଯୁକ୍ତି ବ୍ୟବସ୍ଥା ମଧ୍ୟ କରାଯାଇଛି। ବୃଦ୍ଧାବୃଦ୍ଧଙ୍କ ପାଇଁ ବୟୋଶ୍ରୀ ଯୋଜନା, ନିଶାଗ୍ରସ୍ତଙ୍କୁ ନିଶାମୁକ୍ତ କରି ଥଇଥାନ କରିବା, ଭିକାରୀଙ୍କ ଥଇଥାନ, ସଂଖ୍ୟାଲଘୁଙ୍କ ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ଏବଂ ବିକାଶ ପାଇଁ ହମାରି ଧରୋହର ଯୋଜନା, ପାର୍ସୀମାନଙ୍କ ଜନସଂଖ୍ୟାର ସୁରକ୍ଷା ପାଇଁ ଜୀଓ-ପାର୍ସୀ ଯୋଜନା ଆଦି ଏଦିଗରେ ସରକାରଙ୍କର କେତେକ ଉଲ୍ଲେଖନୀୟ ପଦକ୍ଷେପ। ଏସବୁ କାମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଛି। ଶିଶୁ, ମହିଳା, ବୃଦ୍ଧବୃଦ୍ଧା ଏବଂ ଭିନ୍ନକ୍ଷମଙ୍କ ସୁରକ୍ଷା କ୍ଷେତ୍ରରେ କାମକରୁଥିବା ସ୍କୁଲ କଲେଜ ସ୍ୱେଚ୍ଛାସେବୀଙ୍କ ପାଇଁ ଜାତୀୟ ପୁରସ୍କାର ପ୍ରଦାନର ବ୍ୟବସ୍ଥା ମଧ୍ୟ ସରକାର କରିଛନ୍ତି।

## ଟେବୁଲ-୩ ସ୍ୱାସ୍ଥ୍ୟସ୍ଥିତି (ଏସ୍‌ଟି ଓ ଏସ୍‌ସିଙ୍କ ଶିଶୁମୃତ୍ୟୁହାର)

| ସୂଚକାଙ୍କ | ସାମାଜିକ ଗୋଷ୍ଠୀ | | | |
|---|---|---|---|---|
| | ଏସ୍‌ସି | ଏସ୍‌ଟି | ଅନ୍ୟାନ୍ୟ | ମୋଟ୍ |
| ନବଜାତ ଶିଶୁ ମୃତ୍ୟୁହାର | ୬୬.୪ | ୬୨.୧ | ୪୮.୯ | ୫୭ |
| ଶିଶୁ ମୃତ୍ୟୁହାର | ୨୩.୨ | ୩୫.୨ | ୧୦.୮ | ୧୮.୪ |
| ପାଞ୍ଚବର୍ଷରୁ କମ୍ ଶିଶୁଙ୍କ ମୃତ୍ୟୁହାର | ୮୮.୧ | ୯୫.୭ | ୫୯.୨ | ୭୪.୩ |
| ଶିଶୁଙ୍କ ପୁଷ୍ଟିଗତ ସ୍ଥିତି | | | | |
| ବୟସ ଅନୁସାରେ ଉଚ୍ଚତା | ୫୩.୯ | ୫୩.୯ | ୪୭.୭ | ୪୮ |
| ଉଚ୍ଚତା ଅନୁସାରେ ଓଜନ | ୨୧ | ୨୭.୬ | ୧୬.୩ | ୧୯.୮ |
| ବୟସ ଅନୁସାରେ ଓଜନ | ୪୭.୯ | ୫୪.୫ | ୩୩.୭ | ୪୨.୫ |
| ଆନୁଷ୍ଠାନିକ ପ୍ରସବ | ୩୨.୯ | ୧୭.୭ | ୫୧ | ୩୮.୭ |
| ଟିକାକରଣ | ୩୯.୭ | ୩୧.୩ | ୫୩.୮ | ୪୩.୫ |

**ଉତ୍ସ : ଜନଗଣନା ଡାଟା ୨୦୧୧**

## ଟେବୁଲ-୪ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଥିବା ଦାରିଦ୍ର୍ୟ

| ସାମାଜିକ ଗୋଷ୍ଠୀ | ଗ୍ରାମାଞ୍ଚଳ | | | ସହରାଞ୍ଚଳ | | |
|---|---|---|---|---|---|---|
| | **୨୦୦୪-୦୫** | **୨୦୦୯-୧୦** | **୨୦୧୧-୧୨** | **୨୦୦୪-୦୫** | **୨୦୦୯-୧୦** | **୨୦୧୧-୧୨** |
| ଏସ୍‌ସି | ୫୩.୫୩ | ୪୨.୨୬ | ୩୧.୫ | ୪୦.୫୬ | ୩୪.୧୧ | ୨୧.୭୦ |
| ଏସ୍‌ଟି | ୬୨.୨୮ | ୪୭.୩୭ | ୪୫.୩ | ୩୫.୫୨ | ୩୦.୩୮ | ୨୪.୧୦ |
| ଓବିସି | ୩୯.୮୦ | ୩୧.୯ | ୨୨.୬୦ | ୩୦.୬୦ | ୨୪.୩୦ | ୧୫.୪୦ |
| ଅନ୍ୟାନ୍ୟ | ୪୧.୭୯ | ୩୩.୮ | ୧୫.୫ | ୨୫.୬୮ | ୨୦.୦୯ | ୮.୧୦ |

**ଉତ୍ସ : ଯୋଜନା ଆୟୋଗ ୨୦୧୧-୧୨**

## ଟେବୁଲ-୫ ସରକାରୀ ଚାକରିରେ ଏସ୍‌ସି / ଏସ୍‌ଟିଙ୍କ ପ୍ରତିନିଧିତ୍ୱ

| **ବର୍ଷ** | **୧୯୬୦** | **୧୯୭୦** | **୧୯୮୦** | **୧୯୯୦** | **୨୦୦୦** | **୨୦୧୧** |
|---|---|---|---|---|---|---|
| ଏସ୍‌ସି | ୨୨୮୪୯୭ | ୨୯୧୩୭୪ | ୪୯୦୫୯୨ | ୫୯୦୧୦୮ | ୫୮୨୪୪୬ | ୫୧୮୩୯୭ |
| ଏସ୍‌ଟି | ୩୭୭୦୪ | ୬୦୩୨୫ | ୧୨୫୦୦୪ | ୧୮୫୨୪୫ | ୨୨୫୯୧୭ | ୨୨୨୪୪୨ |
| ଅଣ ଏସ୍‌ଟି,ଏସ୍‌ସି | ୧୬୦୦୫୨୮ | ୨୧୪୭୫୮୪ | ୨୫୧୬୧୨୯ | ୨୭୦୧୭୦୦ | ୨୮୧୯୫୧୯ | ୩୦୧୪୮୦୦ |

**ଉତ୍ସ : କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ**




ଉପର ସୂଚକାଙ୍କ ସମୂହ ଦର୍ଶାଉଛି ଯେ ତଫସିଲଭୁକ୍ତ ଜାତି, ଉପଜାତି ବର୍ଗର ଲୋକଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେଉଛି। ତେବେ ଏହି ଦୁଇ ବର୍ଗ ଓ ଅନ୍ୟାନ୍ୟ ବର୍ଗଙ୍କ ମଧ୍ୟରେ ଥିବା ବ୍ୟବଧାନ କମିନାହିଁ।

**ସରକାରୀ ପ୍ରୟାସ:** ଭାରତ ଏକ ଜନମଙ୍ଗଳକାରୀ ରାଷ୍ଟ୍ର ଏବଂ ସମାଜର ପ୍ରତ୍ୟେକ ବର୍ଗ, ବିଶେଷ କରି ଅବହେଳିତ, ଦଳିତ, ବଞ୍ଚିତ, ଅନଗ୍ରସର ତଥା ଦୁର୍ବଳ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ସରକାର ସମ୍ବିଧାନିକ ବ୍ୟବସ୍ଥାରେ କ୍ଷମତାପ୍ରାପ୍ତ। ସେମାନଙ୍କୁ ସମାଜର ଅନ୍ୟାନ୍ୟ ଆଗୁଆବର୍ଗଙ୍କ ସହ ସମକକ୍ଷ କରିବାକୁ ସରକାର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ଏହାର ପ୍ରମୁଖ ଲକ୍ଷ୍ୟ ହେଲା ସାମାଜିକ ଅନ୍ତର୍ନିବେଶ ଓ ସମାବେଶୀ ବିକାଶ। ଏଥିପାଇଁ ସରକାର ଶୈକ୍ଷିକ, ସାମାଜିକ, ଆର୍ଥିକ, ରାଜନୈତିକ, ନିଯୁକ୍ତି ଆଦି କ୍ଷେତ୍ରରେ କେତେକ ପଦକ୍ଷେପ ନେଇଛନ୍ତି। ପାଠପଢ଼ା ଓ ନିଯୁକ୍ତିରେ ସ୍ଥାନ ସଂରକ୍ଷଣ, ରାଜନୈତିକ ପ୍ରତିନିଧିତ୍ୱରେ ଆସନ ସଂରକ୍ଷଣ ଆଦି ସେହି ଗଠନମୂଳକ ପଦକ୍ଷେପ ମଧ୍ୟରୁ ଅନ୍ୟତମ।

**ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା :** ଯେଉଁସବୁ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ, ଅନଗ୍ରସର ବର୍ଗ ଭାରତରେ ଅଛନ୍ତି ଶିକ୍ଷାଦ୍ୱାରା ସେମାନଙ୍କର ବିକାଶ ପଥ ସୁଗମ ହେବ ବୋଲି ସରକାର ବୁଝିବା ପରେ ଏହା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ବର୍ଗର ପିଲାମାନଙ୍କ ପାଠପଢ଼ା ଓ ନାମଲେଖା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଅନୁପାତିକ ହାରରେ ଧାର୍ଯ୍ୟ କରାଯିବା ସହ ମାଟ୍ରିକ ପୂର୍ବ ଓ ପରବର୍ତ୍ତୀ ବୃତ୍ତି ପ୍ରଦାନ, ଉଚ୍ଚ ଶିକ୍ଷା ଓ ଗବେଷଣା ଆଦି କ୍ଷେତ୍ରରେ ସ୍ୱତନ୍ତ୍ର ବୃତ୍ତି ତଥା ଫେଲୋସିପ୍ ବ୍ୟବସ୍ଥା, ବିଦେଶରେ ପାଠପଢ଼ା/ ଗବେଷଣା ପାଇଁ ବୃତ୍ତି, ସ୍କୁଲ କଲେଜ ସ୍ତରରେ ସ୍ୱତନ୍ତ୍ର ହଷ୍ଟେଲ ବ୍ୟବସ୍ଥା, ପିଲା ମଝିରୁ ଯେପରି ପାଠ ନ'ଛାଡ଼ନ୍ତି ସେଥିପାଇଁ ପଦକ୍ଷେପ ଆଦି ନିଆଯାଇଛି।

ଆଦିବାସୀ ପିଲାଙ୍କ ପାଇଁ ସ୍ୱତନ୍ତ୍ର ଆବାସିକ ସ୍କୁଲ, ତଫସିଲଭୁକ୍ତ ଜାତି ଓ ସଂଖ୍ୟାଲଘୁ ବର୍ଗର ପିଲାଙ୍କ





ପାଇଁ ସେବାଶ୍ରମ ବା ଆବାସିକ ବିଦ୍ୟାଳୟ, ଅନଗ୍ରସର ବର୍ଗର ଝିଅଙ୍କ ପାଇଁ ସ୍ୱତନ୍ତ୍ର ଆବାସିକ ସ୍କୁଲ ଆଦି ସରକାର ଖୋଲିଛନ୍ତି। କେନ୍ଦ୍ର ସରକାର ଏଥିପାଇଁ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ଅର୍ଥ ବିଭିନ୍ନ ଯୋଜନାରେ ଯୋଗାଇ ଦେଉଛନ୍ତି। ଏସବୁ ବର୍ଗର ପିଲାମାନଙ୍କ ପାଇଁ ମାଗଣା କୋଚିଂ ପ୍ରଦାନ ବ୍ୟବସ୍ଥା କରି ସେମାନଙ୍କୁ ସାଧାରଣ ବର୍ଗର ପିଲାଙ୍କ ସହ ପ୍ରତିଯୋଗିତା କରିବାକୁ ଯୋଗ୍ୟ କରାଯାଉଛି। ଧନ୍ଦାମୂଳକ ଓ ବୈଷୟିକ ପାଠ୍ୟକ୍ରମ ପାଇଁ ଏସବୁ ବର୍ଗର ପିଲାମାନଙ୍କୁ ଅଣ୍ଡର ଗ୍ରାଜୁଏଟ୍ ସ୍ତରରେ ମେରିଟ୍-କମ୍-ମିନ୍ସ ସ୍କଲାରସିପ୍ ଯୋଗାଇଦିଆଯାଉଛି। ସଂଖ୍ୟାଲଘୁ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଏମ୍‌ଫିଲ ଓ ପିଏଚ୍‌ଡି କରିବାକୁ ମୌଲାନା ଆଜାଦ ଫେଲୋସିପ୍‌ର ବ୍ୟବସ୍ଥା କରାଯାଇଛି।

ୟୁପିଏସ୍‌ସି ଓ ପ୍ରାଦେଶିକ ଲୋକସେବା ଆୟୋଗଦ୍ୱାରା କରାଯାଉଥିବା ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଏହି ସବୁ ବର୍ଗର ପ୍ରାର୍ଥୀଙ୍କୁ ଆର୍ଥିକ ଓ ସ୍ୱତନ୍ତ୍ର କୋଚିଂ ସହାୟତା ଦେବାର ବ୍ୟବସ୍ଥା ହୋଇଛି। ସେହିଭଳି ଯେଉଁ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଏସବୁ ବର୍ଗର କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ମଧ୍ୟ ସରକାର ଅନୁଦାନ ଯୋଗାଉଛନ୍ତି। ବିଶେଷ କରି ଏହି ବର୍ଗ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଚଳାଉଥିବା ଧନ୍ଦାମୂଳକ ଓ ବୈଷୟିକ ଶିକ୍ଷାନୁଷ୍ଠାନ, କୋଚିଂ କ୍ଲାସ୍ ଓ ତାଲିମ ଶିବିର ନିମନ୍ତେ ସରକାରୀ ସହାୟତା ପ୍ରଦାନ କରାଯାଉଛି।

**ଆର୍ଥିକ ବିକାଶ ପାଇଁ ପଦକ୍ଷେପ :** ଏହି ସବୁ ବର୍ଗଙ୍କ ଆର୍ଥିକ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସେସବୁ ନିରନ୍ତର ଭାବେ କାର୍ଯ୍ୟ କରୁଛି ଓ ନିୟମିତ ବ୍ୟବଧାନରେ ସେସବୁ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ସମୀକ୍ଷା କରାଯାଇ ଆବଶ୍ୟକସ୍ଥଳେ ସଂଶୋଧନ



କରାଯାଉଛି । ଏହି ବର୍ଗଙ୍କ ପାଇଁ ଯେଉଁସବୁ ଆର୍ଥିକ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ସେଥିମଧ୍ୟରେ ତଫସିଲଭୁକ୍ତ ଜାତି ପାଇଁ ରିଆତି ମୂଲ୍ୟରେ ଋଣ ଯୋଗାଣ ଅନ୍ୟତମ । ଏହା ଏନ୍‌ଏସ୍‌ଏଫ୍‌ଡିସି ମାଧ୍ୟମରେ କାର୍ଯ୍ୟକାରୀ ହେଉଛି । ସଫେଇ କର୍ମଚାରୀଙ୍କ ପାଇଁ ଜାତୀୟ ସ୍ତରରେ ଏକ ବିତ୍ତ ନିଗମ (ଏନ୍‌ବିସିଏଫ୍‌ଡିସି) ଗଠନ କରାଯାଇଛି । ସେହିଭଳି ଆଦିବାସୀ, ଓବିସି, ସଂଖ୍ୟାଲଘୁ, ଶାରୀରିକ ଅନଗ୍ରସର ଓ ଭିନ୍ନକ୍ଷମ, ମହିଳା ଆଦି ପ୍ରତ୍ୟେକବର୍ଗଙ୍କ ପାଇଁ ଜାତୀୟ ସ୍ତରରେ ଆର୍ଥିକ ବିକାଶ ନିଗମ ଗଠିତ ହୋଇଛି । ମହିଳାଙ୍କ ପାଇଁ ଜାତୀୟ ମହିଳା କୋଷର ବ୍ୟବସ୍ଥା କରାଯାଇଛି । ଏସବୁ ବର୍ଗଙ୍କୁ ନିଜର ଉଦ୍ୟୋଗ ଓ ଧନ୍ଦା ଆରମ୍ଭ ପାଇଁ କୋହଳ ହାରରେ ସୁଧ ଯୋଗାଣ ସହ ମୁଦ୍ରା, ଷ୍ଟାଣ୍ଡଅପ୍ ଇଣ୍ଡିଆ, କ୍ରେଡିଟ୍ ଗ୍ୟାରେଣ୍ଟି ପାଣ୍ଠି, ଭେଞ୍ଚର କ୍ୟାପିଟାଲ ପାଣ୍ଠି ଆଦି ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ।

ବିଭିନ୍ନ କେନ୍ଦ୍ରୀୟ ଯୋଜନା ବାହାରେ କେତେକ ସ୍ୱତନ୍ତ୍ର ଯୋଜନାର ଏହି ସବୁ ବର୍ଗଙ୍କ ଆର୍ଥିକ ଉତ୍ଥାନ ପାଇଁ ଅର୍ଥଯୋଗାଣର ବ୍ୟବସ୍ଥା ସରକାର କରିଛନ୍ତି । ତଫସିଲଭୁକ୍ତ ଜାତିଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା, ଅନ୍ୟାନ୍ୟ ଅନଗ୍ରସରଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜନକଲ୍ୟାଣ ଯୋଜନା, ସଂଖ୍ୟାଲଘୁ ଓ ଆଦିବାସୀ ଆଦିଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ଅର୍ଥ ଯୋଗାଇ ଦିଆଯାଉଛି । ଏସବୁ ବର୍ଗର ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ପାଇଁ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା, ସେସବୁ ସାମଗ୍ରୀ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ଆଦିର ବ୍ୟବସ୍ଥା ହୋଇଛି । ଟ୍ରାଇଫେଡ୍ ଏ ଦିଗରେ କାର୍ଯ୍ୟକରୁଥିବାବେଳେ ଏହି ବର୍ଗର ଦକ୍ଷତା ବିକାଶ ପାଇଁ ଏନ୍‌ବିସିଏଫ୍‌ଡିସି କାର୍ଯ୍ୟ କରୁଛି ।

ହାତରେ ମଇଳା ସଫା କରୁଥିବା ବ୍ୟବସ୍ଥାର ଉଚ୍ଛେଦ ପରେ ଏହି ବୃତ୍ତିରୁ ମୁକ୍ତ ହୋଇଥିବା ସଫେଇ କର୍ମଚାରୀଙ୍କ ଥଇଥାନ ପାଇଁ ଦକ୍ଷତା ବିକାଶ ତାଲିମ ଓ ଆର୍ଥିକ ସହାୟତା ପ୍ରଦାନ ବ୍ୟବସ୍ଥା କରାଯାଇଛି । ଏଥିପାଇଁ 'ଉସ୍ତାଦ୍' ଯୋଜନା କାର୍ଯ୍ୟକାରୀ ହେଉଛି । ସେହିଭଳି ଆଦିମ ଅଧିବାସୀ



ଓ ବିଲୁପ୍ତ ପ୍ରାୟ ଜାତିର ଲୋକଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଯୋଜନାରେ ରାଜ୍ୟ ସରକାରମାନଙ୍କୁ ଆର୍ଥିକ ଅନୁଦାନ ଯୋଗାଉଛନ୍ତି । ପାରମ୍ପରିକ କାରିଗର ଓ ଶିଳ୍ପୀଙ୍କ ଆର୍ଥିକ ବିକାଶରେ 'ଉତ୍ସାହ' ଯୋଜନା ବିଶେଷ ସହାୟକ ହେଉଛି ।

> ଏଥରର ଅନ୍ତରୀଣ ବଜେଟରେ ଶିଶୁ, ମହିଳା ଓ ବିଭିନ୍ନ ଅନଗ୍ରସର ତଥା ସଂରକ୍ଷିତ ବର୍ଗଙ୍କ କଲ୍ୟାଣ ପାଇଁ ମୋଟ୍ ୩୪୯,୧୮୦.୧୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସରକାର ବିଭିନ୍ନ ଅବହେଳିତ ଓ ଦୁର୍ବଳ ବର୍ଗଙ୍କ ବିକାଶ ପାଇଁ ଯେଉଁସବୁ ଯୋଜନା କରିଛନ୍ତି ଏବଂ ସେବାବଦରେ ଯେଉଁ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି ତାହାର ସଫଳ ରୂପାୟନ ଉପରେ ଏହି ବର୍ଗଙ୍କ ଉତ୍ଥାନ ନିର୍ଭର କରେ । ଏହାର ଉପଯୁକ୍ତ କାର୍ଯ୍ୟକାରିତାକୁ ଦେଖିବା ସମସ୍ତଙ୍କର ଦାୟିତ୍ୱ ।

**ସାମାଜିକ କ୍ଷେତ୍ରର ବିକାଶ ପ୍ରୟାସ :** ସାମାଜିକ କ୍ଷେତ୍ରରେ ଏହି ସବୁବର୍ଗଙ୍କର ବିକାଶ ପାଇଁ ନାନାବିଧ ଯୋଜନା ଓ ସୁରକ୍ଷା ଆଇନ ତିଆରି କରାଯାଇ ତାହାକୁ କାର୍ଯ୍ୟକାରୀ କରାଯାଉଛି । ମଣିଷ ମଣିଷ ଭିତରେ ଥିବା ବାଛବିଚାର, ଶୋଷଣ, ଅତ୍ୟାଚାର ଓ ଦମନର ଅବସାନ ଘଟାଇ ସବୁ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ବ୍ୟବସ୍ଥାଗତ ପଦ୍ଧତିରେ ଏକଜୁଟ କରିବାର ପ୍ରୟାସ ଚାଲିଛି । ଏସ୍‌ସି ଓ ଏସ୍‌ଟିଙ୍କ ପାଇଁ ହୋଇଥିବା କିଛି ଗୁରୁତ୍ୱପୂର୍ଣ୍ଣ ଆଇନଗତ ବ୍ୟବସ୍ଥା ମଧ୍ୟରେ ରହିଛି ୧୯୯୫ର ନାଗରିକ ସୁରକ୍ଷା ଅଧିକାର ଆଇନ ଓ ୧୯୮୯ର ଅତ୍ୟାଚାର ନିରୋଧ ଆଇନ । ଏହାଛଡ଼ା ୨୦୦୬ର ନାବାଳିକା ବିବାହ ନିଷେଧ ଆଇନ, ୧୯୬୧ର ଯୌତୁକ ନିରୋଧୀ ଆଇନ, ୧୯୬୯ର ଭାରତୀୟ ଛାଡ଼ପତ୍ର ଆଇନ, ୧୯୬୧ର ମାତୃତ୍ୱ ସୁବିଧା ଆଇନ, ୨୦୧୩ର କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନଶୋଷଣରୁ ସୁରକ୍ଷା ଦେବାର ଆଇନ, ୧୯୮୬ର ମହିଳାଙ୍କୁ ଅସଭ୍ୟ ବ୍ୟବହାର ପ୍ରଦର୍ଶନ ନିରୋଧ ଆଇନ, ୧୯୯୦ର ମହିଳା କମିଶନ ଆଇନ ଆଦି ଏହି ସବୁ ବର୍ଗର ଲୋକଙ୍କ ସୁରକ୍ଷା ଓ ସବଳୀକରଣ ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ।



ଏହାଛଡ଼ା ଶିଶୁ, ବୟସ୍କ ବ୍ୟକ୍ତି ଓ ଭିନ୍ନକ୍ଷମଙ୍କ ସୁରକ୍ଷା ପାଇଁ ମଧ୍ୟ ସରକାର କେତେକ ଆଇନ କାର୍ଯ୍ୟକାରୀ କରିଛନ୍ତି।

ଆଇସିଡିଏସ୍ କାର୍ଯ୍ୟକ୍ରମରେ ଶିଶୁ ଓ ମହିଳାମାନଙ୍କୁ ଅତିରିକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଣ, ଅଣଆନୁଷ୍ଠାନିକ ପ୍ରାକ୍ ସ୍କୁଲ ଶିକ୍ଷା, ପୁଷ୍ଟିସାଧନ ଓ ସ୍ୱାସ୍ଥ୍ୟ ଶିକ୍ଷା ଦିଆଯାଉଛି। ସେମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସହ ପ୍ରତିଷେଧକ ଟିକା ପ୍ରଦାନ ଓ ଆବଶ୍ୟକ ସ୍ଥଳେ ବିଶେଷ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଉଛି। ପୋଷଣ ଅଭିଯାନ (ଜାତୀୟ ପୁଷ୍ଟିସାଧନ ମିଶନ)ରେ ସ୍ୱାଭାବିକଭାବେ ଶାରୀରିକ, ମାନସିକ ବିକାଶ ହେଉନଥିବା ଯତ୍ନ ଏବଂ ଏହି ସମସ୍ୟାର ଦୂରୀକରଣ, ଅପୁଷ୍ଟି ନିରାକରଣ, କମ୍ ଓଜନର ଶିଶୁଙ୍କ ଯତ୍ନ, ରକ୍ତହୀନତା ଓ କମ୍ ଓଜନର ଶିଶୁ ଜନ୍ମ ଆଦି ସମସ୍ୟାର ଦୂରୀକରଣ ପାଇଁ ଉଦ୍ୟମ ଚାଲିଛି। ଏହା ଛଡ଼ା କିଶୋରୀ, ଗର୍ଭବତୀ ଓ ପ୍ରସୁତିମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଏକାଧିକ ଯୋଜନା କାର୍ଯ୍ୟକାରୀ ହେଉଛି। ଶିଶୁ ସୁରକ୍ଷା ସେବା ବ୍ୟବସ୍ଥା ଦ୍ୱାରା ଶିଶୁମାନଙ୍କୁ ସୁରକ୍ଷା, ସେବା ଓ ଯତ୍ନ ଆବଶ୍ୟକସ୍ଥଳେ ଯୋଗାଇ ଦିଆଯାଉଛି। ଜାତୀୟ କ୍ରେଚ୍ ଯୋଜନା କାର୍ଯ୍ୟକାରୀ ହେଉଛି ଏବଂ କର୍ମଜୀବୀ ମହିଳା ଓ ପିତାମାତାଙ୍କ ପାଇଁ ଏହା ବେଶ୍ ସହାୟକ ହୋଇଛି।

ସେଇଭଳି ବେଟି ବଚାଓ ବେଟି ପଢ଼ାଓ ଯୋଜନାରେ କନ୍ୟାସନ୍ତାନମାନଙ୍କର ସୁରକ୍ଷା ଓ ବିକାଶକୁ ସୁରକ୍ଷିତ କରିବାର ପ୍ରୟାସ ଚାଲିଛି। ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ଗର୍ଭଧାରଣ କାଳରେ ରୋଜଗାର ହରାଉଥିବା ମହିଳା ଶ୍ରମିକ / କର୍ମଚାରୀଙ୍କୁ ଆର୍ଥିକ ସହାୟତା ଯୋଗାଇଦିଆଯାଉଛି। ଏହାଛଡ଼ା ମହିଳାଙ୍କ ନେତୃତ୍ୱ ବିକାଶ ପାଇଁ ମଧ୍ୟ ସରକାର ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି। ପରିସ୍ଥିତି ଓ ପରିବେଶର ଶିକାର ହେଉଥିବା ମହିଳାଙ୍କୁ ସୁରକ୍ଷା ତଥା ଥଇଥାନ ପାଇଁ ସ୍ୱଧାର ଗୃହ ଯୋଜନା ଏକ ବଳିଷ୍ଠ ପଦକ୍ଷେପ। ସେହିଭଳି ମହିଳାଙ୍କୁ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ କରିବାକୁ ଦକ୍ଷତାବିକାଶ, ତାଲିମ୍ ଓ ପ୍ରଶିକ୍ଷଣ ଦେବା ନିମନ୍ତେ ଏକାଧିକ ଯୋଜନା କାର୍ଯ୍ୟକାରୀ ହେଉଛି। ମହିଳା / ବାଳିକାଙ୍କୁ ଅନୈତିକ କାର୍ଯ୍ୟ ପାଇଁ ଚାଲାଣ କରିବା ଦଣ୍ଡନୀୟ ହେବା ସହ ଉଦ୍ଧାର ମହିଳାଙ୍କୁ ଉପଯୁକ୍ତ ଭାବେ ଥଇଥାନ, ଚୁଲି ଧୂଆଁରୁ ମହିଳାଙ୍କୁ ରକ୍ଷା କରିବାକୁ ଉଜ୍ଜ୍ୱଳା ଯୋଜନା, କର୍ମଜୀବୀ ମହିଳା ହଷ୍ଟେଲ ନିର୍ମାଣ, ମହିଳା ଶକ୍ତି କେନ୍ଦ୍ର ସ୍ଥାପନ ସରକାରଙ୍କର ଆଉ କେତେକ ଉଲ୍ଲେଖନୀୟ ପଦକ୍ଷେପ।

ଭାରତୀୟ ସମାଜରେ ବିଧବାମାନଙ୍କର ସ୍ଥିତି ସେତେ ଭଲ ନୁହେଁ। ଏହାକୁ ଦୃଷ୍ଟିରେ ରଖି ଯେଉଁ ବିଧବାମାନଙ୍କର ସାମାଜିକ ସୁରକ୍ଷା ବ୍ୟବସ୍ଥା ନାହିଁ ସେମାନଙ୍କ ପାଇଁ କେତେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସେମାନଙ୍କ ପାଇଁ ସ୍ୱତନ୍ତ୍ର ନିରାପଦ ଆଶ୍ରୟସ୍ଥଳ ନିର୍ମାଣ କରାଯାଉଛି ଏବଂ କୃଷ୍ଣକୁଟୀର ସେଥିମଧ୍ୟରୁ ଅନ୍ୟତମ। ଉତ୍ତରପ୍ରଦେଶର ମଥୁରା ନିକଟବର୍ତ୍ତୀ ବୃନ୍ଦାବନରେ ୧୦୦୦ ବିଧବା ରହିବାର ସୁବିଧା ଥିବା ଏକ ନିବାସ 'କୃଷ୍ଣକୁଟୀ'ର ନିର୍ମାଣ କରାଯାଇଛି। ସେଠାରେ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟସେବା, ନିରାପଦ ଆଶ୍ରୟ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦିଆଯାଉଛି। ବୃଦ୍ଧ, ଭିନ୍ନକ୍ଷମ, ଶାରୀରିକ ଅକ୍ଷମ ଓ ଶିଶୁଙ୍କ ସୁବିଧା ପାଇଁ ସର୍ବସାଧାରଣ ସ୍ଥାନରେ ସ୍ୱତନ୍ତ୍ର ସୁବିଧା ଓ ନିରାପତ୍ତା ବ୍ୟବସ୍ଥା ଯୋଗାଣ ନିଶ୍ଚିତ କରାଯାଉଛି।

ଭିନ୍ନକ୍ଷମମାନେ ବ୍ୟବହାର କରୁଥିବା ବିଭିନ୍ନ ସହାୟକ ଉପକରଣର ମୂଲ୍ୟ ସୁଲଭ କରିବା ସହ ସେମାନଙ୍କୁ ସୁବିଧାରେ ଏହା ଯୋଗାଇଦେବାର ବ୍ୟବସ୍ଥା ହୋଇଛି। ଏଥିପାଇଁ ଦୀନଦୟାଲ ଭିନ୍ନକ୍ଷମ ଥଇଥାନ ଯୋଜନା କାର୍ଯ୍ୟକାରୀ ହେଉଛି। ଭିନ୍ନକ୍ଷମଙ୍କୁ ରୋଜଗାରକ୍ଷମ କରିବା ପାଇଁ ଆବଶ୍ୟକ ତାଲିମ ଓ ନିଯୁକ୍ତି ବ୍ୟବସ୍ଥା ମଧ୍ୟ କରାଯାଇଛି। ବୃଦ୍ଧାବୃଦ୍ଧଙ୍କ ପାଇଁ ବୟୋଶ୍ରୀ ଯୋଜନା, ନିଶାଗ୍ରସ୍ତଙ୍କୁ ନିଶାମୁକ୍ତ କରି ଥଇଥାନ କରିବା, ଭିକାରୀଙ୍କ ଥଇଥାନ, ସଂଖ୍ୟାଲଘୁଙ୍କ ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ଏବଂ ବିକାଶ ପାଇଁ ହମାରି ଧରୋହର ଯୋଜନା, ପାର୍ସୀମାନଙ୍କ ଜନସଂଖ୍ୟାର ସୁରକ୍ଷା ପାଇଁ ଜୀଓ-ପାର୍ସୀ ଯୋଜନା ଆଦି ଏଦିଗରେ ସରକାରଙ୍କର କେତେକ ଉଲ୍ଲେଖନୀୟ ପଦକ୍ଷେପ। ଏସବୁ କାମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଛି। ଶିଶୁ, ମହିଳା, ବୃଦ୍ଧବୃଦ୍ଧା ଏବଂ ଭିନ୍ନକ୍ଷମଙ୍କ ସୁରକ୍ଷା କ୍ଷେତ୍ରରେ କାମକରୁଥିବା ସ୍କୁଲ କଲେଜ ସ୍ୱେଚ୍ଛାସେବୀଙ୍କ ପାଇଁ ଜାତୀୟ ପୁରସ୍କାର ପ୍ରଦାନର ବ୍ୟବସ୍ଥା ମଧ୍ୟ ସରକାର କରିଛନ୍ତି।

**ରାଜନୈତିକ ପ୍ରତିନିଧିତ୍ୱ ଓ ନିଯୁକ୍ତିରେ ସଂରକ୍ଷଣ :** ଦେଶର ସମ୍ବିଧାନରେ ସଂସଦ ଓ ବିଧାନସଭାଗୁଡ଼ିକରେ ତଫସିଲଭୁକ୍ତ ଜାତି ଓ ଉପଜାତିର ପ୍ରତିନିଧିତ୍ୱ ପାଇଁ ଆସନ ସଂରକ୍ଷଣ ବ୍ୟବସ୍ଥା ରହିଛି। ସେହିଭଳି ପ୍ରାଦେଶିକ ସ୍ତରରେ ଅନ୍ୟାନ୍ୟ ଅନଗ୍ରସର ବର୍ଗ ଓ ମହିଳାମାନଙ୍କ ପାଇଁ ପୌରପରିଷଦ, ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା, ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲାପରିଷଦ ସ୍ତରୀୟ ନିର୍ବାଚନରେ ମହିଳା, ତଫସିଲଭୁକ୍ତ ଜାତି, ଉପଜାତି ଓ ଅନ୍ୟାନ୍ୟ ପଛୁଆବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି। ସେହିଭଳି ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ତଫସିଲଭୁକ୍ତ ଜାତି, ଉପଜାତି ଓ ଅନ୍ୟାନ୍ୟ ପଛୁଆବର୍ଗର ଲୋକଙ୍କ ପାଇଁ ଆସନ ସଂରକ୍ଷଣର ବ୍ୟବସ୍ଥା ରହିଛି। ସାମାଜିକ ସମାବେଶୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଦୁର୍ବଳ ଓ ଅବହେଳିତ ବର୍ଗଙ୍କୁ ଉପରକୁ ଉଠାଇବାକୁ ଏହା କରାଯାଇଛି।

> ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ଆଞ୍ଚଳିକତା ନିର୍ବିଶେଷରେ ଭାରତୀୟ ସମ୍ବିଧାନ ସବୁ ନାଗରିକଙ୍କୁ ମୌଳିକ ଅଧିକାର ପ୍ରଦାନ କରିଛି। ଏଥିରେ ଅନଗ୍ରସର ବା ପଛୁଆ ବର୍ଗଗୁଡ଼ିକର ଉନ୍ନତି ପାଇଁ କାର୍ଯ୍ୟକ୍ରମ ନିଶ୍ଚିତ କରିବାର ସ୍ପଷ୍ଟ ନିର୍ଦ୍ଦେଶ ମଧ୍ୟ ଅଛି। ରାଷ୍ଟ୍ରର ନୀତି ନିର୍ଦ୍ଦେଶକ ସିଦ୍ଧାନ୍ତ ବା ଡାଇରେକ୍ଟିଭ ପ୍ରିନ୍ସିପଲ୍ ଅଫ୍ ଷ୍ଟେଟ୍ ପଲିସି ଏହି ବର୍ଗର ଲୋକଙ୍କ ସୁରକ୍ଷା ଓ ବିକାଶକୁ ନିଶ୍ଚିତ କରିଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସରକାର ଧାରାବାହିକ ଭାବେ ଏହି ବର୍ଗସମୂହଙ୍କ ବିକାଶ ତଥା କଲ୍ୟାଣ ପାଇଁ ନାନା ପ୍ରକାର ଯୋଜନା/ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ବିଫଳ ପ୍ରମାଣିତ ହେଉଛି ତାହାକୁ ବଦଳାଯାଇ ନୂଆ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ସବୁ ବର୍ଗର ସମସ୍ତ ଲୋକ ଯେପରି ଉପକୃତ ହେବେ ସେଥିପାଇଁ ଉଭୟ ଯୋଜନା ଓ ରୂପାୟନ ପ୍ରକ୍ରିୟା ପ୍ରସ୍ତୁତ ହେଉଛି।

**ଅନ୍ୟାନ୍ୟ ପଦକ୍ଷେପ :** ସମାଜର ଅବହେଳିତ ଓ ଅନଗ୍ରସର ବର୍ଗଙ୍କ ସୁରକ୍ଷା ତଥା ଉତ୍ଥାନ ପାଇଁ ଯେଉଁ ସାମ୍ବିଧାନିକ ଓ ଆଇନଗତ ବ୍ୟବସ୍ଥା ରହିଛି ତାହାକୁ ତଦାରଖ କରିବା ଓ ଏହାର ଉଲ୍ଲଙ୍ଘନ ଜନିତ ଘଟଣାଗୁଡ଼ିକର ବିଚାର କରି ନ୍ୟାୟ ପ୍ରଦାନ କରିବାକୁ କେତେକ ବୈଧାନିକ ଓ ଆନୁଷ୍ଠାନିକ ବ୍ୟବସ୍ଥା କରାଯାଇଛି। ଏସ୍‌ଟି, ଏସ୍‌ସି, ମହିଳା, ପଛୁଆ ବର୍ଗ, ସଂଖ୍ୟାଲଘୁ ଆଦିଙ୍କ ପାଇଁ ଜାତୀୟ ଓ ପ୍ରାଦେଶିକ ସ୍ତରରେ କମିଶନ (ଆୟୋଗ)ମାନ ଗଠନ କରାଯାଇ ତାହାକୁ ଦଣ୍ଡବିଧାନର କ୍ଷମତା ଦିଆଯାଇଛି। ମାନବାଧିକାର ଆୟୋଗ, ଜାତୀୟ ସଫାଇ କର୍ମଚାରୀ ଆୟୋଗ ମଧ୍ୟ ଏହି ଢାଞ୍ଚାରେ ଗଠନ କରାଯାଇଛି। ଏହି ସବୁ ଆୟୋଗ ଓ ବୈଧାନିକ ସଂସ୍ଥାଙ୍କ ନିର୍ଦ୍ଦେଶରେ ଏସବୁ ବର୍ଗର ଲୋକଙ୍କ ସୁରକ୍ଷା ଓ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସରକାର କାର୍ଯ୍ୟକାରୀ କରୁଛନ୍ତି।

**ବଜେଟ ବ୍ୟବସ୍ଥା :** ଲିଙ୍ଗଗତ ଓ ବର୍ଗଗତ ଆବଶ୍ୟକତାକୁ ଆଖିଆଗରେ ରଖି ସରକାର ବିଭିନ୍ନ ଶ୍ରେଣୀ ପାଇଁ ଯେଉଁସବୁ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି ସେଥିପାଇଁ ବଜେଟରେ ସ୍ୱତନ୍ତ୍ର ଭାବେ ଆବଶ୍ୟକ ବ୍ୟୟ ବରାଦ କରାଯାଉଛି। ଏହା 'ଜେଣ୍ଡର ବଜେଟିଂ' ନାମରେ ପରିଚିତ। ଏଥରର ଅନ୍ତରୀଣ ବଜେଟରେ ଶିଶୁ, ମହିଳା ଓ ବିଭିନ୍ନ ଅନଗ୍ରସର ତଥା ସଂରକ୍ଷିତ ବର୍ଗଙ୍କ କଲ୍ୟାଣ ପାଇଁ ମୋଟ୍ ୩୪୯,୧୮୦.୧୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସରକାର ବିଭିନ୍ନ ଅବହେଳିତ ଓ ଦୁର୍ବଳ ବର୍ଗଙ୍କ ବିକାଶ ପାଇଁ ଯେଉଁସବୁ ଯୋଜନା କରିଛନ୍ତି ଏବଂ ସେବାବଦରେ ଯେଉଁ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି ତାହାର ସଫଳ ରୂପାୟନ ଉପରେ ଏହି ବର୍ଗଙ୍କ ଉତ୍ଥାନ ନିର୍ଭର କରେ। ଏହାର ଉପଯୁକ୍ତ କାର୍ଯ୍ୟକାରିତାକୁ ଦେଖିବା ସମସ୍ତଙ୍କର ଦାୟିତ୍ୱ।

**ଲେଖକ ହେଉଛନ୍ତି ନୀତି ଆୟୋଗର ଜଣେ ଉପ-ପରାମର୍ଶଦାତା।**


**Email ID: mraju.sb@gov.in**

ଫୋକସ୍

# ମଧବର୍ତ୍ତୀ ବଜେଟ : ବୃହତ୍ତର ଲକ୍ଷ୍ୟ ହାସଲ ପାଇଁ ଉଦ୍ୟମ

ଶିଶିର ସିହ୍ନା

ମଧବର୍ତ୍ତୀକାଳୀନ ବଜେଟ ଫେବ୍ରୁଆରୀ ପହିଲାରେ ସଂସଦରେ ଉପସ୍ଥାପିତ ହୋଇଛି। ଗତ ପାଞ୍ଚବର୍ଷ ମଧ୍ୟରେ କେନ୍ଦ୍ର ସରକାର କି କି ପଦକ୍ଷେପମାନ ଗ୍ରହଣ କରିଛନ୍ତି ତାହା ଏଥିରେ ଉଲ୍ଲେଖ କରାଯାଇଛି। ଏହାଛଡ଼ା ଏହାର ସବୁଠୁ ବଡ଼ ଦିଗଟି ହେଲା ୧୯୧୯-୨୦ଆର୍ଥିକ ବର୍ଷର ପ୍ରଥମ ଚାରିମାସ (ଏପ୍ରିଲରୁ ଜୁଲାଇ) ପାଇଁ କେନ୍ଦ୍ର ସରକାରଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଏଥିରେ ଲେଖାନୁଦାନ ବା ଖର୍ଚ୍ଚ ଦାବି ସ୍ଥାନ ପାଇଛି। ନୂଆ ସରକାର ଆସିବା ପର୍ଯ୍ୟନ୍ତ ଏହି ଖର୍ଚ୍ଚ ଦାବି ଅନୁସାରେ ସରକାରୀ ବ୍ୟୟ ଚାଲିବ ଏବଂ ପୂର୍ଣ୍ଣାଙ୍ଗ ବଜେଟ ଲୋକସଭା ନିର୍ବାଚନ ପରେ ନିର୍ବାଚିତ ନୂଆ ସରକାର ଉପସ୍ଥାପନ କରିବେ। ଏହି ଅନ୍ତରୀଣ ବଜେଟରେ କେନ୍ଦ୍ର ସରକାର କେତେକ ନୂଆ ଯୋଜନା ମଧ ଘୋଷଣା କରିଛନ୍ତି ଯାହା ବେଶ୍ ଗୁରୁତ୍ୱ ବହନ କରେ।




ବଜେଟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିସାନ) କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଘୋଷଣା କରାଯାଇଛି। ଇଣ୍ଡିଆ ରେଟିଂ ଆଣ୍ଡ୍ ରିସର୍ଚ୍ଚ ସଂସ୍ଥାର ହିସାବ ଅନୁସାରେ ଏହି କାର୍ଯ୍ୟକ୍ରମ ପାଇଁ ଭାରତ ସରକାରଙ୍କ ରାଜକୋଷରୁ ୨୦୧୮-୧୯ରେ ମୋଟ୍ ଆୟ ଜିଡିପିର ୦.୧୧ ଶତାଂଶ ଏବଂ ୨୦୧୯-୨୦ ଆର୍ଥିକ ବର୍ଷରେ ୦.୩୬ ଶତାଂଶ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ।

ଏହି ଯୋଜନାରେ ଦୁଇ ହେକ୍ଟରରୁ କମ୍ ଚାଷ ଜମି ଥିବା ଦରିଦ୍ର ଓ ଅଭାବଗ୍ରସ୍ତ ଚାଷୀ କେନ୍ଦ୍ର ସରକାରଙ୍କଠାରୁ ବାର୍ଷିକ ସିଧାସଳଖ ୬୦୦୦ଟଙ୍କାର ସହାୟତା ଆୟ ସମର୍ଥନ ଆକାରରେ ପାଇବେ। ତିନିଟି କିସ୍ତିରେ ୨୦୦୦ କରି ମୋଟ୍ ଛ'ହଜାର ଟଙ୍କା ସିଧାସଳଖ ହିତାଧିକାରୀ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ଏହି ଯୋଜନାରେ ପ୍ରାୟ ୧୨.୬ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ ବୋଲି ହିସାବ କରାଯାଇଛି। ଦେଶରେ ଚାଷୀଙ୍କ ଜମି

ମାଲିକାନା ସ୍ଥିତି ଯାହା ସେଥିରେ ଏହି ଯୋଜନାରେ ୮୬ ଶତାଂଶ ଚାଷୀ ଉପକୃତ ହେବେ। ଏହି କାର୍ଯ୍ୟକ୍ରମ ୨୦୧୮ ଡିସେମ୍ବର ପହିଲାରୁ ପିଛିଲା ଭାବେ କାର୍ଯ୍ୟକାରୀ ହେବାର ବ୍ୟବସ୍ଥା ରହିଛି। ତେଣୁ ପ୍ରଥମ କିସ୍ତିର ଟଙ୍କା ସଂପୃକ୍ତ ହିତାଧିକାରୀ ଚାଷୀଙ୍କୁ ଚଳିତ ଆର୍ଥିକବର୍ଷ ଶେଷ (ମାର୍ଚ୍ଚ) ସୁଦ୍ଧା ପ୍ରଦାନ କରାଯିବ। ଚଳିତ ଆର୍ଥିକ ବର୍ଷରେ ସରକାରଙ୍କୁ ଏବାଦରେ ୨୦,୦୦୦ କୋଟି ଏବଂ ଆସନ୍ତା ଆର୍ଥିକ ବର୍ଷରେ ୭୫,୦୦୦କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ।

ଏହି ଅନ୍ତରୀଣ ବଜେଟରେ କୃଷି କ୍ଷେତ୍ର ପାଇଁ ଆଉ କେତେକ ପଦକ୍ଷେପ ଘୋଷଣା କରାଯାଇଛି। ସେଗୁଡ଼ିକ ହେଲା –


୧) ପଶୁ ପାଳନ ଓ ମତ୍ସ୍ୟଚାଷ କରୁଥିବା ଚାଷୀଙ୍କୁ କିଷାନ କ୍ରେଡିଟ କାର୍ଡ ମାଧ୍ୟମରେ ଋଣ ଉପରେ ଦୁଇ ଶତାଂଶ ସୁଧ ରିଆତି ଓ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣ ପରିଶୋଧ କଲେ ସୁଧ ଉପରେ ତିନି ଶତାଂଶ ରିଆତି ପ୍ରଦାନ ସୁବିଧା।

୨) ଭୀଷଣ ପ୍ରାକୃତିକ ବିପତ୍ତି ଯୋଗୁଁ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ଏନ୍‌ଡିଆର୍ ପାଣ୍ଠିରୁ ସହାୟତା ପ୍ରଦାନ କ୍ଷେତ୍ରରେ କେତେକ ଋଣ ସହାୟତାରେ ଦୁଇ ଶତାଂଶ ସୁଧ ରିଆତି ଓ ପରିବର୍ଦ୍ଧିତ ସମୟସୀମାର ଧାର୍ଯ୍ୟ ସମୟ ମଧ୍ୟରେ ଋଣ ପରିଶୋଧ ଉପରେ ଅତିରିକ୍ତ ତିନି ଶତାଂଶ ସୁଧ ରିଆତି ପ୍ରଦାନ ବ୍ୟବସ୍ଥା।

୩) ରାଷ୍ଟ୍ରୀୟ କାମଧେନୁ ଆୟୋଗ ମାଧ୍ୟମରେ ଉନ୍ନତ କିସମର ଦେଶୀ ଗାଈଙ୍କ ପ୍ରଜାତିର ବିକାଶ କରି ଦୁଗ୍ଧ ଉତ୍ପାଦନ ବୃଦ୍ଧି ପ୍ରୟାସ।

**ଶ୍ରମିକ ବର୍ଗଙ୍କ ପାଇଁ:**

ଏହି ବଜେଟରେ ଅସଂଗଠିତ ଶ୍ରମିକବର୍ଗଙ୍କ କଲ୍ୟାଣ ପାଇଁ 'ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନ୍‌ଧନ' ନାମରେ ଏକ ବୃହତ୍ ପେନ୍‌ସନ୍ ଯୋଜନାର ବ୍ୟବସ୍ଥା କରାଯାଇଛି। ଯେଉଁମାନେ ମାସିକ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବେ ସେମାନେ ଏହାର ଲାଭ ଉଠାଇପାରିବେ। ଏହି ଯୋଜନାର ଅନ୍ତର୍ଭୁକ୍ତ ଶ୍ରମିକମାନେ ୬୦ବର୍ଷ ବୟସରୁ ମାସିକ






## କେନ୍ଦ୍ର ସରକାରଙ୍କ ଖର୍ଚ୍ଚ

Budget Estimates for 2019-20 (in ₹ crore)

| Heads | | Heads | |
|---|---|---|---|
| Pension | 1,74,300 | Interest | 6,65,061 |
| Defence | 3,05,296 | IT and Telecom | 21,549 |
| Major Subsidies | 2,96,684 | Planning and Statistics | 5,594 |
| Agriculture and Allied Activities | 1,49,981 | Rural Development | 1,38,962 |
| Commerce & Industry | 27,660 | Scientific Departments | 26,237 |
| Development of North East | 3,000 | Social Welfare | 49,337 |
| Education | 93,848 | Tax Administration | 1,17,285 |
| Energy | 44,101 | Transfer to States | 1,66,883 |
| External Affairs | 16,062 | Transport | 1,56,187 |
| Finance | 19,812 | Union Territories | 15,042 |
| Health | 63,538 | Urban Development | 48,032 |
| Home Affairs | 1,03,927 | Others | 75,822 |
| | | **Grand Total** | **27,84,200** |

PIB/KBK


୩୦୦୦ଟଙ୍କାର ନିଶ୍ଚିତ ପେନ୍‌ସନ୍ ପାଇବେ। ତେବେ ସେ ପର୍ଯ୍ୟନ୍ତ ସେମାନଙ୍କୁ ଏହି ପେନସନ୍ ପାଣ୍ଠି ପାଇଁ ମାସିକ ସ୍ୱଳ୍ପ ପରିମାଣର ପ୍ରିମିୟମ୍ ଦେବାକୁ ହେବ। ଅସଂଗଠିତ କ୍ଷେତ୍ରର ଜଣେ ଶ୍ରମିକ ଯଦି ୨୯ବର୍ଷ ବୟସରେ ଏହି ପେନସନ୍ ଯୋଜନାରେ ସାମିଲ ହୁଅନ୍ତି ତେବେ ତାଙ୍କୁ ୬୦ବର୍ଷ ଯାଏ ପ୍ରତି ମାସରେ ୧୦୦ଟଙ୍କା ଲେଖାଏଁ ଦେୟ ଦେବାକୁ ପଡ଼ିବ। ସେହିଭଳି ୧୮ବର୍ଷ ବୟସରେ କୌଣସି ଶ୍ରମିକ ଏହି ଯୋଜନାରେ ସାମିଲ ହେଲେ ତାଙ୍କୁ ମାସିକ ୫୫ଟଙ୍କା ଲେଖାଏଁ ଦେବାକୁ ପଡ଼ିବ। ସରକାର ସମ୍ପୃକ୍ତ ଶ୍ରମିକଙ୍କ ପାଇଁ ପେନସନ୍ ପାଣ୍ଠିକୁ ଅର୍ଥ ସମାନୁପାତିକ ହାରରେ ନିଜର ଅଂଶ ପ୍ରତି ମାସରେ ଯୋଗାଇଦେବେ। ଆଶା କରାଯାଉଛି ଯେ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ଏହି ଯୋଜନାରେ ଦେଶର ପ୍ରାୟ ୧୦ କୋଟି ଅସଂଗଠିତ ଶ୍ରମିକ ଉପକୃତ ହେବେ।

ଏହି ଯୋଜନା ପାଇଁ ବଜେଟରେ ୫୦୦କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଏବଂ ଏହା ଚଳିତ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି। ଏହି ପେନ୍‌ସନ୍ ପାଣ୍ଠି ଓ ଯୋଜନାର ପରିଚାଳନା ଏଲ୍‌ଆଇସି କରିବ। ସାମାଜିକ-ଆର୍ଥିକ ଜାତି ଜନଗଣନା ଆଧାରରେ ଏଥିପାଇଁ ହିତାଧିକାରୀଙ୍କୁ ଚିହ୍ନଟ କରାଯିବ ଏବଂ ଏଥିରେ ଶ୍ରମ ବ୍ୟୁରୋର ତଥ୍ୟାବଳୀ (ଡାଟା) ବ୍ୟବହୃତ ହେବ। ଏହି ଯୋଜନାର ଲାଭ କେଉଁ କେଉଁ ବିଜ୍ଞାପିତ, ଯାଯାବର ଓ ଅର୍ଦ୍ଧ ଯାଯାବର ସଂପ୍ରଦାୟର ଲୋକ ପାଇବେ ତାହା ନୀତି ଆୟୋଗ ଦ୍ୱାରା ଗଠିତ ଏକ କମିଟି ନିର୍ଦ୍ଧାରଣ କରିବ। ଏହି ବର୍ଗଙ୍କ ବିକାଶ ପାଇଁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ମଧ୍ୟ ଏକ କଲ୍ୟାଣ ପରିଷଦ ଗଠନ କରିବାକୁ ବଜେଟରେ ବ୍ୟବସ୍ଥା କରାଯାଇଛି।

**ମଧ୍ୟବିତ୍ତ ଓ ବେତନଭୋଗୀ:**

ଏହି ବଜେଟରେ ମଧ୍ୟମବର୍ଗ ଓ ବେତନଭୋଗୀମାନଙ୍କ ପାଇଁ ମଧ୍ୟ ଟିକସ ରିଆତି ଭଳି କିଛି ସୁବିଧା କରାଯାଇଛି। ଆୟକର କ୍ଷେତ୍ରରେ ବ୍ୟକ୍ତିଗତ ପାଞ୍ଚଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ ଉପରେ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ। ଅନ୍ୟ ଅର୍ଥରେ ସବୁ ପ୍ରକାର ବିୟୋଜନ (ଡିଡକ୍ସନ) ପରେ ଜଣଙ୍କର ଆୟ ଯଦି ବାର୍ଷିକ ୫ଲକ୍ଷ ଟଙ୍କାରୁ ଅଧିକ ନ'ହୁଏ ତେବେ ସେ ଆୟକର ଦେବେ ନାହିଁ। ଏହାଠାରୁ ଆୟ ଅଧିକ ହେଲେ ବର୍ତ୍ତମାନର ଟିକସ ଢାଞ୍ଚାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଆୟକର ଦେବାକୁ ପଡ଼ିବ। ଏହା ଫଳରେ ଆତ୍ମନିଯୁକ୍ତ ବ୍ୟକ୍ତିବିଶେଷ, କ୍ଷୁଦ୍ର ବ୍ୟବସାୟୀ, ଛୋଟ ବୃତ୍ତିଧାରୀ ଓ ବେତନଭୋଗୀ, ପେନ୍‌ସନ୍ ଭୋଗୀ ତଥା ବରିଷ୍ଠ ନାଗରିକଙ୍କୁ ମିଶାଇ ପ୍ରାୟ ୩ କୋଟି ମଧ୍ୟବିତ୍ତ ଶ୍ରେଣୀର ଟିକସଦାତା ଉପକୃତ ହେବେ। ଆୟକର ସୀମା ବୃଦ୍ଧି ଫଳରେ କେନ୍ଦ୍ର ସରକାରଙ୍କୁ ବାର୍ଷିକ ୧୮,୫୦୦ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡ଼ିବ।

ବେତନଭୋଗୀ ବର୍ଗଙ୍କ ପାଇଁ ଯେଉଁ ଆୟକର ରିଆତି ଘୋଷଣା କରାଯାଇଛି ସେଥିରେ ଷ୍ଟାଣ୍ଡାର୍ଡ ଡିଡକ୍ସନ ରାଶିକୁ ୪୦,୦୦୦ ରୁ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଏହା ଫଳରେ ପ୍ରତ୍ୟେକ ଆୟକରଦାତା ସିଧାସଳଖ ବର୍ଷକୁ ସର୍ବାଧିକ


Budget 2018-19

**Budget Snapshot: Key Numbers**

| Figures in ₹ crore | 2016-17 Actuals | 2017-18 Budget Estimates | 2017-18 Revised Estimates | 2018-19 Budget Estimates |
|---|---|---|---|---|
| Revenue Receipts | 13,74,203 | 15,15,771 | 15,05,428 | 17,25,738 |
| Capital Receipts* | 6,00,991 | 6,30,964 | 7,12,322 | 7,16,475 |
| Total Receipts | 19,75,194 | 21,46,735 | 22,17,750 | 24,42,213 |
| Total Expenditure | 19,75,194 | 21,46,735 | 22,17,750 | 24,42,213 |
| Revenue Deficit | 3,16,381 | 3,21,163 | 4,38,877 | 4,16,034 |
| Effective Revenue Deficit | 1,50,648 | 1,25,813 | 2,49,632 | 2,20,689 |
| Fiscal Deficit | 5,35,618 | 5,46,531 | 5,94,849 | 6,24,276 |
| Primary Deficit | 54,904 | 23,453 | 64,006 | 48,481 |

*Excluding receipts under Market Stabilisation Scheme

PIB/KBK

ମଧ୍ୟବର୍ତ୍ତୀକାଳୀନ ବଜେଟ ଫେବ୍ରୁଆରୀ ପହିଲାରେ ସଂସଦରେ ଉପସ୍ଥାପିତ ହୋଇଛି। ଗତ ପାଞ୍ଚବର୍ଷ ମଧ୍ୟରେ କେନ୍ଦ୍ର ସରକାର କି କି ପଦକ୍ଷେପମାନ ଗ୍ରହଣ କରିଛନ୍ତି ତାହା ଏଥିରେ ଉଲ୍ଲେଖ କରାଯାଇଛି। ଏହାଛଡ଼ା ଏହାର ସବୁଠୁ ବଡ଼ ଦିଗଟି ହେଲା ୨୦୧୯-୨୦ଆର୍ଥିକ ବର୍ଷର ପ୍ରଥମ ଚାରିମାସ (ଏପ୍ରିଲରୁ ଜୁଲାଇ) ପାଇଁ କେନ୍ଦ୍ର ସରକାରଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଏଥିରେ ଲେଖାନୁଦାନ ବା ଖର୍ଚ୍ଚ ଦାବି ସ୍ଥାନ ପାଇଛି। ନୂଆ ସରକାର ଆସିବା ପର୍ଯ୍ୟନ୍ତ ଏହି ଖର୍ଚ୍ଚ ଦାବି ଅନୁସାରେ ସରକାରୀ ବ୍ୟୟ ଚାଲିବ ଏବଂ ପୂର୍ଣ୍ଣାଙ୍ଗ ବଜେଟ ଲୋକସଭା ନିର୍ବାଚନ ପରେ ନିର୍ବାଚିତ ନୂଆ ସରକାର ଉପସ୍ଥାପନ କରିବେ। ଏହି ଅନ୍ତରୀଣ ବଜେଟରେ କେନ୍ଦ୍ର ସରକାର କେତେକ ନୂଆ ଯୋଜନା ମଧ୍ୟ ଘୋଷଣା କରିଛନ୍ତି ଯାହା ବେଶ୍ ଗୁରୁତ୍ୱ ବହନ କରେ।

ତିନିହଜାର ଟଙ୍କା (ଉପକର ବ୍ୟତୀତ) ରିଆତି ପାଇବେ। ଏକ ହିସାବ ଅନୁସାରେ ୩.୬୫ କୋଟି ବେତନଭୋଗୀ ଓ ପେନ୍‌ସନ୍‌ଭୋଗୀ ଏହାଦ୍ୱାରା ଉପକୃତ ହେବେ ଏବଂ ସରକାରଙ୍କ ରାଜସ୍ୱ କ୍ଷତି ପ୍ରାୟ ୪୭୦୦ କୋଟି ହେବ।

**ଅନ୍ୟ ଟିକସ ପ୍ରସ୍ତାବ:**

- ବ୍ୟାଙ୍କ ଓ ଡାକଘର ଜମା ଉପରେ ମିଳୁଥିବା ସୁଧ ପାଇଁ ଏହି ବଜେଟରେ ଟିଡିଏସ୍ ଲାଗୁ ସୀମା ୪୦ହଜାର ଟଙ୍କାକୁ ବଢ଼ାଇ ଦିଆଯାଇଛି। ଏବେ ଏହା ୧୦ହଜାର ଟଙ୍କାରେ ସୀମିତ ରହିଛି। ଏହାର ଅର୍ଥ ବ୍ୟାଙ୍କ ଓ ଡାକ ଜମାରୁ ଯଦି ବାର୍ଷିକ ସୁଧ ୪୦ହଜାର ଟଙ୍କା ଆସୁଥିବ ତା' ଉପରୁ ଟିଡିଏସ୍ (ଉତ୍ସରୁ ଟିକସ କାଟ) କଟାଯାଇପାରିବ ନାହିଁ।

- ସେହିଭଳି ଭଡ଼ା ବାବଦ ଆୟ ଉପରେ ଟିଡିଏସ୍ ସୀମାକୁ ଏବେ ବାର୍ଷିକ ୧.୮ଲକ୍ଷରୁ ୨.୪ ଲକ୍ଷକୁ ବୃଦ୍ଧି କରାଯାଇଛି। ଏହା ଫଳରେ ଯେଉଁମାନେ ଘର ଭଡ଼ା ଉପରେ ନିର୍ଭର କରି ଚଳୁଥିଲେ ସେମାନଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି।

- କ୍ୟାପିଟାଲ ଗେନ୍ ଟ୍ୟାକ୍ସ (ପୁଞ୍ଜିଗତ ଲାଭ ଟିକସ) ବ୍ୟବସ୍ଥାର ସଂଶୋଧନ କରାଯାଇଛି। ଏଣିକି ଜଣେ ଟିକସଦାତା ଗୋଟିଏ ଆବାସିକ ଘର ସହିତ ଦ୍ୱିତୀୟ ଆବାସିକ ଘର କିଣିପାରିବ ଏବଂ ଏଥିପାଇଁ ସର୍ବାଧିକ ୨ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ କରିପାରିବ। ଏଥିପାଇଁ ତାଙ୍କୁ ଟିକସ ଦେବାକୁ ପଡ଼ିବ ନାହିଁ। ପ୍ରତ୍ୟେକ କରଦାତା ପାଇଁ ଏହି ସୁବିଧା ଜୀବନରେ ଥରକ ପାଇଁ ମିଳିବ।

- ବଜେଟ ପ୍ରସ୍ତାବ ଅନୁସାରେ ଜଣେ କରଦାତା ନିଜର ଦୁଇଟି ଘରକୁ ଆବାସିକ ବ୍ୟବହାର ପାଇଁ ଦର୍ଶାଇ ପାରିବେ ଏବଂ ଗୋଟିକରେ ରହି ଅନ୍ୟଟିକୁ ଭଡ଼ାରେ ଲଗାଇଲେ ମଧ୍ୟ ସେବାବଦ ଆୟ ଉପରେ ଟିକସ ପଡ଼ିବ ନାହିଁ।

- ପୈଠ ଅଗ୍ରୀମ ଟିକସର ଫେରସ୍ତ ବ୍ୟବସ୍ଥାକୁ ବଜେଟରେ ତ୍ୱରିତ କରିବାର ପ୍ରସ୍ତାବ ରହିଛି। ଏଣିକି ଆଉ ଆୟକର ଅଫିସକୁ କରଦାତାଙ୍କୁ ଦୌଡ଼ିବାକୁ ପଡ଼ିବ ନାହିଁ। ଇଲେକ୍ଟ୍ରୋନିକ୍ ବ୍ୟବସ୍ଥା ମାଧ୍ୟମରେ ଆୟକାରୀଙ୍କ ଆୟ ଓ ଟିକସର ତନଖି କରାଯାଇ ସେମାନଙ୍କ ବଳକା ଅର୍ଥ ଯଥାସମ୍ଭବ ସେମାନଙ୍କୁ ଫେରାଇ ଦିଆଯିବ।

**ବିତ୍ତୀୟ ସୁଦୃଢ଼ୀକରଣ:**

ବଜେଟରେ ବିତ୍ତୀୟ ନିଅଣ୍ଟ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୩.୪ ଶତାଂଶ ଦର୍ଶାଯାଇଛି। ପ୍ରାରମ୍ଭିକ ଦୁଇ ଆକଳନରେ ଏହି ନିଅଣ୍ଟ ଯଥାକ୍ରମେ ୩.୩ ଓ ୩.୧ ଶତାଂଶ ଥିଲା। ଋଣ ହ୍ରାସ ସହିତ ଆୟବୃଦ୍ଧି କରି ରାଜସ୍ୱ ସଂଗ୍ରହ ଧାରାକୁ ସୁସଂହତ କରିବାକୁ ବଜେଟରେ କେତେକ ଦୀର୍ଘ ମିଆଦି ପ୍ରସ୍ତାବ ମଧ୍ୟ ଗ୍ରହଣ କରାଯାଇଛି।

**ଟେବୁଲ -୧**

**ବଜେଟର ୧୦ଟି ପ୍ରମୁଖ ଦିଗ**

| | |
|---|---|
| ୧ | ଭାରତୀୟ ଅର୍ଥନୀତିକୁ ୧୦ ଟ୍ରିଲିୟନ ଡଲାର ବିଶିଷ୍ଟ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ |
| ୨ | ଅର୍ଥନୀତିର ପ୍ରତ୍ୟେକ କ୍ଷେତ୍ରକୁ ଡିଜିଟାଲ ଇଣ୍ଡିଆର ପରିସରଭୁକ୍ତ କରିବା ଓ ଦେଶର ନାଗରିକଙ୍କ ଜୀବନରେ ଏହାକୁ ପ୍ରତିଫଳିତ କରାଇ ସେମାନଙ୍କୁ ଲାଭ ଯୋଗାଇବା |
| ୩ | ଭାରତକୁ ଏକ ପ୍ରଦୂଷଣମୁକ୍ତ ରାଷ୍ଟ୍ରରେ ପରିଣତ କରିବା |
| ୪ | ଗ୍ରାମାଞ୍ଚଳ ଶିଳ୍ପାୟନ ବ୍ୟବସ୍ଥା ଓ ଏହାର ସଂପ୍ରସାରଣ |
| ୫ | ଦେଶର ସବୁ ନଦୀକୁ ପରିଷ୍କାର କରିବା |
| ୬ | ଭାରତକୁ ସମୃଦ୍ଧ ଓ ବିକଶିତ କରିବାକୁ ସମୁଦ୍ର ପାଣି ଓ ଏହାର ବିଶାଳ ଉପକୂଳକୁ କାର୍ଯ୍ୟରେ ଲଗାଇବା |
| ୭ | ଭାରତକୁ ବିଶ୍ୱର ଅଗ୍ରଗାମୀ ଉପଗ୍ରହ ଉତ୍‌କ୍ଷେପଣ କେନ୍ଦ୍ରରେ ପରିଣତ କରିବା |
| ୮ | ଭାରତକୁ ଖାଦ୍ୟଶସ୍ୟରେ ଆତ୍ମନିର୍ଭରଶୀଳ କରିବା |
| ୯ | ଏକ ସୁସ୍ଥ ଓ ନିରୋଗ ଭାରତ ଗଠନ |
| ୧୦ | ଅମଲାତନ୍ତ୍ରକୁ ଦାୟିତ୍ୱସମ୍ପନ୍ନ ଓ କର୍ମଠ କରିବା |

## ଟେବୁଲ୍ – ୨
## ବିଭିନ୍ନ ପ୍ରମୁଖ ଯୋଜନା ପାଇଁ ବ୍ୟୟବରାଦ କୋଟିରେ

| | ଯୋଜନା (କୋର୍ ଅଫ୍ କୋର୍ ସ୍କିମ୍) | ୨୦୧୭-୧୮ ପ୍ରକୃତ | ୨୦୧୮-୧୯ ବଜେଟ ଆକଳନ | ୨୦୧୮-୧୯ ସଂଶୋଧିତ ଆକଳନ | ୨୦୧୯-୨୦ ବଜେଟ ଆକଳନ |
|---|---|---|---|---|---|
| | ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ | ୮୬୯୪ | ୯୯୭୫ | ୮୯୦୦ | ୯୨୦୦ |
| | ମନରେଗା | ୫୫୧୬୬ | ୫୫୦୦୦ | ୬୧୦୮୪ | ୬୦୦୦୦ |
| ଅମ୍ବ୍ରେଲା ସ୍କିମ୍ | ତଫସିଲଭୁକ୍ତ ଜାତିଙ୍କ ପାଇଁ ବିଭିନ୍ନ ବିକାଶ କାର୍ଯ୍ୟକ୍ରମ | ୫୦୬୧ | ୫୧୮୩ | ୭୬୦୯ | ୫୩୯୫ |
| | ତଫସିଲଭୁକ୍ତ ଉପଜାତିଙ୍କ ପାଇଁ ବିଭିନ୍ନ ବିକାଶ କାର୍ଯ୍ୟକ୍ରମ | ୩୫୭୩ | ୩୮୦୬ | ୩୭୭୮ | ୩୮୧୦ |
| | ସଂଖ୍ୟାଲଘୁଙ୍କ ପାଇଁ ବିକାଶ କାର୍ଯ୍ୟକ୍ରମ | ୩୯୪୮ | ୧୪୪୦ | ୧୪୪୦ | ୧୫୫୧ |
| | ଅନ୍ୟାନ୍ୟ ବଞ୍ଚିତ ବର୍ଗ | ୧୫୭୪ | ୨୨୮୭ | ୧୫୫୦ | ୧୨୨୭ |
| | **କୋର୍ ଯୋଜନା** | | | | |
| | ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା | ୬୬୧୩ | ୯୪୨୯ | ୮୨୫୧ | ୯୫୧୬ |
| | ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ | ୧୬୮୬୨ | ୧୯୦୦୦ | ୧୫୫୦୦ | ୧୯୦୦୦ |
| | ପ୍ରଧାନମନ୍ତ୍ରୀ ଆବାସ ଯୋଜନା | ୩୧୧୬୪ | ୨୭୫୦୫ | ୨୬୪୦୫ | ୨୫୮୫୩ |
| | ଜାତୀୟ ଗ୍ରାମ୍ୟ ପାନୀୟଜଳ ମିଶନ | ୭୦୩୮ | ୭୦୦୦ | ୫୫୦୦ | ୮୨୦୧ |
| | ସ୍ୱଚ୍ଛ ଭାରତ ମିଶନ | ୧୯୪୨୭ | ୧୭୮୪୩ | ୧୬୯୭୮ | ୧୨୭୫୦ |
| | ଜାତୀୟ ସ୍ୱାସ୍ଥ୍ୟ ମିଶନ | ୩୨୦୦୦ | ୩୦୬୩୪ | ୩୧୧୮୭ | ୩୨୨୫୧ |
| | ଜାତୀୟ ଶିକ୍ଷା ମିଶନ | ୨୯୪୫୫ | ୩୨୬୧୩ | ୩୨୩୩୪ | ୩୮୫୭୨ |
| | ଜାତୀୟ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ (ସ୍କୁଲ) | ୯୦୯୨ | ୧୦୫୦୦ | ୯୯୪୯ | ୧୧୦୦୦ |
| | ଅମ୍ବ୍ରେଲା ଆଇସିଡିଏସ୍ | ୧୯୨୩୪ | ୨୩୦୮୮ | ୨୩୩୫୭ | ୨୭୫୮୪ |
| | **ପ୍ରମୁଖ କେନ୍ଦ୍ରୀୟ ଯୋଜନା** | | | | |
| | ଫସଲ ବୀମା | ୯୪୧୯ | ୧୩୦୦୦ | ୧୨୯୭୬ | ୧୪୦୦୦ |
| | ଚାଷୀଙ୍କୁ ଋଣ ସବ୍‌ସିଡି | ୧୩୦୪୬ | ୧୫୦୦୦ | ୧୪୯୮୭ | ୧୮୦୦୦ |
| | ଆୟ ସହାୟତା ଯୋଜନା | --- | --- | ୨୦୦୦୦ | ୭୫୦୦୦ |
| | ୟୁରିଆ ସବ୍‌ସିଡି | ୪୪୨୨୩ | ୪୫୦୦୦ | ୯୪୯୯୫ | ୫୦୧୬୪ |
| | ପୁଷ୍ଟିସାଧନ ଜନିତ ରିଆତି | ୨୨୨୪୪ | ୨୫୦୯୦ | ୨୫୦୯୦ | ୨୪୮୩୨ |
| | ଖାଦ୍ୟ ସୁରକ୍ଷା ଯୋଜନାରେ ଏଫ୍‌ସିଆଇକୁ ସବ୍‌ସିଡି | ୬୧୮୯୨ | ୧୩୮୧୨୩ | ୧୪୦୦୯୮ | ୧୫୧୦୦୦ |
| | ବିକେନ୍ଦ୍ରୀତ ଖାଦ୍ୟ ସବ୍‌ସିଡି ବ୍ୟବସ୍ଥାରେ ଖାଦ୍ୟଶସ୍ୟ ସଂଗ୍ରହ ପାଇଁ | ୩୮୦୦୦ | ୩୧୦୦୦ | ୩୧୦୦୦ | ୩୩୦୦୦ |

ଲେଖକ ହେଉଛନ୍ତି ହିନ୍ଦୁ ବିଜ୍‌ନେସ ଲାଇନ୍‌ର ବରିଷ୍ଠ ଉପ-ସମ୍ପାଦକ।

**Email ID: hblshishir@gmail.com**

# ଭାରତରେ ମହିଳାଙ୍କ ବିକାଶ

ଶାହିନ୍ ରାଜି

ଜନଜାଗରଣ ପାଇଁ ଦେଶରେ ପ୍ରଥମେ ମହିଳାଙ୍କୁ ଜାଗରିତ କରିବାକୁ ପଡ଼ିବ। ମହିଳା ଜାଗିଲେ, ପରିବାର, ଗ୍ରାମ ଓ ଦେଶ ଆଗକୁ ବଢ଼ିବ।

– *ପଣ୍ଡିତ ଜବାହରଲାଲ୍ ନେହରୁ*

ସାମଗ୍ରିକ ଓ ସମାବେଶୀ ବିକାଶର ଅର୍ଥ ପ୍ରଗତି ପ୍ରକ୍ରିୟାରେ ସବୁ ବଞ୍ଚିତ, ଉପେକ୍ଷିତ ଓ ଅବହେଳିତ ବର୍ଗଙ୍କୁ ସାମିଲ କରି ସେମାନଙ୍କୁ ବିକାଶର ଲାଭରେ ସମଭାଗୀ କରିବା। ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମରେ କୁହାଯାଇଛି ଯେ ଲିଙ୍ଗଗତ ଭେଦଭାବ, ଜାତି ଓ ସଂପ୍ରଦାୟଗତ ବିଚାର, ବୟସ ଜନିତ ପ୍ରସଙ୍ଗ, ଅକ୍ଷମତା ଓ ଦାରିଦ୍ର୍ୟ ଯୋଗୁଁ ଅନେକ ଲୋକ ଉନ୍ନୟନ ପ୍ରକ୍ରିୟାରେ ସାମିଲ ହୋଇ ନ'ପାରି ଏହାର ସୁଫଳରୁ ବଞ୍ଚିତ ହୁଅନ୍ତି। ଏହା ଫଳରେ ବିକାଶ ପ୍ରକ୍ରିୟାରେ ବିଶ୍ୱବ୍ୟାପୀ ଅସମତା ଦେଖାଦେଉଛି। ଯେଉଁମାନେ ବିକାଶ ପାଇଁ ସୁବିଧାସୁଯୋଗ ସୃଷ୍ଟି କରିବା ସହ ଏଥିରେ ଅବଦାନ ରଖନ୍ତି ସେମାନେ ଯଦି ଏହାର ସୁଫଳ ପାଇବାରୁ ବଞ୍ଚିତ ହୁଅନ୍ତି ଓ ସେମାନଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରୁ ବାଦ ଦିଆଯାଏ ତାହା ଦାରିଦ୍ର୍ୟ ଦୂରୀକରଣରେ ପ୍ରତିବନ୍ଧକ ସୃଷ୍ଟି କରେ। ଅତଏବ ସମାବେଶୀ ବିକାଶର ଲକ୍ଷ୍ୟ ହେଲା ଏକ ସମାବେଶୀ ବା ଅନ୍ତର୍ନିବେଶୀ ସମାଜ ଗଠନ ସହ ବିବିଧତାକୁ ସମ୍ମାନ ପ୍ରଦର୍ଶନ କରି ସାମାଜିକ ସ୍ତରରେ ସବୁବର୍ଗର ଲୋକଙ୍କୁ ସାମିଲ କରି ଆଗକୁ ବଢ଼ିବା।

୧୯୯୦ ଦଶକଠାରୁ ନିରନ୍ତର ବିକାଶ କ୍ଷେତ୍ରରେ ମହିଳାଙ୍କୁ ସମାନ ଅଧିକାର ଓ ସୁଯୋଗ ପ୍ରଦାନ ସହ ସେମାନଙ୍କୁ ସଶକ୍ତ କରିବା ଉପରେ ଅଗ୍ରାଧିକାର ପ୍ରଦାନ କରାଯାଉଛି। ମହିଳା ସମୁଦାୟ ବିଶେଷ କରି ଗ୍ରାମାଞ୍ଚଳର ନାରୀସମୂହ ଅଶିକ୍ଷା, ଶୋଷଣ,



ନିର୍ଯାତନା, ଦାରିଦ୍ର୍ୟ ଓ ସାମାଜିକ ବିଚ୍ଛିନ୍ନତା ଯୋଗୁଁ ପଛରେ ପଡ଼ିରହିଛି। ବିକାଶକ୍ଷେତ୍ରରେ ସହର ଓ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ବିରାଟ ବ୍ୟବଧାନ ବିଦ୍ୟମାନ। ଅତଏବ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ମହିଳା କଲ୍ୟାଣ ଓ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞ ଓ ନାରୀବାଦୀମାନେ ଲିଙ୍ଗଗତ ବୈଷମ୍ୟର ଅବସାନ ସହ ମହିଳାଙ୍କୁ ସମାନ ସୁବିଧା ସୁଯୋଗ ସଶକ୍ତ କରିବାକୁ ଗୁରୁତ୍ୱ ଦେଇଛନ୍ତି। ଏହା ବାସ୍ତବରେ ଏକ ଯଥାର୍ଥ ଉଦ୍ୟମ।

ମହିଳାଙ୍କ କ୍ରମ ଉନ୍ନତି ଓ ବିକାଶ ପାଇଁ ସେମାନଙ୍କୁ ସଶକ୍ତ ତଥା ଦକ୍ଷ କରିବା ପ୍ରଥମ କାର୍ଯ୍ୟ। ମହିଳା ସଶକ୍ତୀକରଣ ଏକ ନିରନ୍ତର ପ୍ରକ୍ରିୟା। ଏଥିରେ ମହିଳାଙ୍କ ସ୍ୱାଧୀନତା, ଅଂଶଗ୍ରହଣର ସୁଯୋଗ, ସେମାନଙ୍କ ପ୍ରତି ଥିବା ସାମାଜିକ ବାଛବିଚାର ଓ ଆଭିମୁଖ୍ୟରେ ପରିବର୍ତ୍ତନ, ଆଲୋଚନା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଦକ୍ଷତା ନିର୍ମାଣ ଆଦି ଅନେକ ପ୍ରସଙ୍ଗ ବିଶେଷ ଗୁରୁତ୍ୱ ରଖେ। ଅତଏବ ମହିଳାଙ୍କୁ ବିକଶିତ କରିବାକୁ ହେଲେ ସେମାନେ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକଗୁଡ଼ିକୁ ହଟାଇ ସେମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା ପାଇଁ ସଶକ୍ତ / ସବଳ କରିବାର ଆବଶ୍ୟକ ସୁଯୋଗ ସୁବିଧା ସୃଷ୍ଟି କରିବା।

ବିଶ୍ୱବ୍ୟାଙ୍କ ମହିଳାଙ୍କ ବିକାଶ ପାଇଁ ୨୦୦୨ରେ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିଥିଲା। ଏଥିରେ କେତେକ ଆନୁଷ୍ଠାନିକ ଓ ସାମାଜିକ ବ୍ୟବସ୍ଥା ଗ୍ରହଣ କରିବାକୁ ଅଗ୍ରାଧିକାର ଦିଆଯାଇଥିଲା। ଆନୁଷ୍ଠାନିକ ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ମହିଳା ବିକାଶ ପାଇଁ ନୀତି ପ୍ରସ୍ତୁତି ଏବଂ ତାହାର ରୂପାୟନ ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ନିର୍ମାଣ ଏବଂ ସାମାଜିକ ସ୍ତରରେ ଥିବା ମହିଳା ବିଦ୍ୱେଷୀ ବିଚାରର ବିଲୋପ ପାଇଁ ଆଇନଗତ ବ୍ୟବସ୍ଥା ଏବଂ ସେମାନଙ୍କୁ ଅଧିକାର ପ୍ରଦାନକୁ ଗୁରୁତ୍ୱଦିଆଯାଇଛି। ସଶକ୍ତୀକରଣ ଏକ ବହୁମୁଖୀ, ବହୁପାକ୍ଷିକ, ବହୁସ୍ତରୀୟ ବିଚାର। ମହିଳା ସଶକ୍ତୀକରଣ ଏକ ପ୍ରକ୍ରିୟା ଯେଉଁଥିରେ ମହିଳାଙ୍କୁ ସମ୍ବଳ ଉପରେ ଅଧିକ ନିୟନ୍ତ୍ରଣ ଅଧିକାର ପ୍ରଦାନ ପ୍ରଥମ ଆବଶ୍ୟକତା। ବସ୍ତୁଗତ, ମାନବିକ, ବୌଦ୍ଧିକ ଭଳି ସମ୍ବଳ ଉପରେ ସେମାନଙ୍କ ଅଧିକାର ଜାହିର କରିବା ସହ ଜ୍ଞାନ ସୂଚନା, ବିଚାର ଓ ଆର୍ଥିକ ସମ୍ବଳ ଓ ନଗଦ ଉଦ୍ଦେଶ୍ୟ ଆଦି ଉପରେ ଅଧିକ ନିୟନ୍ତ୍ରଣର କ୍ଷମତା ଦେବାକୁ ପଡ଼ିବ। ତେବେ ଯାଇଁ ପୁରୁଷ ପ୍ରଧାନ ସମାଜ, ସଂପ୍ରଦାୟ, ପରିବାର ଓ ରାଷ୍ଟ୍ର ନିଷ୍ପତ୍ତି ଗ୍ରହଣ କାଳରେ ମହିଳାଙ୍କ ସହ କଥାବାର୍ତ୍ତା, ବୁଝାମଣା ଓ ପରାମର୍ଶ କରିବାକୁ ବାଧ୍ୟ ହେବ। ଏହାଦ୍ୱାରା ମହିଳା ସଶକ୍ତୀକରଣର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ। ମୌଳିକ ଶକ୍ତି ଓ ସମ୍ବଳ ଉପରେ ଅଧିକାର ଏବଂ ନିଷ୍ପତ୍ତି ଗ୍ରହଣରେ ନିର୍ଣ୍ଣାୟକ କ୍ଷମତା ନ'ରହିଲେ ମଣିଷ ବଳବାନ ବା ଶକ୍ତିଶାଳୀ ହୁଏନା; ଅତଏବ ମହିଳାଙ୍କୁ ସଶକ୍ତ କରିବାକୁ ହେଲେ ପ୍ରଥମେ ସେମାନଙ୍କୁ କ୍ଷମତାରୂପକ ଶକ୍ତି ବା ବଳ ଦେବାକୁ ପଡ଼ିବ।

ଗୋଟିଏ ସମୟ ଥିଲା ପରିବାର ଭିତରେ ମଧ





ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ଅଧୀନରେ ମହିଳା ଶକ୍ତି କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରୁଛି। ଏହାର ଉଦ୍ଦେଶ୍ୟ ହେଲା ଗ୍ରାମାଞ୍ଚଳ ମହିଳାଙ୍କୁ ଗୋଷ୍ଠୀ ସହଯୋଗ ଭିତ୍ତିରେ ସୁଦକ୍ଷ ଓ ସମର୍ଥ କରି ଉପାର୍ଜନକ୍ଷମ କରିବା। ଆଇନଗତ ଭାବେ ଯେଉଁ ସବୁ ସୁବିଧା ସୁଯୋଗ ଓ ଅଧିକାର ପାଇବାକୁ ମହିଳା ହକ୍‌ଦାର ତାହା କିପରି ପାଇବେ ଓ କେଉଁଠୁ ପାଇବେ ସେ ବିଷୟରେ ସେମାନଙ୍କୁ ଅବଗତ କରିବାକୁ ସଚେତନ କରାଯାଉଛି। ମହିଳା ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ ଏହା ମାଧ୍ୟମରେ ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଛି। ଦେଶର ବଛାବଛା ୧୧୫ଟି ଅନଗ୍ରସର ଜିଲ୍ଲାରେ ମହିଳାଙ୍କୁ ସଶକ୍ତ କରିବାକୁ ଏହା ମାଧ୍ୟମରେ କାର୍ଯ୍ୟ ଚାଲିଛି।

ମହିଳାଙ୍କର ସ୍ୱର ଉତ୍ତୋଳନ କରିବାର କ୍ଷମତା ନ ଥିଲା। ଏବେ କିନ୍ତୁ ସେ ସ୍ଥିତିରେ ବିଶେଷ ପରିବର୍ତ୍ତନ ଘଟିଛି। ଆଗ ଅବସ୍ଥା ଆଉ ନାହିଁ। ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇ ରହିବାର ସ୍ଥିତିରୁ ମହିଳାମାନେ ଯଥେଷ୍ଟ ଉପରକୁ ଉଠିଛନ୍ତି। ସେମାନେ ଏବେ ନିଜର ଅଧିକାର ଓ କ୍ଷମତା ବିଷୟରେ ସଚେତନ ହେବା ସହ ଉଭୟ ଘର ଓ କର୍ମସ୍ଥଳରେ ଲିଙ୍ଗଗତ ସମତା ଓ ନ୍ୟାୟ ଦାବି କଲେଣି। ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ପାଇଁ ଯେଉଁ ପୁରୁଷକୃତ କୃତ୍ରିମ ସୀମା ନିର୍ଦ୍ଧାରଣ କରାଯାଇଥିଲା ତାହାକୁ ସେମାନେ କେବଳ ଛୁଇଁ ନାହାନ୍ତି ଭାଙ୍ଗିବାରେ ମଧ୍ୟ ସଫଳ ହୋଇଛନ୍ତି। ପ୍ରଯୁକ୍ତି, ବିଜ୍ଞାନ, କ୍ରୀଡ଼ା, ପ୍ରତିରକ୍ଷା, ମହାକାଶ ବିଜ୍ଞାନ ଓ ଉଦ୍ୟୋଗ ଆଦି ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ପୁରୁଷଙ୍କ ସମକକ୍ଷ ହେଲେଣି। ଉଭୟ ସହର ଓ ଗ୍ରାମାଞ୍ଚଳର ମହିଳା ଏ କ୍ଷେତ୍ରରେ ଆଗକୁ ବଢ଼ି ଇତିହାସ ସୃଷ୍ଟି କଲେଣି।

ସରକାର ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ କ୍ଷେତ୍ରରେ ନେଇଥିବା ପଦକ୍ଷେପଗୁଡ଼ିକର ସୁଫଳ ମଧ୍ୟ ଅନୁଭୂତ ହେଉଛି। ଭ୍ରୂଣ ସ୍ତରରୁ କନ୍ୟାସନ୍ତାନଙ୍କ ସୁରକ୍ଷା ସହିତ କର୍ମଜୀବୀ ମହିଳାମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ପ୍ରଦାନ ଏବଂ ସେମାନଙ୍କ କ୍ରମୋନ୍ନତି ପାଇଁ ନାନାବିଧ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ଏଥିରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ମହିଳାଙ୍କୁ ସେମାନଙ୍କ ମାତୃତ୍ୱ କାଳରେ ସଶକ୍ତ କରିବା। ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାରେ ଗର୍ଭାବସ୍ଥା ଓ ପ୍ରସୂତି କାଳରେ ମହିଳାଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇଦିଆଯାଉଛି। ମାତୃତ୍ୱ ସୁବିଧା ଆଇନରେ





ସରକାର ପରିବର୍ତ୍ତନ କରି କର୍ମଜୀବୀ ମହିଳାଙ୍କ ପ୍ରସବକାଳୀନ ସବେତନ ଛୁଟି ସମୟକୁ ୨୬ ସପ୍ତାହ ବା ସାଢ଼େ ଛ' ମାସ ବଢ଼ାଇ ଦେଇଛନ୍ତି। ବେଟି ବଚାଓ ବେଟି ପଢ଼ାଓ ଯୋଜନା ଓ ସୁକନ୍ୟା ସମୃଦ୍ଧି ଯୋଜନା ଆଦି କନ୍ୟାସନ୍ତାନଙ୍କ ସୁରକ୍ଷା ଓ ବିକାଶ ଦିଗରେ ଗୋଟିଏ ଗୋଟିଏ ଉଲ୍ଲେଖନୀୟ ସରକାରୀ କାର୍ଯ୍ୟକ୍ରମ। କନ୍ୟା ଭ୍ରୂଣ ହତ୍ୟା ଜନିତ ଘଟଣାକୁ ନିଷିଦ୍ଧ କରି ସରକାର ଏଥିରେ ସଂଶ୍ଲିଷ୍ଟ ବ୍ୟକ୍ତିବିଶେଷଙ୍କ ପାଇଁ କଠୋର ଦଣ୍ଡବିଧାନ ବ୍ୟବସ୍ଥା କରିଥିବାବେଳେ କନ୍ୟା ସନ୍ତାନଙ୍କ ସୁରକ୍ଷିତ ଜୀବନଧାରଣ ଓ ବିକାଶ ପାଇଁ ଆର୍ଥିକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି।

ଜଣେ ସୁସ୍ଥ ମହିଳା ହିଁ କେବଳ ସଶକ୍ତ ନାରୀ ହୋଇପାରିବେ। ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ, ଜାତୀୟ ପୁଷ୍ଟିସାଧନ କାର୍ଯ୍ୟକ୍ରମ ଉଜ୍ଜ୍ୱଳା ଯୋଜନା ଆଦି ଭାରତୀୟ ମହିଳାଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନଗତ ଆବଶ୍ୟକତା ପୂରଣ ପାଇଁ ଉଦ୍ଦିଷ୍ଟ ସରକାରୀ କାର୍ଯ୍ୟକ୍ରମ।

> ମହିଳାଙ୍କ କ୍ରମ ଉନ୍ନତି ଓ ବିକାଶ ପାଇଁ ସେମାନଙ୍କୁ ସଶକ୍ତ ତଥା ଦକ୍ଷ କରିବା ପ୍ରଥମ କାର୍ଯ୍ୟ। ମହିଳା ସଶକ୍ତୀକରଣ ଏକ ନିରନ୍ତର ପ୍ରକ୍ରିୟା। ଏଥିରେ ମହିଳାଙ୍କ ସ୍ୱାଧୀନତା, ଅଂଶଗ୍ରହଣର ସୁଯୋଗ, ସେମାନଙ୍କ ପ୍ରତି ଥିବା ସାମାଜିକ ବାଛବିଚାର ଓ ଆଭିମୁଖ୍ୟରେ ପରିବର୍ତ୍ତନ, ଆଲୋଚନା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଦକ୍ଷତା ନିର୍ମାଣ ଆଦି ଅନେକ ପ୍ରସଙ୍ଗ ବିଶେଷ ଗୁରୁତ୍ୱ ରଖେ। ଅତଏବ ମହିଳାଙ୍କୁ ବିକଶିତ କରିବାକୁ ହେଲେ ସେମାନେ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକଗୁଡ଼ିକୁ ହଟାଇ ସେମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା ପାଇଁ ସଶକ୍ତ / ସବଳ କରିବାର ଆବଶ୍ୟକ ସୁଯୋଗ ସୁବିଧା ସୃଷ୍ଟି କରିବା।

**ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ:**

ମହିଳାଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଭାରତ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେସବୁ ନିମ୍ନରେ ଉଲ୍ଲେଖ କରାଯାଇଛି।

**ଦୀନଦୟାଲ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନା:**

ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପ୍ରକଳ୍ପ ହେଲା ଆଜୀବିକା। ଏହା ଗ୍ରାମାଞ୍ଚଳ ମହିଳାଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ। ଏଥିରେ ଦୀନଦୟାଲ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନାରେ ପ୍ରତ୍ୟେକ ଗରିବ ପରିବାରର ମହିଳାଙ୍କୁ ଦାରିଦ୍ର୍ୟରୁ ଉଦ୍ଧାର କରିବାର ପରିକଳ୍ପନା କାର୍ଯ୍ୟକାରୀ ହେଉଛି। ସ୍ୱୟଂସହାୟିକା ଗୋଷ୍ଠୀର ସହାୟତାରେ ପ୍ରତ୍ୟେକ ଗରିବ ପରିବାରର ଜଣେ ଲେଖାଏଁ ମହିଳାଙ୍କୁ ଏଥିରେ ରୋଜଗାର ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଆଜୀବିକାରେ ଆଉ ଦୁଇଟି କାର୍ଯ୍ୟକ୍ରମ କାର୍ଯ୍ୟକାରୀ

ହେଉଛି । ତାହା ହେଲା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା ଓ ମହିଳା କିଷାନ ସଶକ୍ତୀକରଣ ପରିଯୋଜନା । ପ୍ରଥମଟିରେ ଗ୍ରାମାଞ୍ଚଳ ମହିଳାଙ୍କ ଦକ୍ଷତା ବିକାଶ ଓ ଶେଷଟିରେ ମହିଳା ଚାଷୀଙ୍କ ସ୍ଥିତିରେ ଉନ୍ନତି ଆଣିବାକୁ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ।

**ନିର୍ବାଚିତ ମହିଳା ପ୍ରତିନିଧିଙ୍କ ସଶକ୍ତିକରଣ:**

ମହିଳା ପ୍ରତିନିଧିମାନଙ୍କୁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାରେ ନିର୍ବାଚିତ କରିଦେଲେ ମହିଳା ସଶକ୍ତୀକରଣର ଲକ୍ଷ୍ୟ ସାଧିତ ହେବନାହିଁ । ସେମାନଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଉଚିତ ଅଂଶଗ୍ରହଣ କରିବା ପାଇଁ ଦକ୍ଷ ଓ ବଳବତୀ କରିବାକୁ ପଡ଼ିବ । ଏହାକୁ ଦୃଷ୍ଟିରେ ରଖି ମହିଳା ପ୍ରତିନିଧିମାନଙ୍କ ସଶକ୍ତୀକରଣ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରୁ ଶୀର୍ଷ ସ୍ତର ଯାଏ ବିଭିନ୍ନ ପର୍ଯ୍ୟାୟରେ କରାଯିବାର ବ୍ୟବସ୍ଥା ହୋଇଛି । ଏହା ମାଧ୍ୟମରେ ସେମାନଙ୍କୁ ସେମାନଙ୍କ ଅଧିକାର, କ୍ଷମତା, ନୀତି ନିୟମ ଆଦି ବିଷୟରେ ଅବଗତ କରାଯାଉଛି । ନିଜର ମୌଳିକ ଅଧିକାର, ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସାଧାରଣ ଜ୍ଞାନ ଓ ସଚେତନତା ନ' ରହିଲେ ମହିଳା ଲୋକପ୍ରତିନିଧିମାନେ ଦକ୍ଷ ଓ ପ୍ରଭାବଶାଳୀ ହୋଇପାରିବେ ନାହିଁ । ଏହାଛଡ଼ା ସେମାନଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପ୍ରସଙ୍ଗ ସମ୍ପର୍କରେ ଅବଗତ କରାଯାଉଛି ।

**ରାଷ୍ଟ୍ରୀୟ ମହିଳା କୋଷ:**

ରାଷ୍ଟ୍ରୀୟ ମହିଳା କୋଷ ଅସଂଗଠିତ ଓ ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କୁ ଛୋଟକାଟିଆ ଋଣ ଯୋଗାଇଥାଏ । ଏହି ଋଣ ଉପରେ ସୁଧହାର ଯଥେଷ୍ଟ କମ୍ ଏବଂ ଏହାକୁ ପାଇବା ପାଇଁ ବିଶେଷ ବିଧିବ୍ୟବସ୍ଥାଗତ ଜଟିଳତା ନ ଥାଏ । ଏଥିପାଇଁ ଋଣକାରୀଙ୍କୁ ଗ୍ୟାରେଣ୍ଟର, ବନ୍ଧକ ବା ଅମାନତ ଦେବାକୁ ପଡ଼େ ନାହିଁ । ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବାକୁ ଏହା ଉଦ୍ଦିଷ୍ଟ । ସ୍ୱୟଂସହାୟିକା ଗୋଷ୍ଠୀ ମାଧ୍ୟମରେ ସରକାର ଏହି କାର୍ଯ୍ୟକ୍ରମକୁ ଲୋକପ୍ରିୟ କରିବାକୁ ଉଦ୍ୟମ କରୁଛନ୍ତି ।

**ମହିଳା ଶକ୍ତି କେନ୍ଦ୍ର:**

ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ଅଧୀନରେ ମହିଳା ଶକ୍ତି କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରୁଛି । ଏହାର ଉଦ୍ଦେଶ୍ୟ ହେଲା ଗ୍ରାମାଞ୍ଚଳ ମହିଳାଙ୍କୁ ଗୋଷ୍ଠୀ ସହଯୋଗ ଭିତ୍ତିରେ ସୁଦକ୍ଷ ଓ ସମର୍ଥ କରି ଉପାର୍ଜନକ୍ଷମ କରିବା । ଆଇନଗତ ଭାବେ ଯେଉଁ ସବୁ ସୁବିଧା ସୁଯୋଗ ଓ ଅଧିକାର ପାଇବାକୁ ମହିଳା ହକ୍‌ଦାର ତାହା କିପରି ପାଇବେ ଓ କେଉଁଠୁ ପାଇବେ ସେ ବିଷୟରେ



ସେମାନଙ୍କୁ ଅବଗତ କରିବାକୁ ସଚେତନ କରାଯାଉଛି । ମହିଳା ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ ଏହା ମାଧ୍ୟମରେ ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଛି । ଦେଶର ବଛାବଛା ୧୧୫ଟି ଅନଗ୍ରସର ଜିଲ୍ଲାରେ ମହିଳାଙ୍କୁ ସଶକ୍ତ କରିବାକୁ ଏହା ମାଧ୍ୟମରେ କାର୍ଯ୍ୟ ଚାଲିଛି ।

**ଗୋଷ୍ଠୀ ସମ୍ପୃକ୍ତି କାର୍ଯ୍ୟକ୍ରମ:**

କଲେଜ ସ୍ତରର ସ୍ୱେଚ୍ଛାସେବୀମାନଙ୍କ ସହାୟତାରେ ଦେଶର ଅତି ପଛୁଆ ୧୧୫ଟି ଜିଲ୍ଲାରେ ବ୍ଲକ୍ ସ୍ତରରେ ଗୋଷ୍ଠୀ ସଂପୃକ୍ତି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଏହି ଛାତ୍ର ସ୍ୱେଚ୍ଛାସେବୀମାନେ ବିଭିନ୍ନ ଜନଗୋଷ୍ଠୀ ଓ ମହିଳାଙ୍କ ମଧ୍ୟରେ ସଚେତନା କାର୍ଯ୍ୟକ୍ରମ ସୃଷ୍ଟି କରିବା ସହ ସେମାନଙ୍କ ସଶକ୍ତୀକରଣ କାର୍ଯ୍ୟକ୍ରମରେ ଆବଶ୍ୟକ ସାହାଯ୍ୟ ସହଯୋଗ କରୁଛନ୍ତି । ଏନ୍‌ଏସ୍‌ଏସ୍ ଓ ଏନ୍‌ସିସିର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହ ବିଭିନ୍ନ ସାମାଜିକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଚଳାଇଛନ୍ତି ।

**'ନାରୀ' କାର୍ଯ୍ୟକ୍ରମ:**

ମହିଳାଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଜାତୀୟ ସୂଚନା ତଥ୍ୟ (ନାରୀ) ପ୍ରସ୍ତୁତ ହୋଇଛି । ଏହାର ଲକ୍ଷ୍ୟ ହେଲା ହିତାଧିକାରୀ ବା ଆଗ୍ରହୀ ମହିଳାଙ୍କୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିକାଶମୂଳକ କାର୍ଯ୍ୟକ୍ରମ ଓ ଅଧିକାର ବିଷୟରେ ସୂଚନା ପ୍ରଦାନ କରିବା । ଏହା ମହିଳାଙ୍କୁ ସେମାନଙ୍କ ଅଧିକାର ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆବଶ୍ୟକ ସୂଚନା ପ୍ରଦାନ କରିବାରେ ବିଶେଷ ସହାୟକ ହେଉଛି ।

**ଅନ୍ୟାନ୍ୟ କାର୍ଯ୍ୟକ୍ରମ:**

ଏହାଛଡ଼ା ଭାରତରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ବେଟି ବଚାଓ ବେଟି ପଢ଼ାଓ, ଜାତୀୟ ପୁଷ୍ଟିସାଧନ ମିଶନ, ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା, ମହିଳା ଉଦ୍ୟୋଗୀବିକାଶ କାର୍ଯ୍ୟକ୍ରମ, ମହିଳା ପୁଲିସ ସ୍ୱେଚ୍ଛାସେବୀ ବାହିନୀ, ମହିଳା ଇ-ହାଟ ଓ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଆଦି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଏଥିପାଇଁ ସ୍ପଷ୍ଟ ନୀତି, ସ୍ୱତନ୍ତ୍ର ଅର୍ଥ ବରାଦ, ରୂପାୟନ ଖସଡ଼ା ଓ ତଦାରଖ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହୋଇଛି । ସେହିଭଳି ଜୀବିକା ମିଶନ, ଦକ୍ଷତା ବିକାଶ, ମାତୃତ୍ୱ ସଶକ୍ତୀକରଣ କାର୍ଯ୍ୟକ୍ରମ ଆଦିରେ ମହିଳାଙ୍କ ବିକାଶ, ଦକ୍ଷତା ନିର୍ମାଣ, ରୋଜଗାର ସୁବିଧା ସୃଷ୍ଟି ଓ ସେମାନଙ୍କୁ ସଚେତନ କରିବାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି । ଏହାଛଡ଼ା କୃଷି, ମୁଦ୍ରା ଓ ଉଦ୍ୟୋଗ ବିକାଶ ଯୋଜନାରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଆନୁଷ୍ଠାନିକ ବ୍ୟବସ୍ଥା ରହିଛି ।

> ବିଶ୍ୱବ୍ୟାଙ୍କ ମହିଳାଙ୍କ ବିକାଶ ପାଇଁ ୨୦୦୨ରେ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିଥିଲା । ଏଥିରେ କେତେକ ଆନୁଷ୍ଠାନିକ ଓ ସାମାଜିକ ବ୍ୟବସ୍ଥା ଗ୍ରହଣ କରିବାକୁ ଅଗ୍ରାଧିକାର ଦିଆଯାଇଥିଲା । ଆନୁଷ୍ଠାନିକ ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ମହିଳା ବିକାଶ ପାଇଁ ନୀତି ପ୍ରସ୍ତୁତି ଏବଂ ତାହାର ରୂପାୟନ ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ନିର୍ମାଣ ଏବଂ ସାମାଜିକ ସ୍ତରରେ ଥିବା ମହିଳା ବିଦ୍ୱେଷୀ ବିଚାରର ବିଲୋପ ପାଇଁ ଆଇନଗତ ବ୍ୟବସ୍ଥା ଏବଂ ସେମାନଙ୍କୁ ଅଧିକାର ପ୍ରଦାନକୁ ଗୁରୁତ୍ୱଦିଆଯାଇଛି । ସଶକ୍ତୀକରଣ ଏକ ବହୁମୁଖୀ, ବହୁପାକ୍ଷିକ, ବହୁସ୍ତରୀୟ ବିଚାର । ମହିଳା ସଶକ୍ତୀକରଣ ଏକ ପ୍ରକ୍ରିୟା ଯେଉଁଥିରେ ମହିଳାଙ୍କୁ ସମ୍ବଳ ଉପରେ ଅଧିକ ନିୟନ୍ତ୍ରଣ ଅଧିକାର ପ୍ରଦାନ ପ୍ରଥମ ଆବଶ୍ୟକତା ।

**୨୦୧୯ ବଜେଟରେ ବ୍ୟବସ୍ଥା:**

ମହିଳା ସଶକ୍ତୀକରଣ ପାଇଁ ୨୦୧୯ ଅନ୍ତରୀଣ ବଜେଟରେ ଅଧିକ ଅର୍ଥ ବରାଦ ସହ କେତେକ ନୂଆ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଛି । ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟର ବ୍ୟୟ ବରାଦ ଗତଥର ଅପେକ୍ଷା ପ୍ରାୟ ୨୦% (୪୮୫୬କୋଟି) ବଢ଼ି ଏଥର ୨୯,୧୬୫ କୋଟି ଟଙ୍କା ହୋଇଛି । ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ମାତୃତ୍ୱକାଳୀନ ସବେତନ ଛୁଟି ମିଆଦକୁ ୨୬ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ମହିଳା ଉଦ୍ୟୋଗୀଙ୍କୁ ଅଧିକ ସୁବିଧା ଦିଆଯାଇଛି । ଫଳରେ ୭୦% ମହିଳା ଉଦ୍ୟୋଗୀ ଉପକୃତ ହୋଇପାରିବେ । ଜନଧନ ଯୋଜନାରେ ମଧ୍ୟ ମହିଳାଙ୍କ ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ମାଛ ଚାଷ ପାଇଁ ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି । ମହିଳାଙ୍କ ନିରାପତ୍ତା ଓ ସଶକ୍ତୀକରଣ ବାବଦ ବ୍ୟୟ ବରାଦ ୧୭୪ କୋଟି ଟଙ୍କା ବଢ଼ିଛି ଓ ଅଙ୍ଗନବାଡ଼ି ପାଇଁ ବ୍ୟୟ ବରାଦରେ ୫୦ଶତାଂଶ ବୃଦ୍ଧି କରାଯାଇଛି । ଅସଂଗଠିତ କ୍ଷେତ୍ରର ମହିଳାଙ୍କ ପାଇଁ ଏହି ବଜେଟରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି ।

**ଉପସଂହାର:**

ସ୍ୱାସ୍ଥ୍ୟ, ଶିକ୍ଷା ଓ ସଶକ୍ତୀକରଣ ବିନା ମହିଳା ବିକାଶ ସମ୍ଭବ ନୁହେଁ । ମହିଳାମାନେ ଦେଶର ମୋଟ୍ ଜନସଂଖ୍ୟାର ପ୍ରାୟ ୫୦ଭାଗ । ତେଣୁ ଏବେ ବହୁମୁଖୀ ଓ ବହୁପାକ୍ଷିକ କାର୍ଯ୍ୟକ୍ରମ ତଥା ପ୍ରୟାସ ଦ୍ୱାରା ମହିଳାଙ୍କ ବିକାଶ ସାଧିତ ହୋଇପାରିବ । ଭାରତ ସରକାର ଏ କ୍ଷେତ୍ରରେ ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ମନ୍ଦ ନୁହେଁ । ଏହାର ଉପଯୁକ୍ତ କାର୍ଯ୍ୟକାରିତା ଉପରେ ଦେଶର ମହିଳାଙ୍କ ସାମଗ୍ରିକ ବିକାଶ ନିଶ୍ଚିତ ସମ୍ଭବ ।

**ଲେଖିକା ହେଉଛନ୍ତି ଜଣେ ପ୍ରତିଷ୍ଠିତ ଅର୍ଥନୀତିଜ୍ଞ, ଶିକ୍ଷାବିତ ତଥା ନୀତି ବିଶାରଦ ।**

**Email ID: shahin.razi@gmail.com**

# ଶିକ୍ଷା କ୍ଷେତ୍ରରୁ ଅସମତା ଦୂର ପାଇଁ ପ୍ରୟାସ

ଶୈଳେନ୍ଦ୍ର ଶର୍ମା, ଡଃ ଶଶୀରଞ୍ଜନ ଝା

ଶିକ୍ଷା କ୍ଷେତ୍ରରେ ଅଂଶଗ୍ରହଣ ଗତ ଦୁଇ ଦଶନ୍ଧି ମଧ୍ୟରେ ବ୍ୟାପକ ଭାବେ ବଢ଼ିଛି ଏବଂ ଏହାର ପ୍ରତ୍ୟେକ ବିଭାଗ ସଂପ୍ରସାରିତ ହୋଇଛି। ପ୍ରାଥମିକ ସ୍ତରରେ ସର୍ବଶିକ୍ଷା ଅଭିଯାନର ସଫଳତା ପରେ ଏବେ ମାଧ୍ୟମିକ ସ୍ତରକୁ ଅଗ୍ରାଧିକାର ପ୍ରଦାନ କରାଯାଇଛି। ଏବେ ଯେଉଁ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (ଆରଏସ୍ଏସ୍ଏ) ଚାଲିଛି ତାହାର ମୂଳ ଲକ୍ଷ୍ୟ ହେଲା ମାଧ୍ୟମିକ ଶିକ୍ଷାକୁ ସାର୍ବଜନୀନ କରିବା। ପ୍ରାଥମିକ ସ୍ତରରେ ଅଧିକରୁ ଅଧିକ ପିଲା ଯୋଗଦେଇ ଶିକ୍ଷା ସମାପ୍ତ କରିବା ପରେ ମାଧ୍ୟମିକ ସ୍ତରରେ ପ୍ରବେଶ ପାଇଁ ଛାତ୍ରଛାତ୍ରୀଙ୍କ ଚାହିଦା ଓ ସଂଖ୍ୟା ବଢୁଛି। ଅତଏବ ବର୍ଦ୍ଧିତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦୃଷ୍ଟିରୁ ସମସ୍ତଙ୍କୁ ମାଧ୍ୟମିକ ଶିକ୍ଷା ଯୋଗାଇଦେବାର ମୌଳିକ ସୁବିଧା ସୁଯୋଗ ଯୋଗାଇବା ଏକ ବଡ଼ ଆହ୍ୱାନ। ଏହା କେବଳ ପିଲାଙ୍କ ସଂଖ୍ୟା ବୃଦ୍ଧିରେ ସୀମିତ ନାହିଁ। ବଡ଼ କଥା ହେଲା ଅଧିକରୁ ଅଧିକ ପିଲା ଦରିଦ୍ର, ଉପେକ୍ଷିତ ଓ ବଞ୍ଚିତ ବର୍ଗରୁ ମାଧ୍ୟମିକ ଶିକ୍ଷା ଲାଭ ପାଇଁ ଆସୁଛନ୍ତି ଏବଂ ସେମାନଙ୍କୁ ଉପଯୁକ୍ତ ସୁବିଧାସୁଯୋଗ ଯୋଗାଇ ପାଠପଢ଼ାର ବନ୍ଦୋବସ୍ତ କରିବା ଏକ ବଡ଼ ଦାୟିତ୍ୱ। ଏହା ଦେଶର ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା ପାଇଁ ନିଶ୍ଚିତ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଘରେ ସୁବିଧା ନ ଥିବାରୁ ଏହି ବର୍ଗର ପିଲାମାନେ ଅଧିକ ସାହାଯ୍ୟ ସହଯୋଗ ସହିତ ଉତ୍ତମମାନର ଶିକ୍ଷା ଲୋଡ଼ିବା ସ୍ୱାଭାବିକ। ଏଥିରେ ତ୍ରୁଟି ହେଲେ ସେମାନଙ୍କ ଶିକ୍ଷା ଲାଭ ଲକ୍ଷ୍ୟ ବିଫଳ ହେବ। ଭାରତରେ ମୋଟ ନାମଲେଖା ତୁଳନାରେ ବୟସଭିତ୍ତିକ ନାମ ଲେଖା ହାର ଯଥେଷ୍ଟ କମ୍। ଏହାର ଅର୍ଥ ଯେଉଁ ପିଲାମାନେ ମାଧ୍ୟମିକ ଶିକ୍ଷା ପାଇଁ ନାମ ଲେଖାଇବାକୁ ଆସୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ତୁଳନାତ୍ମକ ଭାବେ ଅଧିକ। ତଫସିଲଭୁକ୍ତ ଜାତି, ଉପଜାତି, ଅନ୍ୟାନ୍ୟ ଅନଗ୍ରସର ବର୍ଗର ପିଲାମାନେ ବିଳମ୍ବରେ ପାଠ ପଢୁଥିବାରୁ ମାଧ୍ୟମିକ ସ୍ତରକୁ ଆସିବା ବେଳକୁ ସେମାନଙ୍କ ବୟସ ଅଧିକ ହୋଇଯାଇଥାଏ।

**ଟେବୁଲ-୧ :**

**ସ୍କୁଲ ଯାଉଥିବା ପିଲା ଓ ସେମାନଙ୍କ ବୟସର ହାର**

| | ଆଦୌ ନାମ ଲେଖାଇ ନ ଥିବା | | ନାମ ଲେଖାଇଥିବା ଅଥଚ ଏବେ ସ୍କୁଲ ଯାଉ ନ ଥିବା | | ଏବେ ସ୍କୁଲ ଯାଉଥିବା | |
|---|---|---|---|---|---|---|
| ବୟସବର୍ଗ | ୨୦୦୭-୦୮ | ୨୦୧୪-୧୫ | ୨୦୦୭-୦୮ | ୨୦୧୪-୧୫ | ୨୦୦୭-୦୮ | ୨୦୧୪-୧୫ |
| ୬ରୁ୧୦ | ୮.୮ | ୬.୦ | ୧.୬ | ୧.୦ | ୮୯.୬ | ୯୨.୯ |
| ୧୧ରୁ୧୩ | ୬.୨ | ୨.୯ | ୭.୫ | ୪.୩ | ୮୬.୩ | ୯୧.୯ |
| ୧୪ରୁ୧୫ | ୮.୫ | ୪.୪ | ୨୦.୦ | ୧୨.୪ | ୭୧.୫ | ୮୩.୨ |
| ୧୬ରୁ୧୭ | ୮.୭ | ୬.୦ | ୩୬.୫ | ୨୫.୬ | ୫୪.୮ | ୬୮.୪ |
| ସର୍ବମୋଟ୍ | ୮.୧ | ୫.୦ | ୧୧.୦ | ୭.୬ | ୮୦.୯ | ୮୭.୪ |

*ସୂତ୍ର : ଜାତୀୟ ନମୁନା ସର୍ଭେ ୬୪ ଓ ୭୧ ପର୍ଯ୍ୟାୟ*



ଦେଶରେ ଯେଉଁ ସର୍ବଶିକ୍ଷା ଅଭିଯାନ ଚାଲିଛି ତାହାର ଏକ ବଡ଼ ପ୍ରଭାବ ପିଲାଙ୍କ ନାମଲେଖା ଉପରେ ପଡ଼ିଛି । ଏହି କାର୍ଯ୍ୟକ୍ରମ ଯୋଗୁଁ ପ୍ରାଥମିକ ସ୍ତରରେ ଅଧିକରୁ ଅଧିକ ପିଲା ପାଠ ପଢ଼ିବାକୁ ନାମ ଲେଖାଉଛନ୍ତି । ଟେବୁଲ-୧ ରେ ପ୍ରଦତ୍ତ ତଥ୍ୟ ବିଭିନ୍ନ ବୟସବର୍ଗର ସ୍କୁଲ ଯାଉଥିବା ପିଲାଙ୍କ ହାର ପ୍ରଦର୍ଶିତ କରୁଛି । ଏହି ତଥ୍ୟ ଅନୁସାରେ ୬ ରୁ ୧୦ ବର୍ଷ ବୟସ ମଧ୍ୟରେ ଥିବା ପିଲା ଯେଉଁମାନଙ୍କ ନାମ ଲେଖା ହୋଇନାହିଁ ସେମାନଙ୍କ ସଂଖ୍ୟା ନାମ ଲେଖାଇଥିବା ପରବର୍ତ୍ତୀ ଦୁଇ ଅଧିକ ବୟସର ପିଲାଙ୍କ ସଂଖ୍ୟାରୁ ବେଶୀ । ଏହାର କାରଣ ହେଲା ଏମାନେ ବିଳମ୍ବରେ ନାମ ଲେଖାଉଛନ୍ତି । କେବେ ନାମ ଲେଖାଇ ନ ଥିବା ପିଲାଙ୍କ ସଂଖ୍ୟା ସର୍ବଦା କମ୍ ଓ ସେମାନଙ୍କ ସମସ୍ୟା ଅଧିକ ବୟସରେ ନାମ ଲେଖାଉଥିବା ପିଲାଙ୍କଠାରୁ କମ୍ । ଯେଉଁଠି ରୋଜଗାରର ସୁବିଧା ସୁଯୋଗ ରହିଛି ସେସବୁ ସ୍ଥାନରେ ଅଧିକ ବୟସର ପିଲାମାନେ ପାଠ ପଢ଼ାଇବାକୁ ବେଶୀ ସଂଖ୍ୟାରେ ଆଗ୍ରହ ପ୍ରକାଶ କରୁଥିବା ଲକ୍ଷ୍ୟ କରାଯାଉଛି । ଏହା ପଛରେ ସୁଯୋଗ ଜନିତ ଲାଭ ତତ୍ତ୍ୱଟି କାମ କରୁଛି । ତେବେ ସେ ଯା'ହେଉ ସ୍କୁଲଗୁଡ଼ିକରେ ସବୁ ବୟସ ବର୍ଗର ଛାତ୍ରଛାତ୍ରୀଙ୍କ ନାମ ଲେଖା ହାର ବଢ଼ିବାରେ ଲାଗିଛି ଏବଂ ଏହା ଏକ ଭଲ ଲକ୍ଷଣ ।

ତେବେ ପୁଅ ଓ ଝିଅ ପିଲାଙ୍କ ନାମ ଲେଖା ମଧ୍ୟରେ ଥିବା ବ୍ୟବଧାନ ଯଦିଓ ଅବ୍ୟାହତ ରହିଛି ତଥାପି ଏହା ହ୍ରାସ ପାଇବାରେ ଲାଗିଛି । ଦେଶର ୧୫ଟି ରାଜ୍ୟରେ ଏବେ ପୁଅଙ୍କ ଅପେକ୍ଷା ଝିଅଙ୍କ ନାମଲେଖା ହାର ଅଧିକ । ଗବେଷଣାଲବ୍ଧ ତଥ୍ୟ ଅନୁସାରେ ପିଲାଏ ମାଧ୍ୟମିକ ସ୍ତରରେ ଶିକ୍ଷାରୁ ବାଦ ପଡ଼ିବାର ମୁଖ୍ୟ କାରଣ ହେଉଛି ପାରିବାରିକ ଦାରିଦ୍ର୍ୟ । ତେଣୁ ସମ୍ବଳ ଓ ମାଧ୍ୟମିକ ଶିକ୍ଷାରେ ଅଂଶଗ୍ରହଣ ମଧ୍ୟରେ ଏକ ସ୍ୱଷ୍ଟ ସମ୍ପର୍କ ରହିଛି । ବିଭିନ୍ନ ସାମାଜିକ ଗୋଷ୍ଠୀ ଓ ସଂପ୍ରଦାୟ ମଧ୍ୟରେ ଏହା ମଧ୍ୟ ପରିଷ୍କାର ଭାବେ ଦୃଶ୍ୟମାନ । ଆହୁରି ମଧ୍ୟ ମାଧ୍ୟମିକ ସ୍ତରରେ ଉଚ୍ଚ ଓ ମଧ୍ୟମ ଆୟକାରୀ ବର୍ଗର ପରିବାରରୁ ଆସୁଥିବା ପିଲାଙ୍କ ସଂଖ୍ୟା ଗରିବ ଓ ଅନଗ୍ରସର ବର୍ଗଙ୍କ

ଧାର୍ଯ୍ୟ ସମୟସୀମା ମଧ୍ୟରେ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ସରକାର ଆର୍ଥିକ ସହାୟତା ଉପରେ ଗୁରୁତ୍ୱ ଦେଉଛନ୍ତି । ପ୍ରାଥମିକ ଶିକ୍ଷାର ସମୃଦ୍ଧ ଭିତ୍ତି ଉପରେ ମାଧ୍ୟମିକ ଶିକ୍ଷାର ବିକାଶ ନିର୍ଭର କରୁଥିବାରୁ ଏଥିପାଇଁ ସରକାର ସବୁମନ୍ତେ ଉଦ୍ୟମ କରୁଛନ୍ତି । ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଓ ଉତ୍ତମ ଶିକ୍ଷା ପ୍ରଦାନ ପାଇଁ ପଣ୍ଡିତ ମଦନମୋହନ ମାଲବ୍ୟ ଜାତୀୟ ମିଶନ କାର୍ଯ୍ୟକାରୀ ହେଉଛି । ଏଥିରେ ଗୁଣାତ୍ମକ ତଥା ମାନକ ଶିକ୍ଷା ପାଇଁ ଉନ୍ନତ ଉପକରଣମାନ ଯୋଗାଇଦେବା ସହ ଶିକ୍ଷକମାନଙ୍କୁ ଆଧୁନିକ ତାଲିମ ପ୍ରଦାନ କରାଯାଉଛି । ଉଚ୍ଚ ଶିକ୍ଷା ଉପରେ ମଧ୍ୟ ସରକାର ଦୃଷ୍ଟି ରଖିଛନ୍ତି ଓ ଏହାର ମାନବୃଦ୍ଧି ପାଇଁ ଚେଷ୍ଟିତ ।

## ଟେବୁଲ-୨ :

## ଶିକ୍ଷାଲାଭ କ୍ଷେତ୍ରରେ ଅସମତାର ଗିନି ଗୁଣାଙ୍କ (କୋଏଫିସିଏଣ୍ଟ)

| ରାଜ୍ୟ | ୧୯୯୩ | ୧୯୯୯ | ୨୦୦୪ | ୨୦୦୭ | ୨୦୦୯ | ୨୦୧୩ | ୨୦୧୪ |
|---|---|---|---|---|---|---|---|
| ଆନ୍ଧ୍ରପ୍ରଦେଶ | ୦.୭୨ | ୦.୬୮ | ୦.୬୫ | ୦.୫୯ | ୦.୫୭ | ୦.୫୪ | ୦.୫୪ |
| କର୍ଣ୍ଣାଟକ | ୦.୦୫ | ୦.୬୧ | ୦.୫୭ | ୦.୫୪ | ୦.୪୯ | ୦.୪୪ | ୦.୪୫ |
| କେରଳ | ୦.୩୬ | ୦.୩୬ | ୦.୩୫ | ୦.୩୪ | ୦.୩୧ | ୦.୨୬ | ୦.୨୭ |
| ମଧ୍ୟପ୍ରଦେଶ | ୦.୭୨ | ୦.୬୭ | ୦.୬୩ | ୦.୫୭ | ୦.୫୩ | ୦.୫୧ | ୦.୫ |
| ରାଜସ୍ଥାନ | ୦.୭୪ | ୦.୬୮ | ୦.୬୬ | ୦.୬୨ | ୦.୫୯ | ୦.୫୮ | ୦.୫୩ |
| ତାମିଲନାଡୁ | ୦.୫୭ | ୦.୫୨ | ୦.୪୯ | ୦.୪୭ | ୦.୪୩ | ୦.୪୨ | ୦.୪୧ |
| ଉତ୍ତରପ୍ରଦେଶ | ୦.୭ | ୦.୬୫ | ୦.୬୨ | ୦.୬୧ | ୦.୫୫ | ୦.୫୫ | ୦.୫ |
| ସମଗ୍ର ଭାରତ | ୦.୬୫ | ୦.୬୧ | ୦.୫୭ | ୦.୫୨ | ୦.୫୧ | ୦.୪୯ | ୦.୪୬ |

*(ଉତ୍ସ : ଏନ୍‌ଏସ୍‌ଏସ୍‌ଡାଟା)*

ପିଲାଙ୍କ ତୁଳନାରେ ଅଧିକ ।

**ହ୍ରାସମୁଖୀ ଅସମତା:**

ଶିକ୍ଷାଲାଭ କ୍ଷେତ୍ରରେ ଯେଉଁ ଅସମତା ବା ବିଷମତା ଥିଲା ତାହା କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ଶିକ୍ଷାଲାଭ ସୁଯୋଗରୁ ବଞ୍ଚିତ ପିଲାମାନେ ସେମାନଙ୍କ ପ୍ରତିଭାର ଉପଯୁକ୍ତ ବିକାଶ କରିପାରୁନାହାନ୍ତି କିମ୍ବା ସେଥିରୁ ବଞ୍ଚିତ ହେଉଛନ୍ତି । ଏହା ଫଳରେ ମାନବିକ ପୁଞ୍ଜି ଦକ୍ଷତା ଅନୁସାରେ ଉତ୍ପାଦନ ଦେଇପାରୁ ନାହିଁ । ଶିକ୍ଷା କ୍ଷେତ୍ରରେ ଥିବା





ଅସମତା ସମ୍ପର୍କରେ ଟେବୁଲ-୨ରେ ପ୍ରଦତ୍ତ ତଥ୍ୟ ଦ୍ରଷ୍ଟବ୍ୟ। ଏହା ଦର୍ଶାଉଛି ଯେ ଯେଉଁଠି ଆବଶ୍ୟକ ସୁବିଧାସୁଯୋଗ ରହିଛି ସେ ରାଜ୍ୟରେ ପିଲାଙ୍କ ନାମ ଲେଖା ହାର ବେଶ୍ ଅଧିକ। ଆହୁରି ମଧ୍ୟ ଭଲ ଓ ଉନ୍ନତ ସ୍କୁଲରେ ଧନାଢ୍ୟ ଓ ସ୍ୱଚ୍ଛଳ ପରିବାରର ପିଲାଙ୍କ ନାମ ଲେଖା ହାର ଅଧିକ ରହିଛି। ଏହି ତଥ୍ୟ ମୋଟାମୋଟି ପ୍ରକାଶ କରୁଛି ଯେ ନାମ ଲେଖା କ୍ଷେତ୍ରରେ ପରିବାରର ଆର୍ଥିକ ସ୍ୱଚ୍ଛଳତା ଓ ସୁବିଧା ସୁଯୋଗର ଅବଦାନ ଅଧିକ ରହୁଛି।

ଅଧିକରୁ ଅଧିକ ପିଲାଙ୍କୁ ଶିକ୍ଷାନୁଷ୍ଠାନରେ ଆନୁଷ୍ଠାନିକ ଭାବେ ପ୍ରବେଶ କରାଇ ପାଠ ପଢ଼ିବାର ସୁଯୋଗ ଦେବାକୁ ସରକାର କେତେକ ନୀତି କାର୍ଯ୍ୟକାରୀ କରୁଛନ୍ତି। ଜିଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ (ଡିପିଇପି) ଓ ସର୍ବଶିକ୍ଷା ଅଭିଯାନ ସେଥିମଧ୍ୟରୁ ଅନ୍ୟତମ। ଏହି ଦୁଇ କାର୍ଯ୍ୟକ୍ରମର ଫଳାଫଳ ଭଲ ହେଉଛି। ଏହା ମାଧ୍ୟମରେ ଅଧିକରୁ ଅଧିକ ପିଲା ସ୍କୁଲରେ ନାମ ଲେଖାଉଛନ୍ତି। ତେବେ ଏହା ମାଧ୍ୟମରେ ପିଲାଙ୍କୁ ଉତ୍ତମ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି ବୋଲି କୁହାଯାଇ ନ'ପାରେ। ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶ ଏ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ଥିବା ଅସମତା ହାର ହ୍ରାସ ରାଜସ୍ଥାନରେ ସର୍ବନିମ୍ନ ୦.୨୧% ହ୍ରାସ ପାଇଥିବା ବେଳେ ଆନ୍ଧ୍ରରେ ୧୮% ଓ ମଧ୍ୟପ୍ରଦେଶରେ ସର୍ବାଧିକ ୨୨% କମିଛି। ଗିନି କୋଏଫିସିଏଣ୍ଟ ହିସାବରେ ଦେଶର ଅନଗ୍ରସର ଉତ୍ତରାଞ୍ଚଳ ରାଜ୍ୟ ସମୂହରେ ଶିକ୍ଷା କ୍ଷେତ୍ରରେ ଥିବା ତାରତମ୍ୟ ଦର୍ଶାଯାଇଛି। ଏସବୁ ରାଜ୍ୟରେ ଶୈକ୍ଷିକ କ୍ଷେତ୍ରରେ ବିଷମତା ଅଧିକ। ଅପରପକ୍ଷରେ କେରଳରେ ଏହି ଅସମତା ପ୍ରାୟ ନାହିଁ। ତେବେ ପ୍ରଦେଶ ହିସାବରେ ଏ କ୍ଷେତ୍ରରେ ଆନ୍ଧ୍ରପ୍ରଦେଶ ସବୁଠୁ ପଛରେ ପଡ଼ିଛି। ଏହା ପଛକୁ ଯଥାକ୍ରମେ ରହିଛି ରାଜସ୍ଥାନ ଓ ଉତ୍ତରପ୍ରଦେଶ।

**ସାଂପ୍ରତିକ ପ୍ରୟାସ:**

ଦେଶର ଆଦିବାସୀ ଅଞ୍ଚଳରେ ଶିକ୍ଷାର ପ୍ରସାର ଓ ବିକାଶ ପାଇଁ ଉଲ୍ଲେଖନୀୟ ଉଦ୍ୟମମାନ ଆରମ୍ଭ କରାଯାଇଛି। ଉତ୍ତର-ପୂର୍ବାଞ୍ଚଳକୁ ମଧ୍ୟ ଏ କ୍ଷେତ୍ରରେ ଯଥାର୍ଥ ଗୁରୁତ୍ୱ ଦିଆଯାଇଛି। ଏହି ଉଦ୍ୟମର ପ୍ରଥମ ପଦକ୍ଷେପ ହେଲା ଶିକ୍ଷା ଭିତ୍ତିଭୂମିର ବିକାଶ। ଆଦିବାସୀ ଅଞ୍ଚଳରେ ଅଧାରୁ ପାଠଛାଡ଼ିବା (ଡ୍ରପ୍‌ଆଉଟ୍) ସମସ୍ୟା ଅଧିକ। ସେମାନେ ପିତାମାତାଙ୍କୁ ସାହାଯ୍ୟ କରିବା ପାଇଁ ସ୍କୁଲ ଯାଆନ୍ତି ନାହିଁ ଓ ପରିବାର ପାଇଁ ଅଳ୍ପ ବୟସରେ ରୋଜଗାର କରିବାକୁ ବାଧ୍ୟ ହୁଅନ୍ତି। ତେଣୁ ଆଦିବାସୀ ପିଲାଙ୍କୁ ସ୍କୁଲମୁଖୀ କରିବା ପାଇଁ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ମାଟ୍ରିକ ପୂର୍ବ ଓ ପର ଦୁଇଟି ଯାକ ବୃତ୍ତିର ପରିମାଣକୁ ସରକାର ବୃଦ୍ଧି କରିଛନ୍ତି।

ଧାର୍ଯ୍ୟ ସମୟସୀମା ମଧ୍ୟରେ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ସରକାର ଆର୍ଥିକ ସହାୟତା ଉପରେ ଗୁରୁତ୍ୱ ଦେଉଛନ୍ତି। ପ୍ରାଥମିକ ଶିକ୍ଷାର ସମୃଦ୍ଧ ଭିତ୍ତି ଉପରେ ମାଧ୍ୟମିକ ଶିକ୍ଷାର ବିକାଶ ନିର୍ଭର କରୁଥିବାରୁ ଏଥିପାଇଁ ସରକାର ସବୁମନ୍ତେ ଉଦ୍ୟମ କରୁଛନ୍ତି। ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଓ ଉତ୍ତମ ଶିକ୍ଷା ପ୍ରଦାନ ପାଇଁ ପଣ୍ଡିତ ମଦନମୋହନ ମାଳବ୍ୟ ଜାତୀୟ ମିଶନ କାର୍ଯ୍ୟକାରୀ ହେଉଛି। ଏଥିରେ ଗୁଣାତ୍ମକ ତଥା ମାନକ ଶିକ୍ଷା ପାଇଁ ଉନ୍ନତ ଉପକରଣମାନ

ଦେଶରେ ଯେଉଁ ସର୍ବଶିକ୍ଷା ଅଭିଯାନ ଚାଲିଛି ତାହାର ଏକ ବଡ଼ ପ୍ରଭାବ ପିଲାଙ୍କ ନାମଲେଖା ଉପରେ ପଡ଼ିଛି। ଏହି କାର୍ଯ୍ୟକ୍ରମ ଯୋଗୁଁ ପ୍ରାଥମିକ ସ୍ତରରେ ଅଧିକରୁ ଅଧିକ ପିଲା ପାଠ ପଢ଼ିବାକୁ ନାମ ଲେଖାଉଛନ୍ତି। ଟେବୁଲ-୧ ରେ ପ୍ରଦତ୍ତ ତଥ୍ୟ ବିଭିନ୍ନ ବୟସବର୍ଗର ସ୍କୁଲ ଯାଉଥିବା ପିଲାଙ୍କ ହାର ପ୍ରଦର୍ଶିତ କରୁଛି। ଏହି ତଥ୍ୟ ଅନୁସାରେ ୬ ରୁ ୧୦ ବର୍ଷ ବୟସ ମଧ୍ୟରେ ଥିବା ପିଲା ଯେଉଁମାନଙ୍କ ନାମ ଲେଖା ହୋଇନାହିଁ ସେମାନଙ୍କ ସଂଖ୍ୟା ନାମ ଲେଖାଇଥିବା ପରବର୍ତ୍ତୀ ଦୁଇ ଅଧିକ ବୟସର ପିଲାଙ୍କ ସଂଖ୍ୟାରୁ ବେଶୀ। ଏହାର କାରଣ ହେଲା ଏମାନେ ବିଳମ୍ବରେ ନାମ ଲେଖାଉଛନ୍ତି। କେବେ ନାମ ଲେଖାଇ ନ ଥିବା ପିଲାଙ୍କ ସଂଖ୍ୟା ସର୍ବଦା କମ୍ ଓ ସେମାନଙ୍କ ସମସ୍ୟା ଅଧିକ ବୟସରେ ନାମ ଲେଖାଉଥିବା ପିଲାଙ୍କଠାରୁ କମ୍। ଯେଉଁଠି ରୋଜଗାରର ସୁବିଧା ସୁଯୋଗ ରହିଛି ସେସବୁ ସ୍ଥାନରେ ଅଧିକ ବୟସର ପିଲାମାନେ ପାଠ ପଢ଼ାଇବାକୁ ବେଶୀ ସଂଖ୍ୟାରେ ଆଗ୍ରହ ପ୍ରକାଶ କରୁଥିବା ଲକ୍ଷ୍ୟ କରାଯାଉଛି।

ଯୋଗାଇଦେବା ସହ ଶିକ୍ଷକମାନଙ୍କୁ ଆଧୁନିକ ତାଲିମ ପ୍ରଦାନ କରାଯାଉଛି। ଉଚ୍ଚ ଶିକ୍ଷା ଉପରେ ମଧ୍ୟ ସରକାର ଦୃଷ୍ଟି ରଖିଛନ୍ତି ଓ ଏହାର ମାନବୃଦ୍ଧି ପାଇଁ ଚେଷ୍ଟିତ। ଏଥିପାଇଁ ବ୍ୟୟ ବରାଦ ବୃଦ୍ଧି କରାଯିବା ସହ ଦେଶର ବିଭିନ୍ନ ସ୍ଥାନରେ ଉତ୍କର୍ଷ ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା କରିବାର ପ୍ରସ୍ତାବ ରହିଛି। ଏହାଛଡ଼ା ଦେଶର ଯେଉଁସବୁ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନମାନ ରହିଛି ସେସବୁର ଉନ୍ନୟନ ଏବଂ ସମୃଦ୍ଧି ପାଇଁ ସରକାର ଅର୍ଥ ଯୋଗାଣର ବ୍ୟବସ୍ଥା କରିଛନ୍ତି।

ସର୍ବଶିକ୍ଷା ଅଭିଯାନ ଓ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଏଇ ଦୁଇଟିକୁ ଏବେ ମିଶାଇ ଦେଇ କାର୍ଯ୍ୟକାରୀ କରାଯାଉଛି। ଏହା ଫଳରେ ଶିକ୍ଷା କ୍ଷେତ୍ର ପାଇଁ ମିଳୁଥିବା ସରକାରୀ ପାଣ୍ଠିର ସର୍ବାଧିକ ବିନିଯୋଗ ପାଇଁ ବାଟ ଫିଟିବ। ଦ୍ୱିତୀୟତଃ ଏହାଦ୍ୱାରା ରାଜ୍ୟ ସମୂହଙ୍କ ବିବିଧ ଆବଶ୍ୟକତା ପୂରଣ ପାଇଁ ଏହା ସହାୟକ ହେବ। ତୃତୀୟରେ ଶିକ୍ଷା ବିକାଶ କାର୍ଯ୍ୟର ତଦାରଖ, ପରିଚାଳନା ଓ ଅଧୀକ୍ଷଣ ଅଧିକ ଭଲ ଭାବରେ ହୋଇପାରିବ। ଚତୁର୍ଥରେ ଏହାଦ୍ୱାରା ପରିଚାଳନାଗତ ବ୍ୟୟ କମିବ। ପଞ୍ଚମରେ ରାଜ୍ୟ ସରକାରମାନେ ଶିକ୍ଷା ସହ ସଂପୃକ୍ତ ଅନ୍ୟାନ୍ୟ କ୍ଷେତ୍ର ପାଇଁ ଆବଶ୍ୟକ ଅର୍ଥ ବ୍ୟୟ କରିବାକୁ ସମ୍ବଳ ପାଇବେ ଏବଂ ସର୍ବୋପରି ଆର୍ଥିକ ନିୟନ୍ତ୍ରଣ ବ୍ୟବସ୍ଥା ଓ ପରିଚାଳନା ଏକ ଆନୁଷ୍ଠାନିକ ରୂପ ନେଇ ଏ କ୍ଷେତ୍ରରେ ଶୃଙ୍ଖଳା ଆସିବ। ଏସବୁ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଏକ ଗଠନମୂଳକ ଓ ଭବିଷ୍ୟବାଦୀ ସଫଳ ପରିବର୍ତ୍ତନ ଆଣିବା ପାଇଁ ସହଯୋଗ ଭିତ୍ତିକ ରୂପାୟନ ପ୍ରକ୍ରିୟା ଗଢ଼ି ଉଠିବ। ଯୋଜନାର ସଫଳତା ଯଥାର୍ଥ କାର୍ଯ୍ୟକାରିତା ଉପରେ ନିର୍ଭର କରେ। ଅତଏବ ଏ କ୍ଷେତ୍ରରେ ରୂପାୟନ ବ୍ୟବସ୍ଥା ବା ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ତୀକ୍ଷ୍ଣ ନଜର ରଖିବା ନିହାତି ଜରୁରୀ।

ଶିକ୍ଷା ସଂସ୍କାରରେ ଟେକ୍ନୋଲୋଜିକୁ ଯୋଡ଼ିବା ଏବଂ ଅନଗ୍ରସର ଅଞ୍ଚଳରେ ଶିକ୍ଷାର ପ୍ରସାର ଘଟାଇ ଏହାକୁ ଲକ୍ଷ୍ୟ ହାସଲ ଦିଗରେ ଆଗେଇ ନେବାକୁ ଅଭିନବ ପାଣ୍ଠି (ଇନୋଭେସନ ଫଣ୍ଡ) ଗଠନ ଏ ଦିଗରେ ଆଉ ଏକ ଉଚିତ ପଦକ୍ଷେପ। ଶିକ୍ଷା ପାଇଁ ବଜେଟରେ ୯.୯ ଶତାଂଶ ଅର୍ଥ ବୃଦ୍ଧି କରାଯାଇଥିବାବେଳେ ଉଚ୍ଚ ଓ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଟେକ୍ନୋଲୋଜି ଭିତ୍ତିକ ସଂସ୍କାର ଉପରେ ଗୁରୁତ୍ୱ ଦିଆଯାଇଛି। ୨୦୧୯ର ଅନ୍ତରୀଣ ବଜେଟରେ ଜାତୀୟ ଶିକ୍ଷା ମିଶନ ପାଇଁ ୩୮,୫୭୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହାଛଡ଼ା ପ୍ରାକ୍ ପ୍ରାଥମିକଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପାଇଁ ୩୬,୪୭୨ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ ହୋଇଛି। ଅତଏବ ଶିକ୍ଷା ପାଇଁ ଯେ ପାଣ୍ଠିର ବିଶେଷ ଅଭାବ ନାହିଁ ଏହା କୁହାଯାଇପାରେ।

**ଉପସଂହାର:**

ଉପସଂହାରରେ ଏତିକି କୁହଯାଇପାରେ ଯେ ଶିକ୍ଷାକ୍ଷେତ୍ରରେ ସମାବେଶୀ ବା ଅନ୍ତର୍ନିବେଶୀ ବିକାଶକୁ କେବଳ ଏହାରି ଭିତରେ ସୀମିତ ରଖିହେବ ନାହିଁ। ନୀତି ନିର୍ଦ୍ଧାରଣ ସ୍ତରରେ ଉଦ୍ୟମ ଓ ପୂର୍ଣ୍ଣ ସହଯୋଗରେ ହିଁ ଏକ ସଫଳ ବିଦ୍ୟାଳୟ ବ୍ୟବସ୍ଥା ସମ୍ଭବ ହେବ। ଏଥିପାଇଁ ସ୍କୁଲ ଯାଉଥିବା ପିଲାଙ୍କୁ ଦକ୍ଷ ଓ ଯୋଗ୍ୟ କରିବା ପାଇଁ ଯେଉଁସବୁ ସହାୟକ ବ୍ୟବସ୍ଥା ବା ଅଣୁଘଟକର ଆବଶ୍ୟକତା ଅଛି ତାହାକୁ ପ୍ରସ୍ତୁତ କରି କାମରେ ଲଗାଇବାକୁ ପଡ଼ିବ। ଏ କ୍ଷେତ୍ରରେ ପାଠ୍ୟକ୍ରମ ଓ ପାଠ୍ୟ ଖସଡ଼ା ପ୍ରସ୍ତୁତି, ଦକ୍ଷତା ନିର୍ମାଣ, ସାମର୍ଥ୍ୟ ବିକାଶ ଆବଶ୍ୟକ। ଉତ୍ତମ ଶିକ୍ଷାନୁଷ୍ଠାନ, ଶୈକ୍ଷିକ ଉପକରଣ, ତାଲିମପ୍ରାପ୍ତ ଦକ୍ଷ ଶିକ୍ଷକ, ଶିକ୍ଷକ ପ୍ରଶିକ୍ଷକ ଓ ପରିତନ୍ତ୍ର ତିଆରି କରିବାକୁ ପଡ଼ିବ। ତା' ନହେଲେ ଶିକ୍ଷା ସଂସ୍କାର ହୋଇପାରିବ ନାହିଁ ଏବଂ ସହସ୍ରାବ୍ଦ ଲକ୍ଷ୍ୟ ପୂରଣ ଅସମ୍ଭବ ହେବ। ଏ କ୍ଷେତ୍ରରେ ଧନ୍ଦାମୂଳକ ଅନୁଷ୍ଠାନ, ଉଚ୍ଚଶୈକ୍ଷିକ ପ୍ରତିଷ୍ଠାନ, ଶିକ୍ଷା ବିଶାରଦ, ଶିକ୍ଷା ପ୍ରଶାସକ ଓ ଅନ୍ୟ ସମସ୍ତ ସଂପୃକ୍ତ ପକ୍ଷଙ୍କ ମଧ୍ୟରେ ସହଯୋଗ ତଥା ସମନ୍ୱୟର ଆବଶ୍ୟକତା ରହିଛି। ତେବେ ଯାଇଁ ଶିକ୍ଷା ସାର୍ବଜନୀନ ଓ ସମାବେଶୀ ହୋଇପାରିବ ଏବଂ ଏହାର ଉନ୍ନତି ଘଟିବ। ଶିକ୍ଷା କ୍ଷେତ୍ରରେ ସଂସ୍କାର ଓ ଏହାର ବିକାଶ ଜଣିକିଆ କାମ ନୁହେଁ ଏକଥା ମନେ ରଖିବାକୁ ହେବ।

**ଲେଖକ ଶୈଳେନ୍ଦ୍ର ଶର୍ମା ହେଉଛନ୍ତି ଶିକ୍ଷା ଓ କୌଶଳ ବିକାଶ, ଆଇପିଇ ଗ୍ଲୋବାଲ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଏବଂ ଶଶିରଞ୍ଜନ ଝା ହେଉଛନ୍ତି ଶିକ୍ଷା ଓ କୌଶଳ ବିକାଶ, ଆଇପିଇ ଗ୍ଲୋବାଲ୍‌ର ବରିଷ୍ଠ ମ୍ୟାନେଜର। Email ID: shalendersharma@ipeglobal.com, sjha@ipeglobal.com**

# ସୁଶାସନ ମାଧ୍ୟମରେ ସମସ୍ତଙ୍କର ବିକାଶ

ଡଃ ଯୋଗେଶ ସୁରି, ଦେଶଗୌରବ ଶେଖରି

କୁଶାସନ କିପରି ଲୋକଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦିଏ ଓ ସୁଶାସନ ଦ୍ୱାରା ସର୍ବସାଧାରଣ କିପରି ଉପକୃତ ହୁଅନ୍ତି ତାହାର ଅନେକ ଉଦାହରଣ ଇତିହାସରେ ରହିଛି। ଭାରତୀୟ ପୁରାଣ ଓ ଧର୍ମ ଗ୍ରନ୍ଥଗୁଡ଼ିକରେ ପ୍ରଜାପାଳକ ରାଜା ଓ ସୁଶାସନ ସମ୍ପର୍କରେ ମଧ୍ୟ ଅନେକ କାହାଣୀ ବର୍ଣ୍ଣିତ। କେଉଁ ଅନାଦି କାଳରୁ ସୁଶାସନର ବାର୍ତ୍ତା ଭାରତରେ ପ୍ରାଧାନ୍ୟ ଲାଭ କରିଆସିଛି। ପାଞ୍ଚହଜାର ବର୍ଷର ପୁରୁଣା ଭଗବତ୍ ଗୀତାରେ ସୁଶାସନ, ନେତୃତ୍ୱ, କର୍ତ୍ତବ୍ୟବୋଧ, ଆତ୍ମଅନୁଶୀଳନ ଆଦି ସମ୍ପର୍କରେ ଅନେକ ତଥ୍ୟ ଓ ସୂଚନା ରହିଛି। ଆଧୁନିକ ସମୟର ପ୍ରେକ୍ଷାପଟରେ ଏସବୁର ନିରନ୍ତର ତର୍ଜମା ଓ ବ୍ୟାଖ୍ୟା ମଧ୍ୟ ହେଉଛି। କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର (ଦ୍ୱିତୀୟରୁ ତୃତୀୟ ଶତାବ୍ଦୀ)ରେ ମଧ୍ୟ ପ୍ରଜାଙ୍କ ମଙ୍ଗଳ କରିବା ରାଜା ବା ଶାସକଙ୍କର ପରମଧର୍ମ ଭାବେ ବର୍ଣ୍ଣିତ ହୋଇଛି। ଜାତିର ପିତା ମହାତ୍ମା ଗାନ୍ଧୀ ସୁରାଜ ଉପରେ ଗୁରୁତ୍ୱ ଦେଉଥିଲେ ଯାହାର ଅର୍ଥ ସୁଶାସନ। ସାଂପ୍ରତିକ କାଳରେ ଶାସନର ଗୁରୁତ୍ୱ ଓ ସ୍ୱରୂପ ଭାରତୀୟ ସମ୍ବିଧାନରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଏହି ସମ୍ବିଧାନ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ବ୍ୟବସ୍ଥା ଉପରେ ଆଧାରିତ। ଏହା ଗଣତନ୍ତ୍ର, ଆଇନର ଶାସନ ଓ ଲୋକଙ୍କ କଲ୍ୟାଣ ପ୍ରତି ଅଙ୍ଗୀକୃତ।

ସୁଶାସନର ସଂଜ୍ଞା କ୍ରମଶ ବିବର୍ତ୍ତିତ ହୋଇ ଏହାର ପରିସରକୁ ସଂପ୍ରସାରିତ କରିବା ସହ ନୂଆ ନୂଆ କ୍ଷେତ୍ରକୁ ଏହାର ଅନ୍ତର୍ଭୁକ୍ତ କରୁଛି। ଦଶମ ଯୋଜନା ନଥିରେ କୁଶାସନର କିଛି ଉଦାହରଣ ସ୍ଥାନିତ କରାଯାଇ ତାହାର ଅବସାନ ଘଟାଇ ସୁଶାସନ ଆଣିବାର ବାଟ ଦେଖାଇଛି। ଏଥିରେ ଅର୍ଥନୀତିର କୁପରିଚାଳନା, ଲୋକଙ୍କୁ ମୌଳିକ ସୁବିଧା ଆବଶ୍ୟକତା ଯୋଗାଇ ନ'ଦେବା, ବ୍ୟକ୍ତିଗତ ଜୀବନ ଓ ନିରାପତ୍ତା ପ୍ରତି ବିପଦ, ନାଗରିକଙ୍କୁ ସେମାନଙ୍କ ଅଧିକାର ଓ ସୁବିଧାସୁଯୋଗରୁ ବଞ୍ଚିତ କରିବା, ସରକାରୀ ଉଦାସୀନତା, ଶାସନକଳରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ଅଭାବ, ନ୍ୟାୟ ପ୍ରଦାନରେ ବିଳମ୍ବ, ସ୍ୱର ଉତ୍ତୋଳନ କରିପାରୁନଥିବା ଦରିଦ୍ର ଲୋକଙ୍କୁ ଶାସନ ପ୍ରକ୍ରିୟାରେ ସାମିଲ କରାନଯିବା ଏବଂ ଭୌତିକ ପରିବେଶର ଅଧୋଗତି ଆଦି କୁଶାସନର ସଂଜ୍ଞାଭୁକ୍ତ ହୋଇଛି।



ମିଳିତ ଜାତିସଂଘ ସୁଶାସନର ଏକ ଅଷ୍ଟସୂତ୍ରୀ ତାଲିକା ପ୍ରସ୍ତୁତ କରିଛି। ସେଗୁଡ଼ିକ ହେଲା - ସର୍ବସମ୍ମତ ନିଷ୍ପତ୍ତି, ଉତ୍ତରଦାୟିତ୍ୱ, ଶାସନଗତ ସ୍ୱଚ୍ଛତା ଓ ପାରଦର୍ଶିତା, ଦାୟିତ୍ୱବୋଧ, ସମାନତା ଓ ସମାବେଶୀତା, ସଫଳ ଓ ଦକ୍ଷ ଶାସନ ବ୍ୟବସ୍ଥା, ଆଇନର ଶାସନ ଏବଂ ଶାସନରେ ସମସ୍ତଙ୍କର ଅଂଶଗ୍ରହଣ। ଜାତିସଂଘର ନିରନ୍ତର ବିକାଶ ଯୋଜନାରେ ମଧ୍ୟ ଯେଉଁ ଷୋଡ଼ଶ ଲକ୍ଷ୍ୟଟି ପ୍ରସ୍ତୁତ କରାଯାଇଛି ତାହା ସୁଶାସନ ସମ୍ପର୍କିତ। ଏଥିରେ ଶାସନରେ ଉନ୍ନତି, ନାଗରିକଙ୍କୁ ଶାସନରେ ଅନ୍ତର୍ଭୁକ୍ତ




## ସୁଶାସନ ଏବଂ ଗଣତନ୍ତ୍ର

ଓ ଭାଗୀଦାରୀ କରିବା, ସେମାନଙ୍କର ଅଧିକାର ଓ ନିରାପତ୍ତାକୁ ନିଶ୍ଚିତ କରିବା ସମ୍ପର୍କରେ ଉଲ୍ଲେଖ ଅଛି। ଏଥିରେ ବ୍ୟତିକ୍ରମ ହେଲେ ଶାସନ ସଫଳ ହେବ ନାହିଁ କିମ୍ବା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ ବୋଲି ଉଲ୍ଲେଖ କରାଯାଇଛି।

**ବିକାଶ କାର୍ଯ୍ୟସୂଚୀ - ଇଣ୍ଡିଆ @୭୫:** ନୀତି ଆୟୋଗ ଦ୍ୱାରା ନୂଆ ଭାରତ ନିର୍ମାଣର ଯେଉଁ ପୂର୍ଣ୍ଣାଙ୍ଗ ଦଲିଲ ପ୍ରସ୍ତୁତ ହୋଇଛି ତାହା ଷ୍ଟ୍ରାଟେଜି ଫର୍ ନ୍ୟୁ ଇଣ୍ଡିଆ ଅ୭୫ ନାମରେ ନାମିତ। ଏଥିରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଯେଉଁ ବିକାଶ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି ତାହା ୪୧ଟି ଅଧ୍ୟାୟରେ ବିଭକ୍ତ। ଏଥିରେ ପ୍ରାୟ ସବୁ ବିଭାଗ ଓ କ୍ଷେତ୍ର ସ୍ଥାନ ପାଇଛି। ସେସବୁ କ୍ଷେତ୍ରର ବର୍ତ୍ତମାନ ସ୍ଥିତି, ପ୍ରତିବନ୍ଧକ ଓ ନୂଆ ଲକ୍ଷ୍ୟ ହାସଲର ରାଜନୀତି ଏହି ନଥିରେ ସ୍ଥାନିତ ହୋଇଛି। ଏହାର ପ୍ରମୁଖ ଲକ୍ଷ୍ୟ ହେଲା ପ୍ରତ୍ୟେକ କ୍ଷେତ୍ରରେ ଦେଶର ଉଲ୍ଲେଖନୀୟ ବିକାଶ ଘଟାଇ ୨୦୨୨ ସୁଦ୍ଧା ଭାରତର ଅର୍ଥନୀତିକୁ ୪ ଟ୍ରିଲିୟନ ଡଲାର ବିଶିଷ୍ଟ କରିବା ଏବଂ ପରବର୍ତ୍ତୀ ତିନି ଦଶନ୍ଧି ପାଇଁ ସମନ୍ୱିତ, ସମାବେଶୀ ଓ ନିରନ୍ତର ବିକାଶର ଏକ ସ୍ୱଚ୍ଛ, ଦକ୍ଷ ଭିତ୍ତିଭୂମି ତିଆରି କରିବା। ଏହି ୪୧ଟି ଅଧ୍ୟାୟ ମଧ୍ୟରୁ ୭ଟିରେ ସୁଶାସନ ଉପରେ ଗୁରୁତ୍ୱ ଦିଆଯାଇଛି ଓ ଏଥିରେ ସମତୁଲ ଆଞ୍ଚଳିକ ବିକାଶ, ନ୍ୟାୟିକ, ଆଇନଗତ ଓ ପୁଲିସ ସଂସ୍କାର, ଆକାଂକ୍ଷୀ ଜିଲାଗୁଡ଼ିକର ବିକାଶ, ସିଭିଲ ସେବାରେ ସଂସ୍କାର, ନଗର ଶାସନ, ଭୂସମ୍ପତ୍ତିର ସର୍ବାଧିକ ବିନିଯୋଗ ଏବଂ ଡାଟାଭିତ୍ତିକ ଶାସନ ବ୍ୟବସ୍ଥା ଅଗ୍ରାଧିକାର ପାଇଛି। ଅବଶିଷ୍ଟ ଅଧ୍ୟାୟଗୁଡ଼ିକରେ ସାମାଜିକ କ୍ଷେତ୍ର, ଶାସନଗତ ଦକ୍ଷତା ବୃଦ୍ଧି, ଉତ୍ତମ ସେବା ଯୋଗାଣ ଓ କାର୍ଯ୍ୟକାରୀ ହେଉଥିବା ଯୋଜନାର ଫଳାଫଳ ମୂଲ୍ୟାୟନ ଆଦି ସ୍ଥାନ ପାଇଛି।

ଶିକ୍ଷା କ୍ଷେତ୍ରକୁ ଏକ ଉଦାହରଣ ରୂପେ ନିଆଯାଇପାରେ। ଏ କ୍ଷେତ୍ରରେ ଏକ ବଡ଼ଧରଣର ସଂସ୍କାର ଆଣି ନୂଆ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ କାର୍ଯ୍ୟକ୍ରମର ରୂପାୟନଗତ ତଦାରଖ, ଉତ୍ତରଦାୟିତ୍ୱ ଓ ଲକ୍ଷ୍ୟ ହାସଲକୁ ଅଗ୍ରାଧିକର ପ୍ରଦାନ କରାଯାଇଛି। ଏଥିରେ ଏକ ବିରାଟ କ୍ରିୟାବିଧି ବା ତନ୍ତ୍ରର ବ୍ୟବସ୍ଥା ହୋଇଥିବାବେଳେ ସେହି ସଂରଚନାକୁ ସଫଳ କରିବା ପାଇଁ ଶିକ୍ଷକଙ୍କ ଯୋଗ୍ୟତା, ଦକ୍ଷତା, ତାଲିମ, ଶ୍ରେଣୀରେ ଉପସ୍ଥାନ, ପାଠପଢ଼ାର ଫଳାଫଳ ମୂଲ୍ୟାୟନ ଆଦି ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥାର ତଦାରଖକାରୀ କିଏ ହେବ ତାହାର ମଧ୍ୟ ବିଧି ବ୍ୟବସ୍ଥା କରାଯାଇଛି। ଛାତ୍ରଛାତ୍ରୀଙ୍କ ପ୍ରାଥମିକ ଶ୍ରେଣୀରେ ନାମ ଲେଖା, ସେମାନଙ୍କ ସାମାଜିକ ଆର୍ଥିକ ସ୍ଥିତି, ପାଠ ଗ୍ରହଣ ଓ ଶିଖିବାର ଦକ୍ଷତା, ମଝିରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା, ସେମାନଙ୍କୁ ସ୍କୁଲ ପ୍ରତି ଆକର୍ଷିତ କରି ରଖିବାର ଉପାୟ, ସେମାନଙ୍କ ଶାରୀରିକ ଓ ମାନସିକ ପ୍ରତିବନ୍ଧକ ଓ ସ୍ୱାସ୍ଥ୍ୟଗତ ସ୍ଥିତି ଆଦି ସମସ୍ତ ବିଷୟରେ ରେକର୍ଡ ରଖିବା ସହ ସମସ୍ୟାବଳୀର ସାମଧାନ ସୂତ୍ର ପ୍ରସ୍ତୁତ ହୋଇଛି।

ସେଇଭଳି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ନଥିରେ ମେଡିକାଲ, ସ୍ୱାସ୍ଥ୍ୟକେନ୍ଦ୍ର ସମୂହର ପରିଚାଳନାରେ ଉନ୍ନତି, ମେଡିକାଲ ଶିକ୍ଷା କ୍ଷେତ୍ରରେ ସଂସ୍କାର, ଡାକ୍ତରୀ ଶିକ୍ଷା ସହିତ ନର୍ସିଂ, ଦନ୍ତ ଓ ଫାର୍ମାସୀ ଶିକ୍ଷାର ବିକାଶ ଗୁରୁତ୍ୱ ପାଇଛି। ଏହାଛଡ଼ା ଆୟୁଷ, ନର୍ସିଂ, ଡେନ୍‌ଟିଷ୍ଟ୍ରୀ ଓ ଫାର୍ମାସୀ ପରିଷଦର ପୁନର୍ଗଠନ ପାଇଁ ସୁପାରିଶ କରାଯାଇଛି। ପ୍ରସ୍ତାବିତ ଜାତୀୟ ମେଡିକାଲ କମିଶନ ଡାଞ୍ଚାରେ ଏସବୁ ପୁନର୍ଗଠିତ ହେବ। ସ୍ୱାସ୍ଥ୍ୟ ସେବା ସହ ସମ୍ପୃକ୍ତ ଅଣ ଡାକ୍ତର ବୃତ୍ତିଧାରୀ ଓ କର୍ମଚାରୀଙ୍କ ପାଇଁ ଏକ ପରିଷଦ ଗଠନର ବ୍ୟବସ୍ଥା କରାଯାଇଛି।

ଏହାର ଉଦ୍ଦେଶ୍ୟ ହେଲା ଏଭଳି ଶିକ୍ଷା କ୍ଷେତ୍ରରେ ଏକପ୍ରକାର ପାଠ୍ୟକ୍ରମ ପ୍ରବର୍ତ୍ତନ, ମାନନିୟନ୍ତ୍ରଣ ବ୍ୟବସ୍ଥା, ଶ୍ରମଶକ୍ତି ସୁପରିଚାଳନା ଓ କ୍ଲିନିକାଲ ପ୍ରୋଟୋକଲର ସୁରକ୍ଷା କରିବା।

**ଆକାଙ୍କ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ:**

୨୦୧୮ରେ ଭାରତ ସରକାର ଆକାଙ୍କ୍ଷୀ ଜିଲା କାର୍ଯ୍ୟକ୍ରମ (ଏଡିପି) କାର୍ଯ୍ୟକାରୀ କରିଛନ୍ତି। ଦେଶର ପଛୁଆ ଜିଲାଗୁଡ଼ିକର ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ସମୟବଦ୍ଧ ବ୍ୟବସ୍ଥାରେ ବିକାଶମୂଳକ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରିବାର ଲକ୍ଷ୍ୟ ରଖାଯାଇଛି। ନୀତି ଆୟୋଗ ମାର୍ଫତରେ ଏହା କାର୍ଯ୍ୟକାରୀ ହେଉଛି। ଦେଶର ମୋଟ୍ ୧୧୫ଟି ଅନଗ୍ରସର ଜିଲା ଏଥିପାଇଁ ବଛାଯାଇଛି। ସେସବୁ ଜିଲାରେ ପର୍ଯ୍ୟାୟକ୍ରମେ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଶିକ୍ଷା, କୃଷି, ଜଳପରିଚାଳନା, ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାରେ ସମସ୍ତଙ୍କୁ ସାମିଲ କରିବା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ଏହିସବୁ ଜିଲାର ଶାସନ ବ୍ୟବସ୍ଥା ଓ ବିକାଶ କାର୍ଯ୍ୟ ଜିଲା ଯୋଜନା, ଆବଶ୍ୟକ ଆନୁଷ୍ଠାନିକ ବ୍ୟବସ୍ଥା, ସବୁ ସଂପୃକ୍ତ ପକ୍ଷଙ୍କ ସହଯୋଗରେ ହେବ। ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ବ୍ୟବସ୍ଥାରେ ସଫଳତାର ର୍‍ୟାଙ୍କ ନିର୍ଦ୍ଧାରଣ କରାଯାଇ ବିକାଶ ଯୋଜନାରୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଶେଷ କରାଯିବ। ଏଥିପାଇଁ କେନ୍ଦ୍ର ସରକାର ଆବଶ୍ୟକ ଅର୍ଥ ଯୋଗାଇଦେବେ।

**ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ବ୍ୟବସ୍ଥା (ଡିବିଟି):**


ଏହା ୨୦୧୩-୧୪ରେ ଆରମ୍ଭ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ବିଭିନ୍ନ ସରକାରୀ ଯୋଜନାରେ ଆର୍ଥିକ ଲାଭ ପାଉଥିବା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଅର୍ଥ ପ୍ରେରଣ କରିବା। ଏଥିରେ ସରକାର ଓ ହିତାଧିକାରୀଙ୍କ ମଧ୍ୟରେ କେବଳ ପ୍ରତ୍ୟକ୍ଷ ସମ୍ପର୍କ ରହିବ ଓ ତୃତୀୟ ପକ୍ଷ ବା ଦଲାଲଙ୍କ ଭୂମିକା ରହିବ ନାହିଁ। ଫଳରେ ହିତାଧିକାରୀ ତାଙ୍କ ଅର୍ଥ ପାଇବେ ଏବଂ ଏହା ବାଟମାରଣା ହେବନାହିଁ। ଏହା ଏକ ବିଶ୍ୱସନୀୟ, ସ୍ୱଚ୍ଛ, ଦକ୍ଷ, ତ୍ୱରିତ ଓ ନାଗରିକ ଅନୁକୂଳ ବ୍ୟବସ୍ଥା। ଏହାର ଆଉ ମଧ୍ୟ ବିଭିନ୍ନ ସୁବିଧା ରହିଛି।

ଏବେ ସରକାର ଡିବିଟି ବ୍ୟବସ୍ଥାରେ ୬ ଲକ୍ଷ କୋଟି ଟଙ୍କାରୁ ଅଧିକ ଅର୍ଥ ହିତାଧିକାରୀଙ୍କୁ ପ୍ରଦାନ କରିସାରିଲେଣି। ଏହା ଫଳରେ ସରକାର ୨୦୧୮ ଡିସେମ୍ବର ସୁଦ୍ଧା ଏବାବଦ ବଦଖର୍ଚ୍ଚ ଓ ଅପଚୟକୁ ରୋକି ୧.୧ଲକ୍ଷ କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି। ଏଲପିଜି ଯୋଜନାରେ ସବୁଠାରୁ ଅଧିକ ୫୬,୩୯୧ କୋଟି ଟଙ୍କା ସଞ୍ଚୟ ହୋଇଛି। ଏହା ପଛକୁ ରହିଛି ୩୦,୩୦୦କୋଟି ଟଙ୍କାର ସାଧାରଣ ବଣ୍ଟନ ବ୍ୟବସ୍ଥା ଜନିତ ସଞ୍ଚୟ। ସେହିଭଳି ମନରେଗା ଯୋଜନାରେ ସରକାର ୧୯,୬୬୫ କୋଟି ଟଙ୍କା ସଞ୍ଚୟ କରିବାରେ ସଫଳ ହୋଇଛନ୍ତି।

**ସିଭିଲ ସେବା, ନ୍ୟାୟିକ, ଆଇନଗତ ଓ ପୁଲିସ ସଂସ୍କାର:**

ସରକାରୀ ସ୍ତରରେ ଯେଉଁ ସବୁ ପ୍ରମୁଖ କ୍ଷେତ୍ରରେ ସଂସ୍କାର ଆଣିବାକୁ ନିଷ୍ପତ୍ତି ନିଆଯାଇଛି ସେଥି ମଧ୍ୟରୁ ସିଭିଲ ସେବା, ନ୍ୟାୟିକ, ଆଇନଗତ ଓ ପୁଲିସ ସଂସ୍କାର ଅନ୍ୟତମ। ସାମାଜିକ ଓ ଆର୍ଥିକ ଢାଞ୍ଚାରେ







ଦ୍ରୁତ ପରିବର୍ତ୍ତନ ଘଟୁଥିବାରୁ ସେବା ଯୋଗାଣରେ ତ୍ରୁଟି, ଆଇନ ଶୃଙ୍ଖଳା ପରିସ୍ଥିତି ଓ ବିବାଦ ବଢୁଛି। ଦେଶର ବିଭିନ୍ନ ଅଦାଲତରେ ଏବେ ୨.୭କୋଟି ମାମଲା ପଡ଼ିରହିଛି। ନୀତି ଆୟୋଗ ଏହାର ନ୍ୟୁଇଣ୍ଡିଆ ଅ୭୫ ନଥିରେ ବିଭିନ୍ନ ସଂସ୍କାରର ସୁପାରିସ କରିଛନ୍ତି। ସେଗୁଡ଼ିକ ନିମ୍ନରେ ପ୍ରଦାନ କ ରାଗଲା।

**ସିଭିଲ ସେବା ସଂସ୍କାର:**

୧) ତଳରୁ ତଳିପା ପର୍ଯ୍ୟନ୍ତ ବିଭିନ୍ନ ପଦରେ ଆନୁପାତିକ ହାରରେ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ସହ ଏକ ଅଧିକାରୀ କୈନ୍ଦ୍ରିକ (ଅଫିସର ଓରିଏଣ୍ଟେଡ୍) ସଂସ୍କୃତି ବୃଦ୍ଧି କରିବା।

୨) ଏବେ କେନ୍ଦ୍ର ଓ ପ୍ରାଦେଶିକ ସ୍ତରରେ ଯେଉଁ ୬୦ରୁ ଅଧିକ ସ୍ୱତନ୍ତ୍ର ସିଭିଲ ସେବା ରହିଛି ତାହାକୁ ହ୍ରାସ କରି ଏହାକୁ ଯୁକ୍ତି ସଂଗତ ଓ ସମନ୍ୱୟଭିତ୍ତିକ କରିବା।

୩) ଉଚ୍ଚ ସ୍ତରରେ ବିଶେଷଜ୍ଞଙ୍କ ପାର୍ଶ୍ୱ ପ୍ରବେଶ (ଲ୍ୟାଟରାଲ ଏଣ୍ଟ୍ରି) ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା।

ସୁଶାସନର ସଂଜ୍ଞା କ୍ରମଶ ବିବର୍ତ୍ତିତ ହୋଇ ଏହାର ପରିସରକୁ ସଂପ୍ରସାରିତ କରିବା ସହ ନୂଆ ନୂଆ କ୍ଷେତ୍ରକୁ ଏହାର ଅନ୍ତର୍ଭୁକ୍ତ କରୁଛି। ଦଶମ ଯୋଜନା ନଥିରେ କୁଶାସନର କିଛି ଉଦାହରଣ ସ୍ଥାନିତ କରାଯାଇ ତାହାର ଅବସାନ ଘଟାଇ ସୁଶାସନ ଆଣିବାର ବାଟ ଦେଖାଇଛି। ଏଥିରେ ଅର୍ଥନୀତିର କୁପରିଚାଳନା, ଲୋକଙ୍କୁ ମୌଳିକ ସୁବିଧା ଆବଶ୍ୟକତା ଯୋଗାଇ ନ'ଦେବା, ବ୍ୟକ୍ତିଗତ ଜୀବନ ଓ ନିରାପତ୍ତା ପ୍ରତି ବିପଦ, ନାଗରିକଙ୍କୁ ସେମାନଙ୍କ ଅଧିକାର ଓ ସୁବିଧାସୁଯୋଗରୁ ବଞ୍ଚିତ କରିବା, ସରକାରୀ ଉଦାସୀନତା, ଶାସନକଳରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ଅଭାବ, ନ୍ୟାୟ ପ୍ରଦାନରେ ବିଳମ୍ବ, ସ୍ୱର ଉତ୍ତୋଳନ କରିପାରୁନଥିବା ଦରିଦ୍ର ଲୋକଙ୍କୁ ଶାସନ ପ୍ରକ୍ରିୟାରେ ସାମିଲ କରାନଯିବା ଏବଂ ଭୌତିକ ପରିବେଶର ଅଧୋଗତି ଆଦି କୁଶାସନର ସଂଜ୍ଞାଭୁକ୍ତ ହୋଇଛି।

୪) ସିଭିଲ ସେବାରେ ପ୍ରବେଶ ପାଇଁ ସର୍ବନିମ୍ନ ବୟସ ସୀମା ହ୍ରାସ।

୫) ମ୍ୟୁନିସିପାଲ କ୍ୟାଡରର ସୁଦୃଢ଼ୀକରଣ ଏବଂ ସମ୍ଭାବ୍ୟ କ୍ଷେତ୍ରରେ ସେବା ପ୍ରଦାନ ବ୍ୟବସ୍ଥାକୁ ଆଉଟସୋର୍ସ କରିବା।

୬) ସେବା ପ୍ରଦାନ, ଆପତ୍ତି ଅଭିଯୋଗର ଶୁଣାଣି ଓ ନିରାକରଣ ଓ ଜନସାଧାରଣଙ୍କୁ ସୂଚନା ପ୍ରଦାନ କ୍ଷେତ୍ରରେ ନାଗରିକ ସର୍ବସ୍ୱ ବ୍ୟବସ୍ଥା ପ୍ରସ୍ତୁତି ଏବଂ ସୂଚନା ଓ ଯୋଗାଯୋଗ ଟେକ୍ନୋଲୋଜିର ବ୍ୟବହାର।

୭) ଶାସନରେ ସାଧୁତାକୁ ନିଶ୍ଚିତ କରିବା ସହ ଦୁର୍ନୀତି ଦୂରୀକରଣ ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ ଏବଂ ସାଧୁ ଓ ସଚ୍ଚୋଟ ସିଭିଲ ସେବା ଅଧିକାରୀଙ୍କୁ ସୁରକ୍ଷା ଯୋଗାଣ।

**ଆଇନଗତ ସଂସ୍କାର:**

୧) ସବୁ ପ୍ରଚଳିତ କେନ୍ଦ୍ରୀୟ ଓ ପ୍ରାଦେଶିକ ଆଇନ ଓ ନୀତିନିୟମକୁ ଏକାଠି କରି ଏକ ଆଇନକୋଷ ପ୍ରସ୍ତୁତି।

୨) ସବୁ ଅନାବଶ୍ୟକ ଆଇନ କାନୁନ୍‌ର ଉଚ୍ଛେଦ ଏବଂ ପ୍ରଚଳିତ ଆଇନରେ ଥିବା ବର୍ଜିତ ବା ନିଷିଦ୍ଧ ଧାରାର ଅବସାନ।

୩) ଫୌଜଦାରୀ ନ୍ୟାୟ ଓ କାର୍ଯ୍ୟବିଧି ସମ୍ବନ୍ଧୀୟ ଆଇନରେ ସଂସ୍କାର ଏବଂ ଆଇସିଟିର ବ୍ୟବହାର ବୃଦ୍ଧି।

୪) ଆଇନର ଉଲ୍ଲଙ୍ଘନ ଜନିତ ଅପରାଧୀକରଣକୁ ହ୍ରାସ କରିବା ଓ ଛୋଟଛୋଟ ଅପରାଧ ପାଇଁ କଠୋର ଦଫା ନ ଲଗାଇବା।

୫) ଅଦାଲତି ପ୍ରକ୍ରିୟାର ଅଟୋମେସନକୁ ଅଗ୍ରାଧିକାର ଏବଂ ଇ-କୋର୍ଟ ଓ ମାମଲା ପରିଚାଳନାରେ ଆଇସିଟିର ବ୍ୟବହାର।

୬) ବିଚାର ବ୍ୟବସ୍ଥାରେ ପ୍ରଶାସନିକ କ୍ୟାଡରର ପ୍ରବର୍ତ୍ତନ।

**ପୁଲିସ ସଂସ୍କାର:**

୧) ପୁଲିସ ବାହିନୀର ଆଧୁନିକୀକରଣ ଏବଂ ୨୦୧୫ର ଆଦର୍ଶ ପୁଲିସ ଆଇନର ପ୍ରବର୍ତ୍ତନ।

୨) ପୁଲିସ ବାହିନୀରେ ଅଧିକରୁ ଅଧିକ ମହିଳାଙ୍କ ପ୍ରତିନିଧିତ୍ୱ।

୩) ନୂଆ ତାଲିମ ନିୟମର କାର୍ଯ୍ୟକାରିତା, ରିଫ୍ରେଶର କୋର୍ସର ପ୍ରବର୍ତ୍ତନ ଏବଂ ପୁଲିସ କର୍ମଚାରୀଙ୍କ ପାଇଁ ନିରନ୍ତର ଶିକ୍ଷା ବ୍ୟବସ୍ଥା ଲାଗୁ କରିବା।

୪) ଏତଲା ପ୍ରଦାନ ବ୍ୟବସ୍ଥାରେ ସଂସ୍କାର ଏବଂ ଛୋଟମୋଟ ଅପରାଧ ପାଇଁ ଇ-ଏତଲା ପ୍ରଦାନ ବ୍ୟବସ୍ଥାର ପ୍ରବର୍ତ୍ତନ।

୫) ନାଗରିକଙ୍କ ପାଇଁ ଦେଶବ୍ୟାପୀ ଗୋଟିଏ ଜରୁରୀକାଳୀନ ଟେଲିଫୋନ୍ ନମ୍ବର ପ୍ରବର୍ତ୍ତନ।

୬) ସାଇବର ଅପରାଧ, ସାଇବର ବିପଦ ଓ ତତ୍ ସଂକ୍ରାନ୍ତ ଠକେଇର ମୁକାବିଲା ପାଇଁ ସ୍ୱତନ୍ତ୍ର କ୍ୟାଡର ପ୍ରବର୍ତ୍ତନ।

ମିଳିତ ଜାତିସଂଘ ସୁଶାସନର ଏକ ଅଷ୍ଟସୂତ୍ରୀ ତାଲିକା ପ୍ରସ୍ତୁତ କରିଛି। ସେଗୁଡ଼ିକ ହେଲା - ସର୍ବସମ୍ମତ ନିଷ୍ପତ୍ତି, ଉତ୍ତରଦାୟିତ୍ୱ, ଶାସନଗତ ସ୍ୱଚ୍ଛତା ଓ ପାରଦର୍ଶିତା, ଦାୟିତ୍ୱବୋଧ, ସମାନତା ଓ ସମାବେଶୀତା, ସଫଳ ଓ ଦକ୍ଷ ଶାସନ ବ୍ୟବସ୍ଥା, ଆଇନର ଶାସନ ଏବଂ ଶାସନରେ ସମସ୍ତଙ୍କର ଅଂଶଗ୍ରହଣ। ଜାତିସଂଘର ନିରନ୍ତର ବିକାଶ ଯୋଜନାରେ ମଧ୍ୟ ଯେଉଁ ଷୋଡ଼ଶ ଲକ୍ଷ୍ୟଟି ପ୍ରସ୍ତୁତ କରାଯାଇଛି ତାହା ସୁଶାସନ ସମ୍ପର୍କିତ। ଏଥିରେ ଶାସନରେ ଉନ୍ନତି, ନାଗରିକଙ୍କୁ ଶାସନରେ ଅନ୍ତର୍ଭୁକ୍ତ ଓ ଭାଗୀଦାରୀ କରିବା, ସେମାନଙ୍କର ଅଧିକାର ଓ ନିରାପତ୍ତାକୁ ନିଶ୍ଚିତ କରିବା ସମ୍ପର୍କରେ ଉଲ୍ଲେଖ ଅଛି। ଏଥିରେ ବ୍ୟତିକ୍ରମ ହେଲେ ଶାସନ ସଫଳ ହେବ ନାହିଁ କିମ୍ବା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ ବୋଲି ଉଲ୍ଲେଖ କରାଯାଇଛି।

**ଇ-ପ୍ରଶାସନ:**

୨୦୨୨ ସୁଦ୍ଧା ନ୍ୟୁଇଣ୍ଡିଆ ଗଠନ ଲକ୍ଷ୍ୟ ହାସଲ ପାଇଁ କେତେକ ମୌଳିକ ନୀତିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ପଡ଼ିବ। ସେଗୁଡ଼ିକ ମଧ୍ୟରେ ରହିଛି - ଲୋକଙ୍କୁ ଇ-ବ୍ୟବସ୍ଥାରେ ସେବା ଯୋଗାଣ। ସମସ୍ତ ଦାପ୍ତରିକ କାର୍ଯ୍ୟକୁ କାଗଜପତ୍ର ଓ ଲେଖାପଢ଼ା ମାଧ୍ୟମରେ ନ କରି ଇଲେକ୍‌ଟ୍ରୋନିକ ବ୍ୟବସ୍ଥାରେ କରିବା; ନଗଦ କାରବାରକୁ ଯଥାସମ୍ଭବ ହ୍ରାସ କରି କ୍ୟାସ୍‌ଲେସ୍ ବ୍ୟବସ୍ଥାକୁ ଆପଣାଇବା, ସବୁ ନାଗରିକଙ୍କୁ ଡିଜିଟାଲ ପରିଚୟ ପତ୍ର ଦେଇ ଡିଜିଟାଲ ସଂଯୋଗ ଯୋଗାଇବା ଏବଂ ସରକାରୀ ଲାଭ ପାଉଥିବା ନାଗରିକମାନଙ୍କୁ ନଗଦ ପରିବର୍ତ୍ତେ ଡିଜିଟାଲ ବ୍ୟବସ୍ଥାରେ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ଅର୍ଥ ପଠାଇବା। ଏହିସବୁ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ସବୁ ମନ୍ତ୍ରଣାଳୟ ଓ ବିଭାଗକୁ ମିଳିତ ଭାବେ ସହଯୋଗ ଭିତ୍ତିରେ କାମ କରିବାକୁ ପଡ଼ିବ। କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ରୂପାୟନ ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖିବା ସହ ପରିଚାଳନାଗତ ତ୍ରୁଟି ବିଚ୍ୟୁତି, ଅଯଥା ବିଳମ୍ବ ଓ ଅର୍ଥ ଅପଚୟ ଆଦିକୁ ରୋକିବାକୁ ହେବ। ସବୁ ଯୋଜନାର ଫଳାଫଳକୁ ନିୟମିତ ଭାବେ ସମୀକ୍ଷା କରି କାର୍ଯ୍ୟକାରିତାରେ ଉନ୍ନତି ଆଣିବାକୁ ପଡ଼ିବ। ଏଥିପାଇଁ ଆଇସିଟି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଦିକୁ ବ୍ୟବହାର କରାଯାଇପାରେ। ସାମଗ୍ରିକ ବିକାଶ ପ୍ରକ୍ରିୟାରେ ନାଗରିକ ସମାଜ, ଉଦ୍ୟୋଗଜଗତ ଓ ସବୁ ନାଗରିକଙ୍କୁ ସାମିଲ କରିବାକୁ ଉଦ୍ୟମ କରିବାକୁ ପଡ଼ିବ। କାର୍ଯ୍ୟକ୍ରମର ଉତ୍ତମ ରୂପାୟନ ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସମୟକ୍ରମେ ବିଶେଷ ଉପଯୋଗୀ ହେବ। ଏହା ସହିତ ନୂଆ ଯୁଗର ଶାସନ ପାଇଁ କେନ୍ଦ୍ରୀକୃତ ସାଧାରଣ ଅଭିଯୋଗ ସମାଧାନ ପୋର୍ଟାଲ 'ଉମଙ୍ଗ' ଏବଂ 'ମାଁଏ ଗଭ୍ ପୋର୍ଟାଲ'କୁ ଅଧିକ ଦକ୍ଷ ଭାବେ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଲୋକଙ୍କଠାରୁ ମତାମତ ନେଇ ଏ କ୍ଷେତ୍ରରେ କାର୍ଯ୍ୟ କରିବାକୁ ହେବ।

ସଂକ୍ଷେପରେ କହିଲେ, ସୁଶାସନ ସବୁ ସରକାରୀ ପ୍ରୟାସର ପ୍ରମୁଖ ଲକ୍ଷ୍ୟ ହେବା ସହ ଏହା ଠିକଣା ଭାବେ ରୂପାୟିତ ହେବା ଆବଶ୍ୟକ। ସରକାରୀ କାର୍ଯ୍ୟକ୍ରମ ଠିକ୍‌ଠାକ୍ କାର୍ଯ୍ୟକାରୀ ହେଲେ ୨୦୨୨ସୁଦ୍ଧା କେବଳ ନ୍ୟୁଇଣ୍ଡିଆ ଗଠିତ ହେବ ନାହିଁ, ୨୦୩୦ର ନିରନ୍ତର ବିକାଶ ଲକ୍ଷ୍ୟ ମଧ୍ୟ ସାଧିତ ହୋଇପାରିବ।

**ଲେଖକ ଶ୍ରୀ ସୁରି ହେଉଛନ୍ତି ନୀତି ଆୟୋଗର ଜଣେ ବରିଷ୍ଠ ପରାମର୍ଶଦାତା ଓ ଶ୍ରୀ ଶେଖରି ହେଉଛନ୍ତି ଜଣେ ସରକାରୀ ନୀତି ବିଶାରଦ।**
**Email ID: yogesh.suri@gov.in, dg.sekhri@nic.in**

# ଟିକସଦାତାଙ୍କୁ ବଜେଟରେ ଉଲ୍ଲେଖନୀୟ ରିଆତି

ଟି.ଏନ୍. ଅଶୋକ


ଫେବୃଆରୀ ପହିଲାରେ ସଂସଦରେ ଉପସ୍ଥାପିତ ଅନ୍ତରୀଣ ବଜେଟ ଟିକସଦାତାଙ୍କ ପାଇଁ ବେଶ୍ ଉତ୍ସାହଜନକ ହୋଇଛି। ବିଶେଷ କରି ଆୟକରଦାତାଙ୍କ ପାଇଁ ବଜେଟରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇ ଆୟକର ଛାଡ଼ ସୀମାକୁ ପାଞ୍ଚଲକ୍ଷ ଟଙ୍କା ଯାଏ ବୃଦ୍ଧି କରାଯାଇଛି। ଏହା ଫଳରେ ଉଭୟ ବେତନଭୋଗୀ ଓ ଅନ୍ୟାନ୍ୟ ବର୍ଗର ଆୟକରଦାତା ଉପକୃତ ହେବେ। ଏହା ସହିତ ଆୟକରରେ ଷ୍ଟାଣ୍ଡାର୍ଡ ଡିଡକ୍ସନ ସୀମାକୁ ବୃଦ୍ଧି କରାଯିବା ସହ ଆନୁମାନିକ ଭଡ଼ା ଆୟ (ନୋଶନାଲ ରେଣ୍ଟାଲ ଇନ୍‌କମ୍)ରେ ରିଆତି, ଦୀର୍ଘ ମିଆଦି ପୁଞ୍ଜିଗତ ଲାଭ ଉପରୁ ଟିକସ ଛାଡ଼ ଏବଂ ଜମା ଉପରୁ ମିଳୁଥିବା ସୁଧ ଉପରୁ ଟିଡିଏସ୍ କାଟିବାର ସୀମା ବୃଦ୍ଧି କରାଯାଇଛି।


ଦେଶର ଅର୍ଥନୀତି ଏବେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଛି ତାହାର ତୁରନ୍ତ ସମାଧାନ କରିବା ପାଇଁ ବଜେଟ ଏକ ଆର୍ଥିକ ପ୍ରବନ୍ଧନ ବା ବ୍ୟବସ୍ଥା। ଏହି ସମସ୍ୟାଗୁଡ଼ିକ ହେଲା ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରଖିବା ସହ ବିତ୍ତୀୟ ନିଅଣ୍ଟକୁ ଭରଣା କରିବା ତଥା ଚାଲୁ ଖାତାରେ ଦେଖାଦେଇଥିବା ନିଅଣ୍ଟ ନିୟନ୍ତ୍ରଣ କରିବା ସହ କୃଷି ଓ କୃଷକଙ୍କ ସମସ୍ୟାର ସମାଧାନ। ଏହି ଅନ୍ତରୀଣ ବଜେଟରେ ଏସବୁ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଇଛି। ଏକ ଦୁର୍ବଳ ଆର୍ଥିକ ବ୍ୟବସ୍ଥାରେ ବିଘ୍ନ ସୃଷ୍ଟି କରୁଥିବା ମୌଳିକ କାରଣଗୁଡ଼ିକର ସମାଧାନ କରାଗଲେ ଲୋକେ ଉପକୃତ ହୁଅନ୍ତି ଓ ଅର୍ଥନୀତି ଉପରେ ଭଲ ପ୍ରଭାବ ପଡ଼େ। ତେଣୁ ପରିସ୍ଥିତିକୁ ଦେଖି ବଜେଟରେ ଉପଯୁକ୍ତ ପଦକ୍ଷେପ ମାନ ନିଆଯାଇଛି।

ବଜେଟରେ ଯେଉଁ ଟିକସ ବ୍ୟବସ୍ଥା କରାଯାଇଛି ଆସନ୍ତୁ ତାହାର ଭଲମନ୍ଦ ଦିଗ ଉପରେ ଆଲୋଚନା କରିବା

**ଷ୍ଟାଣ୍ଡାର୍ଡ ଡିଡକ୍ସନ୍:**

ବେତନଭୋଗୀ କର୍ମଚାରୀମାନଙ୍କ ପାଇଁ ଷ୍ଟାଣ୍ଡାର୍ଡ ଡିଡକସନ୍ ହାର ୪୦ହଜାରରୁ ୫୦ହଜାର ଟଙ୍କାକୁ ବଢ଼ାଇ ଦିଆଯାଇଛି। ଏହା ଫଳରେ ଜଣେ ଟିକସଦାତା ବାର୍ଷିକ ୩୫୮୮ ଟଙ୍କା ଟିକସ ବାବଦରେ ବଞ୍ଚାଇ ପାରିବ। ଆପଣ ଯଦି ଜଣେ ଆବାସିକ ଟିକସଦାତା ଏବଂ ସବୁ ପ୍ରକାର ଡିଡକ୍ସନ୍ ପରେ ଯଦି ଆପଣଙ୍କର ବାର୍ଷିକ ଆୟ ପାଞ୍ଚ ଲକ୍ଷ ଟଙ୍କାରୁ କମ୍ ତେବେ ଆପଣ ନୂଆ ବ୍ୟବସ୍ଥାରେ ଟିକସ ରିଆତି ପାଇବେ। ଆଗରୁ ଟିକସ ଦେୟ ପରିମାଣ ଏହି ଆୟ ସୀମା ମଧ୍ୟରେ ୧୩୦୦୦ ଟଙ୍କା ଥିଲା ଏବଂ ଏଥିରେ ସ୍ୱାସ୍ଥ୍ୟ ଓ ଶିକ୍ଷା ସେସ୍ ଅନ୍ତର୍ଭୁକ୍ତ






ହେଉଥିଲା । ଏବେ ଯଦି ଆପଣଙ୍କର ମୋଟ୍ ଆୟ ୬.୫ ଲକ୍ଷ ଟଙ୍କା ଏବଂ ଆପଣ ଭବିଷ୍ୟନିଧି ପାଣ୍ଠି ସହିତ ବୀମା ଓ ନିର୍ଦ୍ଦିଷ୍ଟ କିଛି ସଞ୍ଚୟ ଯୋଜନାକୁ ଅର୍ଥ ଦେଉଥାନ୍ତି ତେବେ ଆପଣଙ୍କୁ କୌଣସି ଆୟକର ଦେବାକୁ ପଡ଼ିବ ନାହିଁ । ଏହି ଆୟ ସୀମା ଭିତରେ ଆପଣଙ୍କୁ ଧାରା ୮୦ସି ମାଧ୍ୟମରେ କେତେକ ଟିକସ ରିଆତି ମିଳିବ ।

ଏହାଛଡ଼ା ବଜେଟରେ ଭବିଷ୍ୟତନିଧି ପାଣ୍ଠିରେ ଅର୍ଥ ବିନିଯୋଗ, କେତେକ ବୀମା ଯୋଜନାରେ ଅର୍ଥ ଲଗାଣ ଆଦି ଉପରେ ମଧ୍ୟ ଟିକସ ରିଆତି ବ୍ୟବସ୍ଥା ରହିଛି । ଗୃହ ଋଣ କ୍ଷେତ୍ରରେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଓ ଶିକ୍ଷାଋଣ ସୁଧ ଉପରେ ମଧ୍ୟ ଟିକସ ରିଆତିର ବ୍ୟବସ୍ଥା କରାଯାଇଛି । ଜାତୀୟ ପେନ୍‌ସନ୍ ପାଣ୍ଠିକୁ ଦେୟ, ମେଡିକାଲ ଇନ୍‌ସିଓରାନ୍ସ, ବରିଷ୍ଠ ନାଗରିକଙ୍କ ଚିକିତ୍ସା ଖର୍ଚ୍ଚ ଆଦି ଉପରେ ମଧ୍ୟ ଏଥର ବଜେଟରେ ଟିକସ ରିଆତି ବ୍ୟବସ୍ଥା ରହିଛି । ମୋଟା ମୋଟି ଦେଖିଲେ ବଜେଟରେ ବିଭିନ୍ନ ବର୍ଗର ପ୍ରାୟ ତିନିକୋଟି ଲୋକଙ୍କୁ ୧୮୫୦୦ କୋଟି ଟଙ୍କାର ଆୟକର ରିଆତି ପ୍ରଦାନ କରାଯାଇଛି । ବେତନଭୋଗୀ ଲୋକଙ୍କ ପାଇଁ ଷ୍ଟାଣ୍ଡାର୍ଡ ଡିଡକସନ୍ ୪୦,୦୦୦ରୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବାରୁ ଏହାଦ୍ୱାରା ସରକାରଙ୍କୁ ୪୭୦୦ହଜାର କୋଟି ଟଙ୍କାର ରାଜସ୍ୱ ବାର୍ଷିକ ହରାଇବାକୁ ପଡ଼ିବ ଏବଂ ତିନିକୋଟି ବେତନ ଭୋଗୀ ଓ ପେନ୍‌ସନ୍ ଭୋଗୀ ଉପକୃତ ହେବେ ।

**ଆନୁମାନିକ ଭଡ଼ା ଆୟ:**

ପୂର୍ବରୁ ଯେଉଁ ଆନୁମାନିକ ଭଡ଼ା ଆୟ ଭିତ୍ତିକ ଟିକସ ବ୍ୟବସ୍ଥା ଥିଲା ଏଥର ବଜେଟରେ ତାହାକୁ ଉଠାଇ ଦିଆଯାଇଛି । ଯଦି ଜଣେ କରଦାତାର ଦ୍ୱିତୀୟ ଘର ଥାଏ ଏବଂ ତାହା ଭଡ଼ା ଲାଗି ନ ଥାଏ ତେବେ ସେବାବଦରେ ତାକୁ କିଛି କର ଦେବାକୁ ପଡ଼ିବ ନାହିଁ । ଆଗରୁ ଆନୁମାନିକ ଭାବେ ଭଡ଼ା ବାବଦରେ ଏକ ଆୟ ହିସାବ କରାଯାଇ ଟିକସଦାତାର ଆୟରେ ମିଶାଇ ଆୟକର ହିସାବ କରାଯାଉଥିଲା । ନୂଆ ବ୍ୟବସ୍ଥାରେ ଜଣେ କରଦାତାଙ୍କୁ ଦୁଇଟି ଘର ଉପରେ କୌଣସି ଆନୁମାନିକ ଭଡ଼ା ବାବଦ ଆୟରେ ଟିକସ ଦେବାକୁ ହେବନାହିଁ ଏବଂ ଦ୍ୱିତୀୟ ଘରଟି ତାଙ୍କର ଟିକସ ଭିତ୍ତିକ ଆୟ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବ ।

**ଟିକସମୁକ୍ତ ଦୀର୍ଘ ମିଆଦି ପୁଞ୍ଜିଗତ ଲାଭ:**

ଏହା ମଧ୍ୟ ଆୟକରଦାତାଙ୍କ ପାଇଁ ନୂଆ ବଜେଟରେ ଆଉ ଏକ ଉପହାର । ଆଗରୁ ଗୋଟିଏ ଆବାସିକ ଘର କିଣିବାକୁ ଟିକସ ରିଆତି ମିଳୁଥିଲା । ଏବେ ଦୁଇଟି ଘର କିଣିବାକୁ ସୁବିଧା କରାଯାଇଛି ଏବଂ ଏବାବଦରେ ହେଉଥିବା ପୁଞ୍ଜି ନିବେଶ ଉପରେ ଟିକସ ପଡ଼ିବ ନାହିଁ । ଅବିଭକ୍ତ ହିନ୍ଦୁ ପରିବାରର ଜଣେ କରଦାତା ନିଜର ଜୀବନକାଳ ମଧ୍ୟରେ ଥରେ ଦୁଇକୋଟି ଟଙ୍କା ପର୍ଯ୍ୟନ୍ତ ନିଜର ପୈତୃକ ଘର ବିକି ନିଜର ନୂଆ ଦୁଇଟି ଘର କିଣିପାରିବେ ଏବଂ ସେଥିପାଇଁ କ୍ୟାପିଟାଲ୍ ଗେନ୍ (ପୁଞ୍ଜିଗତ ଲାଭ) ଟିକସ ପଡ଼ିବ ନାହିଁ ।

**ଜମାରୁ ମିଳୁଥିବା ଆୟ (ସୁଧ) ଉପରେ ଟିକସ କୋହଳ:**

ଆଗରୁ ବ୍ୟାଙ୍କ ବା ଡାକଘରେ ରଖାଯାଉଥିବା ସ୍ଥାୟୀ ଜମାରୁ ବାର୍ଷିକ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ସୁଧ ଆସୁଥିଲେ ତା' ଉପରେ ଟିକସ ଦେବାକୁ ପଡୁଥିଲା । ଏବେ ଏହି ଟିକସ ଯୋଗ୍ୟ ସୁଧ ପରିମାଣକୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥାତ୍ ପୂର୍ବାପେକ୍ଷା ୩୦ ହଜାର ଟଙ୍କା ଅଧିକ ବଢ଼ାଇ ଦିଆଯାଇଛି । ବରିଷ୍ଠ ନାଗରିକଙ୍କ ପାଇଁ ଏହି କରମୁକ୍ତ ସୁଧ ପରିମାଣ ବାର୍ଷିକ ୫୦ହଜାର ଟଙ୍କା କରାଯାଇଛି । ଏହା ଫଳରେ ଜମାକାରୀଙ୍କୁ ଆୟ ରିଟର୍ଣ୍ଣ ଦାଖଲ କରିବାକୁ ପଡ଼ିବ ନାହିଁ କିମ୍ବା ତାଙ୍କ ସୁଧ ଉପରୁ କର୍ତ୍ତୃପକ୍ଷ ଆଗତୁରା ଉତ୍ସରୁ ଟିକସ କାଟିବେ ନାହିଁ । ଯେଉଁଠି ଜମାକାରୀଙ୍କ ନିଟ୍ ଟିକସଯୋଗ୍ୟ ଆୟ ଅଢ଼େଇ ଲକ୍ଷରୁ ଟଙ୍କାରୁ କମ୍ ସେଠାରେ ଟିଡିଏସ୍ ଲଗାଯିବ ନାହିଁ ।

**ଭଡ଼ା ବାବଦ ଆୟ ଉପରେ ଟିକସ ରିଆତି:**

ଏଥର ବଜେଟରେ ଭଡ଼ା ବାବଦରେ ଜଣେ ବ୍ୟକ୍ତି ପାଉଥିବା ଅର୍ଥ ଉପରୁ ଆୟକର କାଟିବା (ଟିଡିଏସ୍) ବ୍ୟବସ୍ଥାକୁ ମଧ୍ୟ କୋହଳ କରାଯାଇଛି । ଆଗରୁ ବାର୍ଷିକ ଏକଲକ୍ଷ ୮୦ହଜାର ଟଙ୍କା ପର୍ଯ୍ୟନ୍ତ ଭଡ଼ା ଉପରେ

ଟିଡିଏସ୍ ଲାଗୁଥିଲା। ଏବେ ଏହି ଆୟ ସୀମାକୁ ୨.୪ଲକ୍ଷ ଟଙ୍କାକୁ ବଢ଼ାଇ ଦିଆଯାଇଛି। ଏହା ଫଳରେ ଭଡ଼ା ଦେଇଥିବା ଘର ମାଲିକମାନେ ଆଶ୍ୱସ୍ତ ହେବେ। ଏହା କେବଳ କମ୍ପାନୀମାନଙ୍କୁ ଦିଆଯାଇଥିବା ଘର କ୍ଷେତ୍ରରେ ଲାଗୁହେବ। ତେବେ ବ୍ୟକ୍ତିଗତ କ୍ଷେତ୍ରରେ ଜଣେ ଲୋକ ଯଦି ମାସିକ ୫୦ହଜାର ଟଙ୍କା ଘର ଭଡ଼ା ବାବଦରେ ଆୟ କରୁଥାନ୍ତି ତେବେ ତାଙ୍କ ଆୟରୁ ଟିଡିଏସ୍ କଟାଯିବ ନାହିଁ। ଆୟକର ବିଭାଗକୁ ଅଧିକ ଟିକସଦାତା ଅନୁକୂଳ କରିବା ପାଇଁ ବଜେଟରେ ୨୪ ଘଣ୍ଟାରେ ଇନ୍‌କମ୍ ଟ୍ୟାକ୍ସ ରିଟର୍ଣ୍ଣର ଯାଞ୍ଚ ତଦାରଖ କରି ଅଗ୍ରୀମ କଟାଯାଇଥିବା ଟିକସ ବାବଦ ଅର୍ଥ ଆବେଦନକାରୀକୁ ଫେରାଇବାର ବ୍ୟବସ୍ଥା କରାଯାଇଛି। ଏହା ଫଳରେ ଅଗଣିତ କରଦାତା ଉପକୃତ ହେବେ। ଆଗରୁ ଟ୍ୟାକ୍ସ ରିଟର୍ଣ୍ଣ ଦାଖଲ କରି ବହୁ ଲୋକ ବର୍ଷ ବର୍ଷ ଧରି ସେମାନଙ୍କର ଅର୍ଥ ଫେରସ୍ତ ପାଉ ନ ଥିଲେ। ଆହୁରି ମଧ୍ୟ ଟିକସ ଆକଳନ ସଂକ୍ରାନ୍ତ ସବୁ କାଗଜପତ୍ର ଓ ଆବେଦନର ତଦାରଖ ଇଲେକ୍‌ଟ୍ରୋନିକ୍ସ ବ୍ୟବସ୍ଥା ମାଧ୍ୟମରେ କରିବାର ବ୍ୟବସ୍ଥା କରାଯାଇଛି। ଏହା ଫଳରେ କରଦାତାଙ୍କୁ ଆଉ ଆୟକର ଅଫିସକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବାକୁ ପଡ଼ିବ ନାହିଁ।

ସଂକ୍ଷେପରେ କହିବାକୁ ଗଲେ ଏଥରର ଏହି ଅନ୍ତରୀଣ ବଜେଟ କରଦାତାଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ସେହିଭଳି କୃଷି ଓ କୃଷକଙ୍କ ସମସ୍ୟାର ସମାଧାନ ପାଇଁ ମଧ୍ୟ ଏଥିରେ ଅନେକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। କୃଷି ଓ କୃଷକଙ୍କ ସମସ୍ୟା ଏବେ ଏକ ଜାତୀୟ ପ୍ରସଙ୍ଗ ହୋଇଛି ଓ ଅର୍ଥନୀତି ପାଇଁ ଏହା ଏକ ଗୁରୁତର ଆହ୍ୱାନ ସୃଷ୍ଟି କରିଛି। ତେଣୁ ଏହି ସମସ୍ୟାର ସମାଧାନ ସହିତ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଓ ସେମାନଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ

ଦେଶର ଅର୍ଥନୀତି ଏବେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଛି ତାହାର ତୁରନ୍ତ ସମାଧାନ କରିବା ପାଇଁ ବଜେଟ ଏକ ଆର୍ଥିକ ପ୍ରବନ୍ଧନ ବା ବ୍ୟବସ୍ଥା। ଏହି ସମସ୍ୟାଗୁଡ଼ିକ ହେଲା ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରଖିବା ସହ ବିତ୍ତୀୟ ନିଅଣ୍ଟକୁ ଭରଣା କରିବା ତଥା ଚାଲୁ ଖାତାରେ ଦେଖାଦେଇଥିବା ନିଅଣ୍ଟ ନିୟନ୍ତ୍ରଣ କରିବା ସହ କୃଷି ଓ କୃଷକଙ୍କ ସମସ୍ୟାର ସମାଧାନ। ଏହି ଅନ୍ତରୀଣ ବଜେଟରେ ଏସବୁ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଇଛି।

ବଜେଟରେ ୧୨କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଏକ ନୂଆ ଯୋଜନା ଆରମ୍ଭ କରାଯାଇଛି। ଯେଉଁ ଚାଷୀଙ୍କର ଦୁଇ ହେକ୍ଟରରୁ କମ୍ ଜମି ରହିଛି ସେମାନଙ୍କୁ ବାର୍ଷିକ ୬୦୦୦ଟଙ୍କା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି (ପିଏମ୍‌କିଷାନ) ଯୋଜନାରେ ସରକାର ଯୋଗାଇଦେବେ। ଆୟ ସହାୟତା ଯୋଜନାରେ ବାର୍ଷିକ ତିନିଟି କିସ୍ତିରେ ଦୁଇ ହଜାର ଟଙ୍କା କରି ଏହି ଅର୍ଥ ସଂପୃକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଯିବ। ୨୦୧୮ ଡିସେମ୍ବର ପହିଲାଠାରୁ ଏହି ଯୋଜନା ପିଛିଲାଭାବେ ଲାଗୁ ହେବ ଏବଂ ଏହାଦ୍ୱାରା ଦେଶର ୧୨କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ।

ଏହାଛଡ଼ା ବଜେଟରେ ଦେଶର ୧୦କୋଟି ଅସଂଗଠିତ ଶ୍ରମିକଙ୍କ ପାଇଁ ମାସିକ ତିନି ହଜାର ଟଙ୍କାର ପେନ୍‌ସନ୍ ପ୍ରଦାନ ଯୋଜନା ଆରମ୍ଭ କରାଯାଇଛି। ସେହିଭଳି ଷ୍ଟାମ୍ପଡ୍ୟୁଟି ଆଇନରେ ସଂଶୋଧନ ସହ ପ୍ରତିରକ୍ଷା ପାଇଁ ସର୍ବାଧିକ ୩ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଯାହା ଏକ ରେକର୍ଡ। ଉତ୍ତରପୂର୍ବାଞ୍ଚଳ ପାଇଁ ରେକର୍ଡ ୫୮,୧୬୬କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବା ବେଳେ ହରିୟାଣାରେ ଏକ ନୂଆ ଏମ୍ସ ପ୍ରତିଷ୍ଠା ପ୍ରସ୍ତାବ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ବିକାଶ, ଦୁର୍ବଳ ଶ୍ରେଣୀର ଲୋକଙ୍କ କଲ୍ୟାଣ ପାଇଁ ଅଧିକ ଅର୍ଥ ବରାଦ ହୋଇଛି।

**ବିତ୍ତୀୟ ନିଅଣ୍ଟ:**

ବଜେଟରେ ବିତ୍ତୀୟ ନିଅଣ୍ଟ ସମସ୍ୟା ସୃଷ୍ଟି କରିଥାଏ। ଅର୍ଥନୀତିକୁ ନିୟନ୍ତ୍ରଣରେ ରଖିବା ପାଇଁ ୨୦୧୮-୧୯ ବଜେଟରେ ବିତ୍ତୀୟ ନିଅଣ୍ଟକୁ ୩.୪%କୁ ଆଣିବାରେ ସରକାର ଦୀର୍ଘ ବର୍ଷ ପରେ ସକ୍ଷମ ହୋଇଛନ୍ତି। ଏହାର ଅର୍ଥ ହେଲା ଖର୍ଚ୍ଚ ତୁଳନାରେ ଆୟକୁ ଯଥାସମ୍ଭବ ସମ୍ଭାଳି ହେବା ଅବସ୍ଥାରେ ରଖିବା। ପୂର୍ବରୁ ଏହି ନିଅଣ୍ଟ ହାର ପ୍ରାୟ ୬ ଶତାଂଶ ରହୁଥିଲା। ସେହିଭଳି ଚାଲୁ ଖାତାର ନିଅଣ୍ଟ ଅର୍ଥାତ୍ ଆମଦାନୀ ଜନିତ ବ୍ୟୟ ଓ ରପ୍ତାନୀ ଜନିତ ଆୟ ମଧ୍ୟରେ ଥିବା ନିଅଣ୍ଟ ଜିଡିପି ୨.୫ ଶତାଂଶକୁ ହ୍ରାସ କରାଯାଇପାରିଛି। ଛ'ବର୍ଷ ପୂର୍ବେ ଏହି ନିଅଣ୍ଟ ୫.୬ ଶତାଂଶ ଥିଲା।

ମୋଟମୋଟି ଦେଖିଲେ ଏଥର ବଜେଟରେ ଦେଶର ଉପସ୍ଥିତ ସମସ୍ୟାବଳୀ ଓ ଆର୍ଥିକ ପ୍ରସଙ୍ଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ପ୍ରୟାସ କରାଯାଇଛି। ଅର୍ଥନୀତିକୁ କୌଣସି କ୍ଷତି ନ' ପହଞ୍ଚାଇ ଲୋକଙ୍କୁ ଟିକସ କାଟ୍ ଜନିତ ଲାଭ, ଚାଷୀଙ୍କୁ ପ୍ରୋତ୍ସାହନ, ଶ୍ରମିକ ଓ ଅନ୍ୟାନ୍ୟ ବର୍ଗଙ୍କ କଲ୍ୟାଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଲୋକଙ୍କ ହାତକୁ ଅଧିକ ନଗଦ ଟଙ୍କା ଗଲେ ଖାଉଟି ଅର୍ଥନୀତି ବିକଶିତ ହୁଏ ବୋଲି ଆଧୁନିକ ଅର୍ଥନୀତିଜ୍ଞମାନେ ମତ ଦିଅନ୍ତି। ଏଥର ବଜେଟରେ ଠିକ୍ ସେଇପରି ପଦକ୍ଷେପ ନେଇ ସରକାର ଲୋକଙ୍କ ହାତକୁ ଅଧିକ ନଗଦ ଦେବାର ପ୍ରୟାସ କରିଛନ୍ତି। ଏହା ଫଳରେ ଦେଶର ଅର୍ଥନୀତି ଓ ଖାଉଟି ସଂସ୍କୃତି ଯେ ଲାଭବାନ ହେବ ଓ ଅଭିବୃଦ୍ଧି ବଢ଼ିବ ତାହା କହିଲେ ଭୁଲ ହେବ ନାହିଁ।

**ଲେଖକ ହେଉଛନ୍ତି କର୍ପୋରେଟ୍ ଟାଇକନ୍‌ର କାର୍ଯ୍ୟନିର୍ବାହୀ ସମ୍ପାଦକ।**
**Email ID: ashoktnex@gmail.com**

### ଆପଣ ଜାଣନ୍ତି କି ?

# ରାଷ୍ଟ୍ରୀୟ ଭର୍ଚୁଆଲ ପାଠାଗାର

ଦେଶରେ ଯେଉଁ ଜାତୀୟ ପାଠାଗାର ଅଭିଯାନ (ଏନ୍‌ଏମ୍‌ଏଲ୍) ଚାଲିଛି ରାଷ୍ଟ୍ରୀୟ ଭର୍ଚୁଆଲ ପାଠାଗାର (ନ୍ୟାସ୍‌ନାଲ ଲାଇବ୍ରେରୀ ଅଫ୍ ଇଣ୍ଡିଆ) ତାହାର ଏକ ଅଂଶ ବିଶେଷ। ସଂସ୍କୃତି ମନ୍ତ୍ରଣାଳୟ ଆନୁକୂଲ୍ୟରେ କାର୍ଯ୍ୟ କରୁଥିବା ଏହି ପାଠାଗାର ଦେଶର ସବୁ ସରକାରୀ ପାଠାଗାରଗୁଡ଼ିକର ନବୀକରଣ କରି ଏହାକୁ ଡିଜିଟାଲ ବ୍ୟବସ୍ଥାରେ ପରସ୍ପର ସହ ସଂଯୋଗ କରୁଛି। ୨୦୧୪ରୁ ଏହା କାର୍ଯ୍ୟ ଆରମ୍ଭ କରିଛି। ଏହାର ପ୍ରଥମ ଲକ୍ଷ୍ୟ ହେଲା ଭାରତର ଡିଜିଟାଲ ସମ୍ବଳକୁ ଏକାଠି କରି ଏକ ପୂର୍ଣ୍ଣାଙ୍ଗ ଡାଟାବେସ୍ ପ୍ରସ୍ତୁତ କରିବା ଏବଂ ଏହାର ଲାଭ ଉଠାଇବାକୁ ଜ୍ଞାନପିପାସୁମାନଙ୍କୁ ମୁକ୍ତ ପରିବେଶ ଯୋଗାଇବା।

**ପାଠାଗାରର ପ୍ରମୁଖ ବୈଶିଷ୍ଟ୍ୟ:**

ପ୍ରଥମତଃ ଏହା ବହୁଭାଷୀ ୟୁଜର ଇଣ୍ଟରଫେସ୍ ପାଇଁ ସର୍ଚ୍ଚିଂ ସୁବିଧା ଯୋଗାଉଛି। ଦ୍ୱିତୀୟରେ ଏହା ଭର୍ଚୁଆଲ ଲର୍ଣ୍ଣିଂ ପାଇଁ ଏକ ଅନୁକୂଳ ପରିବେଶ ଓ ସୁବିଧାସୁଯୋଗ ସୃଷ୍ଟି କରୁଛି। ତୃତୀୟରେ ଏହା ଡାଟା ଆନାଲିସିସ୍ ମାଧ୍ୟମରେ ଇ-ପ୍ରଶାସନ ପାଇଁ ଏକ ପ୍ଲାଟଫର୍ମ ଯୋଗାଉଛି ଏବଂ ଚତୁର୍ଥରେ ଏହା ମଲ୍ଟିଲିଙ୍ଗୁଆଲ ସର୍ଚିଂ ଏବଂ ଥେସାରସଭିତ୍ତିକ ରିଟ୍ରାଇଭିଂ ସୁବିଧା ପ୍ରଦାନ କରୁଛି।

ସଂକ୍ଷେପରେ କହିଲେ ଏହାର ମୌଳିକ ଲକ୍ଷ୍ୟ ହେଲା ଏକ ବିରାଟ ଅନ୍‌ଲାଇନ୍ ଲାଇବ୍ରେରୀ ସୁବିଧା ସୃଷ୍ଟି କରିବା, ଯଦ୍ୱାରା ବିଭିନ୍ନ କ୍ଷେତ୍ର ଓ ସ୍ଥାନରେ ଉପଲବ୍ଧ ହେଉଥିବା ତଥ୍ୟାବଳୀ, ବିଦ୍ୟା ଓ ତତ୍‌ସଂକ୍ରାନ୍ତ ସମ୍ବଳକୁ ଅନଲାଇନ୍ ବ୍ୟବସ୍ଥାରେ ଗୋଟିଏ ପ୍ଲାଟଫର୍ମରେ ବ୍ୟବହାରକାରୀ, ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ଯୋଗାଇଦେବା। ଏହା ଫଳରେ ଗବେଷକ, ଛାତ୍ରଛାତ୍ରୀ, ବିଷୟ ବିଶାରଦ, ଚିକିତ୍ସକ, ପେସାଦାର ଓ ଅନ୍ୟମାନେ ବିଶେଷ ଉପକୃତ ହେବେ। ସେମାନଙ୍କୁ ଆଉ ଆଗଭଳି ଗବେଷଣା ବା ଅନୁଧ୍ୟାନ ପାଇଁ ତଥ୍ୟ ସଂଗ୍ରହ କରିବାକୁ ବିଭିନ୍ନ ସ୍ଥାନ, ଶିକ୍ଷାନୁଷ୍ଠାନ ବା




ଲାଇବ୍ରେରୀକୁ ଦୌଡ଼ିବାକୁ ପଡ଼ିବ ନାହିଁ। ବଡ଼କଥା ହେଲା ଏହି ସବୁ ତଥ୍ୟ ଭବିଷ୍ୟତ ବ୍ୟବହାର ପାଇଁ ମଧ୍ୟ ସଂରକ୍ଷିତ ହୋଇପାରିବ। ଏହା ମଧ୍ୟ ସାମାଜିକ, ଆର୍ଥିକ ଓ ଶାରୀରିକ ଅନଗ୍ରସରଙ୍କ ପାଇଁ ବିଶେଷ ସହାୟକ ହେବ। ଏକ ଜ୍ଞାନଭିତ୍ତିକ ସମାଜ ସୃଷ୍ଟି କରିବାରେ ଏହା ଏକ ସୂଚନା ବ୍ୟବସ୍ଥା ତିଆରି କରିବା ସହ ଲୋକଙ୍କୁ ସଶକ୍ତ ଓ ଦକ୍ଷ କରିବ।

ରାଷ୍ଟ୍ରୀୟ ଭର୍ଚୁଆଲ ଜ୍ଞାନଭୁବନ ପ୍ରକଳ୍ପ ସୃଷ୍ଟି ପାଇଁ ୭୨.୩୪ କୋଟି ଟଙ୍କାର ବ୍ୟୟବରାଦ ହୋଇଛି ଓ ଏହାର ପ୍ରସ୍ତୁତି ଦାୟିତ୍ୱ ଆଇଆଇଟି ବମ୍ବେ ଉପରେ ନ୍ୟସ୍ତ କରାଯାଇଛି। ପୁଣେର ସି-ଡାକ୍ ଏବଂ ଦିଲ୍ଲୀର ଇଗ୍ନୋ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି। ଆଜି ସୁଦ୍ଧା ଏହି ପ୍ରକଳ୍ପ ପାଇଁ ବମ୍ବେ ଆଇଆଇଟିକୁ ୭୧.୭୮କୋଟି ଟଙ୍କା ଯୋଗାଇ ଦିଆଯାଇଛି। ଏହାର କୋର୍ ସଫ୍ଟୱେର, ଆପ୍ଲିକେସନ ଓ କ୍ଲାଉଡ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ବିକଶିତ ହୋଇସାରିଲାଣି। ୨୦୧୮ ଫେବ୍ରୁଆରୀ ୧୫ରେ ଏହାର ସଫ୍ଟଲଞ୍ଚ କରାଯାଇଛି। ମେଟାଡାଟା ହାରଭେଷ୍ଟିଂ ଓ ଏହାର କ୍ୟୁରେସନ କାର୍ଯ୍ୟ ଆଗେଇ ଚାଲିଛି। ଚୁକ୍ତି ମୁତାବକ ତିନିବର୍ଷ ମଧ୍ୟରେ ଅର୍ଥାତ୍ ଚଳିତ ବର୍ଷ ଏପ୍ରିଲ ୨୬ ତାରିଖ ସୁଦ୍ଧା ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହେବ।

**ଆଦର୍ଶ ପାଠାଗାର ନିର୍ମାଣ:**

ଜାତୀୟ ପାଠାଗାର ଅଭିଯାନ ଯୋଜନାରେ ୩୫ଟି ପ୍ରାଦେଶିକ କେନ୍ଦ୍ରୀୟ ପାଠାଗାରକୁ ଅନ୍ତର୍ଭୁକ୍ତ କରାଯିବ। ଏହାଛଡ଼ା ୩୫ ଜିଲା ପାଠାଗାର, ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ୬ଟି ପାଠାଗାରକୁ ଯୋଡ଼ାଯିବ। ଏଥିପାଇଁ ଇତିମଧ୍ୟରେ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୪୧ଟି ପ୍ରସ୍ତାବ ଆସିଛି।

ରାଷ୍ଟ୍ରୀୟ ଭର୍ଚୁଆଲ ଜ୍ଞାନଭୁବନ ପୋର୍ଟାଲରେ ୧୦ଟି ଜାତୀୟ ମ୍ୟୁଜିୟମ୍, ଏଏସ୍ଆଇ ସାଇଟ୍ ମ୍ୟୁଜିୟମ୍, ଏଏସ୍ଆଇର ଲାଇବ୍ରେରୀ, ଜାତୀୟ ସାଂସ୍କୃତିକ ଦୃଶ୍ୟଶ୍ରାବ୍ୟ ସଂଗ୍ରହାଳୟ, ଜାତୀୟ ଅଭିଲେଖାଗାର ଭଳି ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାର ତଥ୍ୟାବଳୀ ଉପଲବ୍ଧ ହେବ। ଏପର୍ଯ୍ୟନ୍ତ ଏହି ଜ୍ଞାନଭୁବନରେ ୬୯,୯୫,୬୬୯ ନଥି ସ୍ଥାନିତ ହେଲାଣି।

*(ତଥ୍ୟ : ପିଆଇବି ଓ ଏନ୍‌ଭିଏଲ୍ଆଇ ପୋର୍ଟାଲ)*

## ଆମ ପୁସ୍ତକ

# ସିଲେକ୍ଟେଡ୍ ସ୍ପିଚେସ୍

### ଭଲ୍ୟୁମ୍-୧

# ଏମ୍. ଭେଙ୍କେୟା ନାଇଡୁ


### ଭାଇସ୍ ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ

### ମୋଟ୍ ପୃଷ୍ଠା: ୪୪୪

### ହାର୍ଡ ବାଇଣ୍ଡିଂ ପୁସ୍ତକ ମୂଲ୍ୟ: ୭୮୦ ଟଙ୍କା

### ପେପର୍ ବାଇଣ୍ଡିଂ ପୁସ୍ତକ ମୂଲ୍ୟ: ୬୭୦ ଟଙ୍କା

### ପ୍ରକାଶକ: ପ୍ରକାଶନ ବିଭାଗ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ଭାରତ ସରକାର




ଏହି ପୁସ୍ତକ ଶ୍ରୀ ଏମ୍. ଭେଙ୍କେୟା ନାଇଡୁ ଗତ ୧୧ ଅଗଷ୍ଟ ୨୦୧୭ରେ ୧୩ତମ ଉପରାଷ୍ଟ୍ରପତି ପଦରେ ଅଳଙ୍କୃତ ହେବାପରେ ତାଙ୍କ ଦ୍ୱାରା ଦିଆଯାଇଥିବା ଭାଷଣର ଏକ ପ୍ରମୁଖ ସଂକଳନ। ମାନନୀୟ ଉପରାଷ୍ଟ୍ରପତି ବିଗତ ୧ ବର୍ଷ ମଧ୍ୟରେ ବିଭିନ୍ନ ସମ୍ମିଳନୀ/ବୈଠକରେ ଯୋଗଦାନ କରି ସମ୍ବୋଧିତ କରିଛନ୍ତି। ଏଥିରେ ଶିକ୍ଷାଠାରୁ ଆରମ୍ଭ କରି ରାଷ୍ଟ୍ରୀୟ ସୁରକ୍ଷା, ସଂସ୍କୃତି, ବିଜ୍ଞାନ ଏବଂ ଟେକ୍ନୋଲୋଜୀ ସହ ବିଭିନ୍ନ ବିଷୟରେ ଦେଇଥିବା ଭାଷଣ ସମ୍ମିଳିତ ଅଛି। ମାନନୀୟ ଉପରାଷ୍ଟ୍ରପତି ଦେଶର ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶରେ ଅନେକ ଦୀକ୍ଷାନ୍ତ ସମାରୋହରେ ସମ୍ବୋଧିତ କରିବା ସହ ପ୍ରମୁଖ ତଥା ସ୍ମାରକ ବ୍ୟାଖ୍ୟାନ ପ୍ରଦାନ କରିଛନ୍ତି।

ଏହି ପୁସ୍ତକରେ ମାନନୀୟ ଉପରାଷ୍ଟ୍ରପତିଙ୍କର ୯୨ଟି ଭାଷଣ ରହିଛି। ଏହାକୁ ୬ଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା- 'ଫଙ୍କସନିଂ ଅଫ୍ ଲେଜିସ୍‌ଲେଚର', 'ନେସନ୍ ଆଣ୍ଡ୍ ନ୍ୟାସନାଲିଜିମ୍', 'ପଲିଟି ଆଣ୍ଡ୍ ଗଭର୍ଣ୍ଣାନ୍ସ', 'ଇକନୋମିକ୍ ଡେଭଲପ୍‌ମେଣ୍ଟ', 'ମିଡିଆ' ଏବଂ 'ଇଣ୍ଡିଆ ଆଣ୍ଡ୍ ଦ ୱାର୍ଲ୍ଡ'।

ଏସବୁ ସମ୍ବୋଧନରେ ଦେଶ ସମ୍ମୁଖରେ ଉପସ୍ଥିତ ବିଭିନ୍ନ ସମସ୍ୟା ସମ୍ପର୍କରେ ମାନନୀୟ ଉପରାଷ୍ଟ୍ରପତିଙ୍କ ବିଚାରଧାରା ଏବଂ ଦୃଷ୍ଟିକୋଣ ନିହିତ ରହିଛି। ଭାଷଣର ଚୟନ ଓ ସମ୍ପାଦନ ଶୈଳୀ ନିରନ୍ତର ପଠନ ଏବଂ ପାଠକଙ୍କ ସରଳତାକୁ ଦୃଷ୍ଟିରେ ରଖି କରାଯାଇଛି। ଏସବୁ ଭାଷଣ ପାଠକଙ୍କ ଚିନ୍ତାଧାରାକୁ ବ୍ୟାପକ କରିବାରେ ସାହାଯ୍ୟ କରିବା ସହ ଶ୍ରୀ ଏମ୍. ଭେଙ୍କେୟା ନାଇଡୁଙ୍କ ଦୃଷ୍ଟିକୋଣକୁ ମଧ୍ୟ ପରିପ୍ରକାଶ କରିଛି।

ଏହି ପୁସ୍ତକକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରକାଶନ ବିଭାଗ ତରଫରୁ ପ୍ରକାଶିତ କରାଯାଇଛି। ଏହି ପୁସ୍ତକ ବୁକ୍ ଗ୍ୟାଲେରୀ, ପ୍ରକାଶନ ବିଭାଗ, ସୂଚନା ଭବନ, ସିଜିଓ କମ୍ପ୍ଲେକ୍ସ, ଲୋଧି ରୋଡ୍, ନୂଆଦିଲ୍ଲୀରେ ଉପଲବ୍ଧ। ଏହି ପୁସ୍ତକର ପ୍ରିଣ୍ଟ୍ ସଂସ୍କରଣ ମଧ୍ୟ ଅନ୍‌ଲାଇନ୍ www.bhartkosh.gov.inରେ ବିକ୍ରୟ ହେଉଛି। ଏହାର ଇ-ଭର୍ସନ୍ ଆମାଜନ୍ ଏବଂ ଗୁଗଲ୍ ପ୍ଲେ'ରେ ଉପଲବ୍ଧ।

ପୁସ୍ତକ ପାଇବା ପାଇଁ - businesswng@gmail.comରେ ଯୋଗାଯୋଗ କରନ୍ତୁ।


ପ୍ରକାଶନ ବିଭାଗ ପାଖରେ ରହିଛି ୨୦୦ରୁ ଊର୍ଦ୍ଧ୍ୱ ଇ-ପୁସ୍ତକ
ବର୍ତ୍ତମାନ ଅନଲାଇନ ମାଧ୍ୟମରେ ଉପଲବ୍ଧ
ବିକ୍ରୟ :
play. google.com
kobo.com
amazon.in
BUILDERS OF MODERN INDIA
GREAT MEN GREAT DEEDS
ऐसे थे बापू
THE GOSPEL OF BUDDHA
SARDAR PATEL
AFTER PARTITION
PLAYING TABLA
BELIEF IN THE BALLOT
ପ୍ରକାଶନ ବିଭାଗ
ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
ଇ-ପୁସ୍ତକ ସମ୍ପର୍କିତ ସମ୍ପୂର୍ଣ୍ଣ ସୂଚୀ: Publicationsdivision.nic.inରେ ଉପଲବ୍ଧ

## FORM IV

Statement about Ownership and other particulars about **Yojana (Odia) (To be published in the first issue every year after the last day of February)**

| | | | |
|---|---|---|---|
| 1. | Place of Publication | : | Bhubaneswar |
| 2. | Periodicity of Publication | : | Monthly |
| 3. | Printer's Name | : | Dr. Sadhana Rout |
| 4. | Nationality | : | Indian |
| | Address | : | Publications Division, Soochna Bhavan, New Delhi - 110 003. |
| 5. | Publisher's Name | : | Dr. Sadhana Rout |
| | Nationality | : | Indian |
| | Address | : | Publications Division, Soochna Bhavan, New Delhi - 110 003. |
| 6. | Editor's Name | : | Dr. G.C.DASH |
| | Nationality | : | Indian |
| | Address | : | PRO,CPRF Block No.1, C.G.O Complex Lodhi Road, New Delhi-110003 |
| 7. | Name & Address of Individual who own the newspaper and Partner or shareholder holding more than one Percent of the total capital. | : | Wholly owned by Ministry of Information & Broadcasting, Government of India, New Delhi - 110 001. |


I, **Sadhana Rout** , hereby declare that the particular given above are true to the best of my Knowledge and belief.

(Dr.Sadhana Rout )

**Date: 15.02.2019**

Signature of Publisher

# ମାନନୀୟ ଉପରାଷ୍ଟ୍ରପତି ଏମ୍. ଭେଙ୍କେୟା ନାଇଡୁଙ୍କ ଭାଷଣ ସମ୍ବଳିତ ପୁସ୍ତକ ଲୋକାର୍ପିତ



ମାନନୀୟ ଉପରାଷ୍ଟ୍ରପତି ଏମ୍. ଭେଙ୍କେୟା ନାଇଡୁଙ୍କ ଉପସ୍ଥିତିରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ତାଙ୍କର କିଛି ପ୍ରମୁଖ ନିର୍ବାଚିତ ଭାଷଣ ଆଧାରିତ ପୁସ୍ତକ 'ସିଲେକ୍ଟେଡ୍ ସ୍ପିଚ୍' (ସଂଖ୍ୟା-୧)କୁ ଭାରତ ରତ୍ନ ତଥା ପୂର୍ବତନ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀ ଗତ ଫେବୃଆରୀ ୧୫ ତାରିଖରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଲୋକାର୍ପଣ କରିଥିଲେ। ଏହି ଅବସରରେ ମାନନୀୟ କେନ୍ଦ୍ରୀୟ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ଥାୱାରଚାନ୍ଦ ଗେହଲଟ୍, ମାନନୀୟ ଯୁବ ଓ କ୍ରୀଡ଼ା ଏବଂ ସୂଚନା ପ୍ରସାରଣ ରାଜ୍ୟ ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ରାଜ୍ୟବର୍ଦ୍ଧନ ରାଠୋର୍, ରାଜ୍ୟସଭାର ଉପସଭାପତି ଶ୍ରୀ ହରିବଂଶ, ଉପରାଷ୍ଟ୍ରପତିଙ୍କ ସଚିବ ଡକ୍ଟର ଆଇଭି ସୁବାରାଓ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଶ୍ରୀ ଅମିତ୍ ଖାରେ ତଥା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉପସ୍ଥିତ ଜନସାଧାରଣଙ୍କ ସହ ନିମନ୍ତ୍ରିତ ଅତିଥିବୃନ୍ଦ ମଧ୍ୟ ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ସହିଦ୍ ହୋଇଥିବା ସିଆର୍‌ପିଏଫ୍ ଯବାନଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।

ଏହି ଅବସରରେ ମାନନୀୟ ଉପରାଷ୍ଟ୍ରପତି ପୁସ୍ତକର ଲୋକାର୍ପଣ ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ପ୍ରକାଶନ ବିଭାଗକୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ସେ କହିଥିଲେ ଏହିସବୁ ହେଉଛି ହିତାଧିକାରୀଙ୍କ ବିବେକ ଜାଗ୍ରତ କରିବାର ଏକ ଗଭୀର ପ୍ରୟାସ। ଫଳରେ ଆତ୍ମନିରୀକ୍ଷଣ କରି ଦେଶକୁ ଏକ ନୂତନ ଉଚ୍ଚ ସ୍ଥାନରେ ସ୍ଥାନିତ କରିବାକୁ ନିଜର ଶକ୍ତି ଉପଯୋଗ କରିହେବ। ଯୁବ ଭାରତ ନିଜର ଭବିଷ୍ୟତକୁ ପରିଭାସିତ ଏବଂ ହାସଲ କରିବାକୁ ପ୍ରୟାସ ଜାରି ରଖିଛି। ଏହି ଅବସରରେ ଆମର ଅତୀତକୁ ସ୍ମରଣ କରି ଏବଂ ବର୍ତ୍ତମାନ ଉପରେ ବିଚାର ବିମର୍ଷ କରି ମୁଁ ଏହି ଦିଗରେ ପ୍ରୟାସ କରିଛି।' ଶ୍ରୀ ନାଇଡୁ, ଦେଶ ଓ ବିଭିନ୍ନ ଅନୁଷ୍ଠାନ ସମ୍ପର୍କିତ ତାଙ୍କର ଅନେକ ବିଚାର ଓ ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ। ଏହା ବ୍ୟତୀତ ସେ ଅତୀତକୁ ଆଧାର କରି ଜନସାଧାରଣଙ୍କ ଉନ୍ନତ ଭବିଷ୍ୟତ ନିମନ୍ତେ ମିଳିତ ଉଦ୍ୟମ ଦରକାର ଏବଂ ବର୍ତ୍ତମାନ ଦେଖାଦେଉଥିବା ସମସ୍ୟାର ଦୃଢ଼ ମୁକାବିଲା ପାଇଁ ସେ ଜୋର୍ ଦେଇଥିଲେ।

ମାନନୀୟ ପୂର୍ବତନ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀ ଏହି ଅବସରରେ ଶ୍ରୀ ଏମ୍. ଭେଙ୍କେୟା ନାଇଡୁଙ୍କ ସହ ବିତାଇଥିବା ଦୀର୍ଘ ଦିନର ଅନୁଭୂତି ବର୍ଣ୍ଣନା କରିବା ସହ ଏହି ପୁସ୍ତକର ଲୋକାର୍ପଣ ପାଇଁ ମାନନୀୟ ଉପରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ମୁଖାର୍ଜୀ କହିଥିଲେ- 'ଶ୍ରୀ ନାଇଡୁଙ୍କ ଦ୍ୱାରା ପ୍ରଦତ୍ତ ଭାଷଣ ସାର୍ବଜନୀନ ଜୀବନର ଅନେକ ସମୃଦ୍ଧ ଅନୁଭବ, ଭାରତର ଭବିଷ୍ୟତ ନିମନ୍ତେ ଦୃଷ୍ଟିକୋଣ ଏବଂ ଆକାଙ୍କ୍ଷା ଓ ଆଶା ଦର୍ଶାଉଛି।' ଉତ୍କୃଷ୍ଟ ଡିଜାଇନ୍, ଅକ୍ଷର ସାଜସଜ୍ଜାରେ ପରିପୂର୍ଣ୍ଣ ଏହି ପୁସ୍ତକକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପ୍ରକାଶିତ କରିଥିବାରୁ ସେ ମନ୍ତ୍ରଣାଳୟକୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀ ମୁଖାର୍ଜୀ କହିଥିଲେ ଯେ, ତାଙ୍କ ସମୟରେ ସେ ରାଷ୍ଟ୍ରପତି ପଦରେ ଥିବାବେଳେ ପ୍ରକାଶନ ବିଭାଗ ତରଫରୁ ରାଷ୍ଟ୍ରପତି ଭବନ ସମ୍ପର୍କିତ ୧୩ରୁ ଅଧିକ ବିଶ୍ୱସ୍ତରୀୟ ପୁସ୍ତକ ପ୍ରକାଶିତ ହୋଇଛି।

ଏହି ଅବସରରେ ମାନନୀୟ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) କର୍ଣ୍ଣେଲ୍ ରାଜ୍ୟବର୍ଦ୍ଧନ ରାଠୋର୍ କହିଥିଲେ- "ମୁଁ ଉପରାଷ୍ଟ୍ରପତିଙ୍କ ସହ ଅନେକ ବର୍ଷ କାର୍ଯ୍ୟ କରିଛି ଏବଂ ଏହା ସମ୍ମାନର କଥା। ତାଙ୍କର ବିବେକ, ଦୃଷ୍ଟି ଏବଂ ଚିନ୍ତାଧାରା ସବୁକିଛି ତାଙ୍କ ଭାଷଣରେ ଲିପିବଦ୍ଧ ହୋଇଛି। ଏସବୁ ବର୍ତ୍ତମାନ ପୁସ୍ତକ ଆକାରରେ ପ୍ରକାଶିତ ହୋଇଛି।" ସେ ଆହୁରି ମଧ୍ୟ କହିଥିଲେ ଯେ, ଆଜିର ଯୁବପୀଢ଼ି ସେସବୁ ପୁସ୍ତକଗୁଡ଼ିକୁ ଅଧ୍ୟୟନ କରିବା ଉଚିତ୍। ଏହି ପୁସ୍ତକ ବର୍ତ୍ତମାନ ଅନ୍‌ଲାଇନ୍, ବୁକ୍ ଷ୍ଟଲ୍ ଏବଂ ଇ-ଫର୍ମାଟ୍‌ରେ ମଧ୍ୟ ସହଜରେ ଉପଲବ୍ଧ।

ଏହି ପୁସ୍ତକ 'ସିଲେକ୍ଟେଡ୍ ସ୍ପିଚେସ୍ ଅଫ୍ ଶ୍ରୀ ଏମ୍. ଭେଙ୍କେୟା ନାଇଡୁ, ଉପରାଷ୍ଟ୍ରପତି ଭାରତ'ରେ ୯୨ଟି ଭାଷଣର ଉଦ୍ଧୃତାଂଶ ରହିଛି। ଏସବୁ ୬ଟି ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା- 'ଫଙ୍କସନିଂ ଅଫ୍ ଲେଜିସ୍‌ଲେଚର', 'ନେସନ୍ ଆଣ୍ଡ୍ ନ୍ୟାସ୍‌ନାଲିଜିମ୍', 'ପଲିଟି ଆଣ୍ଡ୍ ଗଭର୍ଣ୍ଣାନ୍ସ', 'ଇକନୋମିକ୍ ଡେଭଲପ୍‌ମେଣ୍ଟ', 'ମିଡିଆ' ଏବଂ 'ଇଣ୍ଡିଆ ଆଣ୍ଡ୍ ଦ ୱାର୍ଲ୍ଡ'। ଏହି ପୁସ୍ତକ ବୁକ୍ ଗ୍ୟାଲେରୀ, ପ୍ରକାଶନ ବିଭାଗ, ସୂଚନା ଭବନ, ସିଜିଓ କମ୍ପ୍ଲେକ୍ସ, ନୂଆଦିଲ୍ଲୀରେ ଉପଲବ୍ଧ।

www.bharatkosh.gov.inରେ ଅନ୍‌ଲାଇନ୍‌ରେ ଏବଂ ଏହାର ଇ-ଭର୍ସନ୍ ଆମାଜନ୍ ଓ ଗୁଗଲ୍ ପ୍ଲେ ଷ୍ଟୋର୍‌ରେ ଉପଲବ୍ଧ।

YOJANA (Odia) : Monthly
March 2019
RNI No. 57203/93
ISSN 0971-8346
Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ୍ ସର୍ଭିସ୍ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ୍ ସର୍ଭିସ୍ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାମ୍ପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟି ସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଏବଂ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ। ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି।

## ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ।

## ଓଡ଼ିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

● ଅକ୍ଷୟ କୁମାର ନାୟକ, ବସ୍‌ଷ୍ଟାଣ୍ଡ୍ ବୁକ୍ ଷ୍ଟଲ୍, ଭୁବନେଶ୍ୱର-୯ ● ମାଧବ ବୁକ୍ ଷ୍ଟୋର୍, ବାଦାମବାଡ଼ି, କଟକ-୯ ● ମୂର୍ତ୍ତି ନ୍ୟୁଜ୍ ଏଜେନ୍ସି, ଓଲ୍ଡ ବସ୍‌ଷ୍ଟାଣ୍ଡ୍, ବ୍ରହ୍ମପୁର, ଗଞ୍ଜାମ ● ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ୍, ଭାପୁର- ଶଙ୍କରପୁର ରୋଡ୍, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା

## "ଯୋଜନା"ର ଗ୍ରାହକ ଦେୟ

ପ୍ରତି ଖଣ୍ଡ- ୨୨/-ଟଙ୍କା, ବାର୍ଷିକ- ୨୩୦/-ଟଙ୍କା, ଦ୍ୱିବାର୍ଷିକ- ୪୩୦/- ଟଙ୍କା, ତ୍ରୈବାର୍ଷିକ-୬୧୦/- ଟଙ୍କା, ବିଶେଷାଙ୍କ- ୩୦/-

## ଗ୍ରାହକ ଦେୟ ପଠାଇବା ଠିକଣା:

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The Subscription may by sent through IPO/MO or Bank Draft in favour of the "Director, Publications Division, Ministry of Information & Broadcasting, New Delhi"**

Printed and Published by Dr. Sadhana Rout, Director General & Head, on behalf of Publications Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: I G Printers Pvt. Ltd., Okhla Industrial Area, New Delhi - 110020
Editor : Dr. Girish Chandra Dash